

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୩୦ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 30 MAY 2023
Vol.No. 34 ■ No. 142 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସରକାର ଆରମ୍ଭ କଲେ ମୋ ଘର ଯୋଜନା

ଭୁବନେଶ୍ୱର , ୨୯/୦୫ (ନି.ପ୍ର): ରାଜ୍ୟ ସରକାର ନୂଆ ଯୋଜନା ଫମୋ ଘର'ର ଶୁଭାରମ୍ଭ କରିଛନ୍ତି। ନିମ୍ନ ଓ ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ମୋ ଘର ଯୋଜନାକୁ ଅନୁମୋଦନ କରିଛି ରାଜ୍ୟ କ୍ୟାବିନେଟ୍ । ଏଥିରେ ବର୍ତ୍ତମାନର ଗୃହ ନିର୍ମାଣ ଯୋଜନାର କଠୋର ଚୟନ ମାନଦଣ୍ଡରେ ବାଦ୍ ପଡିଥିବା ପରିବାର ଉପକୃତ ହେବେ। ପୂର୍ବରୁ ସ୍ୱଳ୍ପ ଗୃହ ନିର୍ମାଣ ସହାୟତା ପାଇଥିବା ପରିବାର ମଧ୍ୟ ଏହି ଯୋଜନାରେ ଘରର ଉନ୍ନତିକରଣ ବା ସଂପ୍ରସାରଣ କରିପାରିବେ । ଯୋଜନାରେ ହିତାଧିକାରୀ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇପାରିବେ । ପ୍ରଥମ ବର୍ଷ ରିହାତି ଅବଧିକୁ ବାଦ ଦେଇ ପରବର୍ତ୍ତୀ ୧୦ବର୍ଷ ମଧ୍ୟରେ ଋଣ ପରିଶୋଧ କରିବାକୁ ହେବ। ପରିବାର କଚ୍ଚା ଘରେ କିମ୍ବା ଗୋଟିଏ କୋଠରୀ ଥିବା କଂକ୍ରିଟ୍ ଛାତ ଘରେ ରହୁଥିଲେ ଏହି ଯୋଜନାରେ ସାମିଲ ହୋଇପାରିବେ । ପରିବାରର ମାସିକ ଆୟ ୨୫ ହଜାରରୁ କମ୍ ଥିବ । ପରିବାରର ବ୍ୟକ୍ତିଗତ ବ୍ୟବହାର ପାଇଁ କାର୍ ନଥିବ । ପରିବାରର କୌଣସି ସଦସ୍ୟ ସରକାରୀ କିମ୍ବା ସରକାରୀ ଉଦ୍ୟୋଗରେ ନିୟମିତ କର୍ମଚାରୀ କିମ୍ବା ପେନସନଭୋଗୀ ହୋଇନଥିବେ । ୫ ଏକର ଜଳସେଚିତ କିମ୍ବା ୧୫ଏକର ଅଣଜଳସେଚିତ ଜମିରୁ କମ ଜମି ଥିବା ପରିବାର ଏହି ଯୋଜନାରେ ଲାଭ ପାଇପାରିବେ । ରାଜ୍ୟ କ୍ୟାବିନେଟ୍‌ରେ ୧୮ ପ୍ରସ୍ତାବକୁ ମଞ୍ଜୁରୀ, 'ମୋ ଘର' ଉପରେ



ଲାଗିଲା ମୋହର ଗୃହ ନିର୍ମାଣ ପରେ ରାଜ୍ୟ ସରକାର ସମସ୍ତ ହିତାଧିକାରୀଙ୍କୁ ଋଣ ପରିମାଣ ଅନୁଯାୟୀ ସବସିଡି ରାଶି ପ୍ରଦାନ କରିବେ। ଅନୁସୂଚିତ ଜାତି, ଜନଜାତି ଏବଂ ଭିନ୍ନକ୍ଷମ ମୁଖ୍ୟ ଥିବା ପରିବାରଙ୍କ ପାଇଁ ଅତିରିକ୍ତ ସବସିଡି ରାଶି ପ୍ରଦାନ କରାଯିବ। ଋଣ ପାଇଁ ଇଚ୍ଛୁକ ବ୍ୟକ୍ତି ଆବେଦନ କରିବା ପୂର୍ବରୁ ଯୋଜନା ପାଇଁ ଥିବା ନିର୍ଦ୍ଧିଷ୍ଟ ୱେବସାଇଟରେ ପଞ୍ଜିକରଣ କରିବାକୁ ପଡିବ। ଜୁନ୍ ୧୬ତାରିଖରୁ ଆବେଦନ ଗ୍ରହଣ କରାଯିବ। ଆବେଦନକାରୀ ନିଜେ କିମ୍ବା ମୋ ସେବା କେନ୍ଦ୍ର ମାଧ୍ୟମରେ ଆବେଦନ ଦରଖାସ୍ତ ପୂରଣ କରିପାରିବେ। ପ୍ରାୟ ୪ଲକ୍ଷ ହିତାଧିକାରୀଙ୍କ ପାଇଁ ଦୁଇ ବର୍ଷରେ ୨୧ଶହ ୫୦କୋଟି ଟଙ୍କାର ଆର୍ଥିକ ବ୍ୟୟ ଆକଳନ କରାଯାଇଛି ।

## ମୌସୁମୀ ବାୟୁ ଅଗ୍ରସର ହେବାପାଇଁ ପାଗ ଅନୁକୂଳ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ମୌସୁମୀ ବାୟୁ ଆସିବା ପାଇଁ ପାଗ ଅନୁକୂଳ ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଆଗାମୀ ୨୪ ଘଂଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ ର ଆହୁରି କେତକ ଭାଗକୁ ଅଗ୍ରସର ହେବାପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ଉପଗ୍ରହ ରୁ ଏହା ସୂଚିତ ହେଉଛି ଯେ ଏହି ଅଂଚଳ ଗୁଡିକରେ ପାଗ ମେଘୁଆ ସହ ବର୍ଷା ଲାଗିରହିଛି। ସୂଚନାଯୋଗ୍ୟ ଯେ ଆସନ୍ତା ଜୁନ୍ ୪ ତାରିଖ ବେଳକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ଆଜିଠୁ ଆରମ୍ଭ ହେଲା ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା



ଭୁବନେଶ୍ୱର, ୨୯/୦୫ (ନି.ପ୍ର): ୨୦୨୩-୨୪ ଶିକ୍ଷାବର୍ଷରେ ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ ଆଜିଠୁ ଆବେଦନ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀମାନେ ଆସନ୍ତା ଜୁନ ୨୦ ଯାଏ ଆବେଦନ କରିପାରିବେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଅଧୀନ ବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମଲେଖା ହେବ। ପୂର୍ବାହ୍ନ ୧୧ଟାରେ ସାମ୍ସ ପୋର୍ଟାଲ ରେ କମନ୍ ଆପ୍ଲିକେସନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ଜୁନ୍ ୨୦ ସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ ଏବଂ ଜୁନ୍ ୨୮ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ।

## ୧୨ ଲକ୍ଷ ଟଙ୍କା ଲାଞ୍ଚ ନେଇ ଫସିଗଲେ ତହସିଲଦାର

ମୟୂରଭଂଜ, ୨୯/୦୫ (ନି.ପ୍ର): ୧୨ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡ଼ି ଯାଇଛନ୍ତି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ତହସିଲଦାର ଚାର୍ଲସ ନାୟକ। ଭିଜିଲାନ୍ସ ପକ୍ଷରୁ ଆଜି ତାଙ୍କର ୪ଟି ଠିକଣାରେ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ଜଣେ ବ୍ୟକ୍ତି ତାଙ୍କ ଜମି ହରାଇଛନ୍ତି। କ୍ଷତିପୂରଣ ବାବଦକୁ ତାଙ୍କୁ ୫୧ ଲକ୍ଷ ୭୫ ହଜାର ୮୧୦ ଟଙ୍କା ଦିଆଯାଇଛି। ସେହି ଅର୍ଥ ରିଲିଜ କରିବା ପାଇଁ ତହସିଲଦାର ଚାର୍ଲସ ନାୟକ ତାଙ୍କୁ ୧୨ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ଅର୍ଥ ଦୁଇଟି ବ୍ଲାଙ୍କ ଚେକ୍‌ରେ (ଗୋଟିଏରେ ୧୦ ଲକ୍ଷ ଓ ଅନ୍ୟଟିରେ ୨ ଲକ୍ଷ) ଦେବାକୁ ସେ ଉକ୍ତ ବ୍ୟକ୍ତିଙ୍କୁ କହିଥିଲେ। ୧୨ ଲକ୍ଷ ଟଙ୍କା ନଦେଲେ ତାଙ୍କୁ କ୍ଷତିପୂରଣ ରାଶି ମିଳିବନି ବୋଲି ତହସିଲଦାର କହିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଉକ୍ତ ବ୍ୟକ୍ତି ତହସିଲଦାରଙ୍କୁ ଦୁଇଟି ବ୍ଲାଂକ ଚେକ୍ ଦେଇଥିଲେ। ଲାଞ୍ଚ ଅର୍ଥ ନେବା ପାଇଁ ତହସିଲଦାରଙ୍କ ତରଫରୁ ଉକ୍ତ ଦୁଇଟି ଚେକ୍‌କୁ ବ୍ୟାଙ୍କରେ ଜମା କରାଯିବା ପରେ ଉକ୍ତ ବ୍ୟକ୍ତି ଜଣଙ୍କ ଘଟଣା ସଂପର୍କରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବାରିପଦା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରୁ ସର୍ଚ୍ଚ ୱାରେଣ୍ଟ ଆଣି ଆଜି ଭିଜିଲାନ୍ସ ପକ୍ଷରୁ ତହସିଲଦାର ଚାର୍ଲସ ନାୟକଙ୍କ ଚାରିଟି ଠିକଣାରେ ଚଢ଼ାଉ କରାଯାଇଛି। କରଞ୍ଜିଆ ସ୍ଥିତ ତାଙ୍କ ସରକାରୀ ବାସଭବନ ଓ ତହସିଲ ଅଫିସ ସ୍ଥିତ ତାଙ୍କ ରୁମ୍‌ରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେହିପରି କରଞ୍ଜିଆର ଆଉ ଏକ ସ୍ଥାନ ସହିତ ଭଦ୍ରକ ସ୍ଥିତ ତାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

## ରାଜ୍ୟ କ୍ୟାବିନେଟ ବୈଠକରେ ୧୮ଟି ପ୍ରସ୍ତାବ ଅନୁମୋଦିତ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ବୈଠକରେ ୧୮ଟି ପ୍ରସ୍ତାବ ଅନୁମୋଦିତ ହୋଇଥିବାର ସୂଚନା ମିଳିଛି। କ୍ୟାବିନେଟ୍ ବୈଠକରେ ଏକ ନୂଆ ଯୋଜନା 'ମୋ ଘର' ର ଶୁଭାରମ୍ଭକୁ ଅନୁମୋଦନ ମିଳିଛି। ଏହି ଯୋଜନାରେ ଗ୍ରାମୀଣ ଲୋକଙ୍କୁ ଘର ତିଆରି ପାଇଁ ସହାୟତା ଦେବେ ସରକାର । ଯଦି କୌଣସି ପରିବାର କଚ୍ଚା ଘରେ କିମ୍ବା ଗୋଟିଏ କଠୋରୀ ଥିବା କଂକ୍ରିଟ ଛାତ ଘରେ ବସବାସ କରୁଥାଏ। ଯଦି କୌଣସି ପରିବାର ପୂର୍ବରୁ ସରକାରଙ୍କ ଠାରୁ କୌଣସି ଗୃହ ନିର୍ମାଣ ଯୋଜନା ଅଧୀନରେ ସହାୟତା ପାଇ ନଥିବେ ଅଥବା ୭୦ ହଜାର ଟଙ୍କାରୁ କମ୍ ପରିମାଣର ସହାୟତା ପାଇଥିବେ।ଯେଉଁ ପରିବାରର ମାସିକ ଆୟ ୨୫ ହଜାର ଟଙ୍କାରୁ କମ୍ ଥିବ।ଯେଉଁ ପରିବାରର ବ୍ୟକ୍ତିଗତ ବ୍ୟବହାର ପାଇଁ ଏକ ଅଣବ୍ୟବସାୟିକ ମୋଟରଚାଳିତ ଚାରିଚକିଆ ଯାନ ନଥିବ।ଯେଉଁ ପରିବାରର କୌଣସି ସଦସ୍ୟ ସରକାରୀ କିମ୍ବା ସରକାରୀ ଉଦ୍ୟୋଗରେ ନିୟମିତ କର୍ମଚାରୀ କିମ୍ବା ପେନସନଭୋଗୀ ହୋଇ ନଥିବେ। ଯେଉଁ ପରିବାର ପାଖରେ ୫ ଏକରରୁ କମ୍ ଜଳସେଚିତ କିମ୍ବା ୧୫ ଏକରରୁ କମ୍ ଅଣଜଳସେଚିତ ଜମି ଥିବ ସେମାନେ ଏହି ଯୋଜନାରେ ସାମିଲ ହୋଇପାରିବେ। ଏହି ଯୋଜନାରେ ହିତାଧିକାରୀ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇବେ। ପ୍ରଥମ ବର୍ଷର ରିହାତି ଅବଧିକୁ ବାଦ୍ ଦେଇ ପରବର୍ତୀ ୧୦ ବର୍ଷ ମଧ୍ୟରେ ଋଣ ପରିଶୋଧ କରିବାକୁ ହେବ। ଏହି ଯୋଜନାରେ ୧ ଲକ୍ଷ, ୧.୫ ଲକ୍ଷ, ୨ ଲକ୍ଷ ଓ ୩ ଲକ୍ଷ ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା ରହିଛି। ୧ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୩୦ ହଜାର ଟଙ୍କା ଏବଂ ଅନୁସୂଚିତ ଜାତି/ଜନଜାତି/ଭିନ୍ନକ୍ଷମଙ୍କୁ ୪୦ ହଜାର ଟଙ୍କା ସବସିଡି ମିଳିବ। ୧.୫ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୪୫ ହଜାର ଟଙ୍କା ଏବଂ ଅନୁସୂଚିତ ଜାତି/ଜନଜାତି/ଭିନ୍ନକ୍ଷମଙ୍କୁ ୫୫ ହଜାର ଟଙ୍କାର ସବସିଡି ମିଳିବ। ୨ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୬୦ ହଜାର ଏବଂ ଅନୁସୂଚିତ ଜାତି/ଜନଜାତି/ଭିନ୍ନକ୍ଷମଙ୍କୁ ୭୦ ହଜାର, ୩ ଲକ୍ଷ ଟଙ୍କା ଋଣରେ ସାଧାରଣ ବର୍ଗଙ୍କୁ ୬୦ ହଜାର ଏବଂ ଅନୁସୂଚିତ ଜାତି/ଜନଜାତି/ଭିନ୍ନକ୍ଷମଙ୍କୁ ୭୦ ହଜାର ଟଙ୍କା ସବସିଡି ମିଳିବ। ହିତାଧିକାରୀ ଇଚ୍ଛା କଲେ ୧୦ ବର୍ଷ ପୂର୍ବରୁ ମଧ୍ୟ ଋଣ ପରିଶୋଧ କରିପାରିବେ ଓ ମାସିକ କିସ୍ତି ରାଶିର ପରିମାଣ ବୃଦ୍ଧି କରିପାରିବେ। ବ୍ୟାଙ୍କ ହିତାଧିକାରୀଙ୍କ



▶▶ପୃଷ୍ଠା ୭

## କେନ୍ଦ୍ରର ଦିଲ୍ଲୀ ଅଧ୍ୟାଦେଶ: ଆପ୍‌କୁ ସମର୍ଥନ କରିବନି କଂଗ୍ରେସ

ନୂଆଦିଲ୍ଲୀ, ୨୯/୦୫ (ନି.ପ୍ର): ଦିଲ୍ଲୀର ପୋଷ୍ଟିଂ ଓ ବଦଳିକୁ କେନ୍ଦ୍ର ସରକାର ଜାରି କରିଥିବା ଅଧ୍ୟାଦେଶ ପ୍ରସଙ୍ଗରେ ଆମ ଆଦମୀ ପାର୍ଟି(ଆପ୍)କୁ ମିଳିବନି କଂଗ୍ରେସର ସମର୍ଥନ। କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଥିବା ବେଳେ ଏହାକୁ ରାଜ୍ୟସଭାରେ ମାତ ଦେବାକୁ ଦିଲ୍ଲୀର କ୍ଷମତାସୀନ ଆପ୍ ସବୁ ବିରୋଧୀଙ୍କ ସହଯୋଗ ଲୋଡ଼ିଛି। ନିଜେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବିଭିନ୍ନ ବିରୋଧୀ ଦଳର ନେତାଙ୍କୁ ଭେଟି ସମର୍ଥନ ମାଗିଛନ୍ତି। ସମସ୍ତେ କେଜ୍ରିୱାଲଙ୍କୁ ଅଧ୍ୟାଦେଶ ପ୍ରସଙ୍ଗରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ମଧ୍ୟ ରାଜ୍ୟସଭାରେ ଆପର ସମର୍ଥନ କରିବ ବୋଲି କିଛି ଦିନ ତଳେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ କଂଗ୍ରେସ ଏବେ ନିଜର ଆଭିମୁଖ୍ୟ ବଦଳାଇ ଥିବା ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଅଧ୍ୟାଦେଶ ପ୍ରସଙ୍ଗରେ ଆପ୍‌କୁ ରାଜ୍ୟସଭାରେ କଂଗ୍ରେସର ସହାୟତା ମିଳିବ ନାହିଁ ବୋଲି ଦଳୀୟ ସୂତ୍ରରୁ ଖବର ମିଳିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଆଜି ଅଧ୍ୟାଦେଶ ପ୍ରସଙ୍ଗରେ ଦଳର ଆଭିମୁଖ୍ୟ କ'ଣ ରହିବ, ସେ ବିଷୟରେ ପଞ୍ଜାବ ଓ ଦିଲ୍ଲୀର ଦଳୀୟ ନେତାଙ୍କ ସହ ଆଲୋଚନା କରିଥିଲେ। ଏହି ମିଟିଂରେ ରାହୁଲ ଗାନ୍ଧି ମଧ୍ୟ ଉପସ୍ଥିତ ଥିଲେ। ସୂତ୍ର ଅନୁସାରେ ଉଭୟ ରାଜ୍ୟର ନେତାମାନେ ହାଇକମାଣ୍ଡଙ୍କୁ କହିଛନ୍ତି ଯେ ଅରବିନ୍ଦ କେଜ୍ରିୱାଲଙ୍କୁ ସମର୍ଥନ କରିବାର ଆବଶ୍ୟକ ନାହିଁ। କାରଣ ସେ ବିଜେପିର ବି ଟମ। ଆପ୍ କେବଳ ଦିଲ୍ଲୀ କିମ୍ବା ପଞ୍ଜାବରେ ନୁହେଁ, ବରଂ ବିଭିନ୍ନ ରାଜ୍ୟରେ କଂଗ୍ରେସର ସ୍ୱାର୍ଥକୁ କ୍ଷତି ପହଞ୍ଚାଇଛି। ତେଣୁ ଆପ୍‌କୁ କୌଣସି ପ୍ରକାରର ସମର୍ଥନ କରିବା ଠିକ ନୁହେଁ ବୋଲି ଦଳର ନେତାମାନେ ହାଇକମାଣ୍ଡଙ୍କୁ ଜଣାଇ ଦେଇଛନ୍ତି।



▶▶ପୃଷ୍ଠା ୭

## ଅଲୋଡା କନ୍ୟା: ଏକୋଇଶା ପୂର୍ବରୁ ବିଷ ଇଂଜେକସନ ଦେଲା ପିଶାଚ ବାପା

ନୀଳଗିରି, ୨୯/୦୫ (ନି.ପ୍ର): ଏକ ବିଂଶ ଶତାବ୍ଦୀରେ ସଭ୍ୟମଣିଷ ଯେତେବେଳେ ମଙ୍ଗଳଗ୍ରହରେ ବାସ କରିବାର ସ୍ୱପ୍ନ ଦେଖୁଛି, ନାରୀଟିଏ ପ୍ରତି କ୍ଷେତ୍ରରେ ସର୍ବାଗ୍ରେ ରହି ପୁରୁଷ ସମାଜକୁ ପଛରେ ପକାଇ ପାରିଛି ସେତେବେଳେ ମାନସିକ ବିକାର ଗ୍ରସ୍ତ ଚିନ୍ତାଧାରା ରେକିଛି ପୁରୁଷ ପିଶାଚଗାମୀ ହୋଇ ଘୃଣ୍ୟତାର ଶେଷସୀମା ଟପିଛି । ଯେତେବେଳେ କି ଆଜିର ଯୁଗରେ ନାରୀଟିଏ ମା, ଜାୟା, ଭଗିନୀ, ସୁତା ହୋଇ ସଂସାରର ବୋଝକୁ ମୁଣ୍ଡେଇ ସର୍ବଂସହା ହୋଇ ସମସ୍ତଙ୍କର ମଙ୍ଗଳକାମନା କରି ନିଜକୁ ତିଳତିଳ ଜାଳି ଅନ୍ୟକୁ ସାହା ହୋଇଥାଏ । ସେତେବେଳେ ଘୃଣ୍ୟ ମାନସିକତାର ବଶବର୍ତ୍ତୀ ହୋଇ ନର ପିଶାଚ ସାଜି ନିଜ ଔରସରୁ ଜନ୍ମିତ ଶିଶୁକନ୍ୟାକୁ ଅଲୋଡ଼ା ଭାବି ହତ୍ୟା କରିବାକୁ ପଛାଇ ନାହିଁ । ଆଜିର କିଛି ବିକାରଗ୍ରସ୍ତ ଲୋକଙ୍କର ମନୋଭାବ ସମାଜର ମୁଖ୍ୟଧାରାରେ ସାମିଲହୋଇ ସବୁ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିବାସହ ପୁରୁଷପ୍ରାଧାନ୍ୟ ସମାଜରେ ନାରୀ ଅଗ୍ରଗଣ୍ୟ ହୋଇ ପାରିଛି । ମାତ୍ର ବିଡମ୍ବନା ଯେ କନ୍ୟା ସନ୍ତାନ ଜନ୍ମ ପରେ ଅଲୋଡ଼ାଭାବି ବିଷ ଇଞ୍ଜେକ୍ସନ ଦେଇ ହତ୍ୟା କରିବାର ଦୁର୍ବାର ପ୍ରୟାସ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧୀନ ସିଙ୍ଗିରି ଗ୍ରାମରେ । ପିଶାଚ ପିତା ହେଉଛନ୍ତି ବାଲେଶ୍ୱର ମଲ୍ଲୀକାଶପୁର ଅଞ୍ଚଳର ଚନ୍ଦନ କୁମାର ମହାର୍ଣ୍ଣା । ୨୦ଦିନ ତଳେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ରେ ଅସ୍ତ୍ରପୋଚାର ମାଧ୍ୟମରେ ଚନ୍ଦନଙ୍କ ସ୍ତ୍ରୀଙ୍କ ଗର୍ଭରୁ ଏକ ଶିଶୁକନ୍ୟା ଜନ୍ମ ନେଇଥିଲା । ପରେ ଶିଶୁକନ୍ୟା ସହ ମା ନିଜ ବାପଘର ସିଙ୍ଗିରି ସ୍ଥିତ ବାସଭବନରେ ରହିଆସୁଥିଲେ । ମଙ୍ଗଳବାର ଶିଶୁକନ୍ୟାର ଏକୋଇସିଆ ପାଇଁ ପରିବାର ଲୋକ ବ୍ୟସ୍ତ ଥିବା ବେଳେ ରବିବାର ଶିଶୁକନ୍ୟାର ପିତା ଚନ୍ଦନ ଶଶୁର ଘର ସିଂଗିରିରେ ରାତ୍ରି ଯାପନ କରିଥିଲେ । ସୋମବାର ସକାଳେ ଶିଶୁର ମା ପାଇଖାନା ଯାଇଥିବା ବେଳେ ପୂର୍ବରୁ ପ୍ରସ୍ତୁତଥିବା ଚନ୍ଦନ ଶିଶୁକନ୍ୟାକୁ ବିଷ ଇଞ୍ଜେକ୍ସନ ଦେବା ଫଳରେ ଶିଶୁଟି ଚିତ୍କାର କରିଥିଲା ।



▶▶ପୃଷ୍ଠା ୭

## ପୃଥକ ପୃଥକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ୨୦ ମୃତ

କଟକ/ନୂଆଦିଲ୍ଲୀ, ୨୯/୦୫ (ନି.ପ୍ର): ଖୋଲାମେଲା ପଡ଼ିଛି କଟକ ତାଳଦଣ୍ଡା କେନାଲ ରାସ୍ତା। ନା ଅଛି କୌଣସି ସାଇନ ବୋର୍ଡ ନା ଲଗାଯାଇଛି ଗାର୍ଡ ୱାଲ। ଫଳରେ ଆଜି କେନାଲ ଭିତରକୁ ଖସିପଡିଲା କାର୍। ଘଟଣାସ୍ଥଳରେ ହିଁ ଜଣଙ୍କ ଜୀବନ ଚାଲିଗଲା, ଆଉ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ରାସ୍ତାକୁ ବନ୍ଦ ନକରି ବିପଦସଙ୍କୁଳ ଭାବେ କାମ ଚାଲିଥିବାରୁ ଜଣଙ୍କ ଜୀବନ ଚାଲିଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କଟକ କନ୍ଦରପୁର ଅଂଚଳର ଜ୍ଞାନରଂଜନ ବେହେରା ଓ ଗୁରୁତର ଜଣକ ତାଙ୍କ ପତ୍ନୀ ଅଞ୍ଜନା ଜେନା। ଏଥିପାଇଁ ସ୍ଥାନୀୟ ଲୋକେ ପ୍ରଶାସନର ବେପରୁଆ ମନଭାବକୁ ଦାୟୀ କରିଛନ୍ତି। ରାସ୍ତାରୁ ପ୍ରାୟ ୨୦ ଫୁଟ ତଳେ ପାଣି ଭିତରେ ଓଲଟି ପଡିଥିବା ଗାଡିକୁ ଦୁର୍ଘଟଣାର କିଛି ସମୟ ପରେ ଉଦ୍ଧାର କରାଯାଇଥିଲା। କାରରେ ଥିବା ଦୁଇ ଜଣ ମଧ୍ୟରୁ ରଞ୍ଜିତାଙ୍କୁ ଜିବୀତ ଉଦ୍ଧାର କରାଯାଇଥିବା ବେଳେ ଜ୍ଞାନରଞ୍ଜନଙ୍କର କିନ୍ତୁ ମୃତ୍ୟୁ ଘଟିଛି। ଜ୍ଞାନରଞ୍ଜନ ମେଡିକାଲ କାମ ସାରି ମଧୁପାଟଣା ନିକଟ ତାଳଦଣ୍ଡା କେନାଲ ରାସ୍ତାରେ ଘରକୁ ଫେରୁଥିଲେ। ହେଲେ ରାସ୍ତାରେ ଗାଡିଟି ଭାରସାମ୍ୟ ହରାଇ କେନାଲ ଭିତରକୁ ଖସି ପଡିଥିଲା। ଆଉ, ଗାଡି ସହ ଦୁଇ ଜଣ ଯାକ ବୁଡି ଯାଇଥିଲେ ପାଣି ଭିତରେ। ସେପଟେ ଘଟଣାର ତଦନ୍ତ କରି ଯିଏ ଦାୟୀ, ତା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜୋନ-୬ ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି। କଟକ ମେୟର ସୁବାସ ସିଂ କହିଛନ୍ତି, ଲୋକଙ୍କ ସୁରକ୍ଷା ନିମନ୍ତେ ବିହିତ ପଦକ୍ଷେପ ନିଆଯିବ। ସୂଚନା ଥାଉକି, କଟକ ବଡ ମେଡିକାଲର ସଂପ୍ରସାରଣ ପାଇଁ ତାଳଦଣ୍ଡା କେନାଲ ରାସ୍ତା କାମ ଚାଲିଛି। ପାଖାପାଖି ୨ ବର୍ଷ ହେଲା ଜାରି ରହିଛି କାମ। ଗତବର୍ଷ ଏହି ରାସ୍ତାରେ ଏକ ପୋଲ ମଧ୍ୟ ଭୁଶୁଡି ପଡିଥିଲା। ସେପଟେ ସହରରେ



▶▶ପୃଷ୍ଠା ୭

# ପିଡ଼ିଏସ ଚାଉଳ ଆଣିବାକୁ ଯାଇ ମହିଳା ମୃତ : ଅନାହାର ମୃତ୍ୟୁ ଅଭିଯୋଗ

ଚମ୍ପୁଆ, ୨୯/୦୫ (ନି.ପ୍ର): ଚମ୍ପୁଆ ବ୍ଲକରେ ଅସହାୟ ବୃଦ୍ଧଙ୍କ ଘରେ ପିଡିଏସ ଚାଉଳ ପହଂଚିବା ଯୋଜନା ଫେଲ୍ ମାରିଥିବା ଦେଖିବାକୁ ମିଳିଛି । ପିଡ଼ିଏସ ଚାଉଳ ଆଣିବାକୁ ଯାଇ ସେଂଟରରେ ଟଳି ପଡିଲେ ମହିଳା । କ୍ଷୁଧା ତଥା ଅନାହାରରେ ଥିବାରୁ ଅକସ୍ମାତ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉ ଥିବାବେଳେ ଏହା ଏବେ ଚମ୍ପୁଆ ବ୍ଲକରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ, ରଙ୍ଗାମାଟିଆ ପଂଚାୟତର ଖାଦ୍ୟ ସୁରକ୍ଷା ଯୋଜନାରେ ଖାଦ୍ୟ ସାମଗ୍ରୀ ହୃଦୁରାମପୁର ଗ୍ରାମର ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠି ଦ୍ୱାରା ହୃଦୁରାମପୁର ଗ୍ରାମରେ ବଂଟା ଯାଉଥିବା ବେଳେ ସେହି ପଂଚାୟତର ରରୁଆଁଗୋଡ଼ା ଗ୍ରାମର ଯୋଗେଶ୍ୱର ନାଏକଙ୍କ ପତ୍ନୀ ବିଳାସ ନାଏକ (୬୦) ଆଜି ନିଜର ଖାଦ୍ୟ ସୁରକ୍ଷା ଯୋଜନାରୁ ମିଳୁଥିବା ଚାଉଳ ଆଣିବାକୁ ନିଜ ଗ୍ରାମରୁ ୭ କିଲୋମିଟର ଦୂର ହୃଦୁରାମପୁର ପଡିଏସ ସେଂଟରକୁ ଚାଲି ଚାଲି ଆସିଥିଲେ । ଏହି ପଂଚାୟତରେ ପିଡ଼ିଏସ ଚାଉଳ ବଣ୍ଟନରେ ବ୍ୟାପକ ଅନିୟମିତତା କରାଯାଉଥିବା ନେଇ ପୂର୍ବରୁ ବହୁ ଅଭିଯୋଗ ହୋଇ ଆସିଥିବାବେଳେ ଧାର୍ଯ୍ୟ ସମୟରେ ଚାଉଳ ମିଳି ପାରୁନଥିବାରୁ ବହୁ ଅସହାୟ ବୃଦ୍ଧ, ବୃଦ୍ଧା ଠିକ ସମୟରେ ଚାଉଳ ନ ପାଇ ଭୋକରେ ରହୁଥିବା ଅଭିଯୋଗ ହେଉଥିଲା । ଚଳିତ ମାସ ଚିରାଚରିତ ଢାଂଚାରେ ଗତ ତିନି ମାସର ଚାଉଳ ଦେବା ନେଇ ଯୋଜନା ରହିଥିବା ବେଳେ ଭୋକରେ ରରୁଆଁ ଗୋଡ଼ା ଗ୍ରାମର ମହିଳା ବିଳାସ ନାଏକ ଚାଲି ଚାଲି ୭ କିଲୋମିଟର ଦୂର ହୃଦୁରାମପୁର ଗ୍ରାମରେ ଥିବା ପିଡ଼ିଏସ ସେଂଟରକୁ ଆସିଥିଲେ । ଏଠାରେ ପ୍ରବଳ ଭିଡ଼ରେ ଚାଉଳ ନେବାପାଇଁ ଧାଡିରେ ଥିବାବେଳେ ହଠାତ ମୂର୍ଚ୍ଛା ଯାଇଥିଲେ । ଉପସ୍ଥିତ ଲୋକ ସଙ୍ଗେ ସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେବାକୁ ଯୋଜନା କରି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ତେବେ ଆମ୍ବୁଲାନ୍ସ ପହଂଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ପରେ ପିଡ଼ିଏସ ସାମଗ୍ରୀ ବଂଟନ ଦାୟିତ୍ୱରେ ଥିବା ବ୍ୟକ୍ତି ଜଣକ ତରବରିଆ ଭାବେ ମହିଳାଙ୍କ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଇଥିଲେହେଁ ଏହାକୁ ନେଇ ଏହି ପିଡ଼ିଏସ ସେଂଟରର ବ୍ୟାପକ ଅନିୟମିତତାକୁ ନେଇ ଚର୍ଚ୍ଚା ଜୋର ଧରିଛି । ଠିକ୍ ସମୟରେ ପିଡ଼ିଏସ ସାମଗ୍ରୀ ନ ଦେବା, ମାସମାସ ଧରି ହିତାଧିକାରୀଙ୍କୁ ପିଡ଼ିଏସ ସାମଗ୍ରୀରୁ ବଂଚିତ କରିବା ସହ ଅସହାୟ ବୃଦ୍ଧ, ବୃଦ୍ଧାଙ୍କ ଘରକୁ ପିଡ଼ିଏସ ସାମଗ୍ରୀ ପହଂଚାଇବା ପରି ଦାୟିତ୍ୱକୁ ଅଣଦେଖା କରିବାରୁ ଏପରି ଅଘଟଣ ଘଟି ଥିବାବେଳେ ଏବେ ଏହି ଘଟଣାକୁ ନେଇ ଚମ୍ପୁଆ ବ୍ଲକରେ ଯୋଗାଣ ବିଭାଗର ବିଶ୍ୱାସନିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ବିଜେଡି ଛାଡ଼ିବା ପାଇଁ ମନ ବଳାଇଛନ୍ତି ଚିତ୍ତ ପଟ୍ଟନାୟକଙ୍କ ସହ ତାଙ୍କ ସମର୍ଥକ

ମାଲକାନଗିରି, ୨୯/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାର ଜଣାଶୁଣା ଚେହେରା ଖଇରପୁଟ ନିବାସୀ ଚିତ୍ତ ପଟନାୟକ । ପୂର୍ବରୁ ସେ କଂଗ୍ରେସ ଦଳରେ ଥିଲେ ଏବଂ ପ୍ରଦୀପ ମାଝିଙ୍କ ଦୃଢ଼ ସମର୍ଥକ ରହିଥିଲେ । ଦିନେ ପ୍ରଦୀପ ମାଝିଙ୍କ ନେତୃତ୍ୱରେ ଜିଲ୍ଲାରେ କଂଗ୍ରେସର ଦବଦବା ଥିଲା । ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ଅନେକ ଥର ଆନ୍ଦୋଳନ ହୋଇଛି । ସେତେବେଳେ ଚିତ ପଟନାୟକ କଂଗ୍ରେସ ଦଳରେ ରହି ଖଇରପୁଟ, ଚିତ୍ରକୋଣ୍ଡା ଓ ସ୍ୱାଭିମାନ ଅଂଚଳର ଲୋକଙ୍କୁ ନେଇ ଭଲ ସଂଗଠନ ଗଢ଼ିଥିଲେ । ଲୋକମାନଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝୁଥିଲେ । ଲୋକେ ବି ପସନ୍ଦ କରୁଥିଲେ । ଲୋକଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ ରାସ୍ତାରୋକ କରୁଥିଲେ । ହଜାର ହଜାର ସଂଖ୍ୟାରେ ଲୋକେ ଏଥିରେ ଯୋଗ ଦେଉଥିଲେ । ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ଚିତ ପଟନାୟକଙ୍କ ବେଶ ଖାତିର ରହିଥିଲା । ପ୍ରଦୀପ ମାଝୀ ବିଜେଡିରେ ଯୋଗ ଦେବାପରେ ଚିତ ପଟନାୟକ ମଧ ତାଙ୍କ ପଦାଙ୍କ ଅନୁସରଣ କରି ବିଜେଡିରେ ସାମିଲ ହେଲେ । ୨୦୧୯ ସାଧାରଣ ନିର୍ବାଚନ ଓ ୨୦୨୨ ପଂଚାୟତ ନିର୍ବାଚନ ବେଳେ ସେ ନିଜ ଘର କଥା ଭୁଲିଯାଇ ଦିନରାତି ଏକ କରି ଦଳ ପାଇଁ କାର୍ଯ୍ୟକରିଥିଲେ । ସାଧାରଣ ନିର୍ବାଚନ ହେବାର ଚାରି ବର୍ଷ ବିତିଗଲାଣି ଚିତ ପଟନାୟକ କଣଠେସା ହୋଇ ରହିଛନ୍ତି । ଆଗ ଭଳି ଆଉ ତାଙ୍କର ଖାତିର ନାହିଁ କି ସେଭଳି କିଛି ଭୂମିକା ନ ଥିବା ଦେଖାଯାଇଛି । ବିଜେଡି ଦଳର କିଏ ବି ସେଭଳି ତାଙ୍କୁ ପଚାରୁ ନାହାନ୍ତି କି ସଭାସମିତି ହେଲେ ବି ଡାକୁ ନାହାନ୍ତି । ଚିତ ପଟନାୟକଙ୍କ କହିବାନୁସାରେ, କଂଗ୍ରେସ ଦଳରୁ ଯେଉଁ କର୍ମୀମାନେ ତାଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହେଲେ ସେମାନଙ୍କୁ ଅଣଦେଖା କରାଯାଇଛି । ସେଥିପାଇଁ ଖଇରପୁଟ, ମାଥିଲି ଓ ଚିତ୍ରକୋଣ୍ଡା ଅଂଚଳର ଅନେକ କର୍ମୀ ବିଜେଡି ଛାଡିବା ପାଇଁ ମନ ସ୍ଥିର କରିଛନ୍ତି । ତେବେ ବେଜେଡି ଛାଡିବା ପରେ କେଉଁ ଦଳରେ ସାମିଲ ହେବେ ସେ ନେଇ କିଛି ସ୍ପଷ୍ଟ କରିନାହାନ୍ତି ଚିତ ।

# ମା’ ଦରିଆ ରାମଚଣ୍ଡୀ ମନ୍ଦିରକୁ ୬ କୋଟି ଅନୁଦାନ ପାଇଁ କୃତଜ୍ଞତା

କେନ୍ଦ୍ରାପଡ଼ା, ୨୯/୦୫ (ନି.ପ୍ର): ମହାକାଳପଡ଼ା ଅଂଚଳର ଆରାଧ୍ୟା ଦେବୀ ମା ଦରିଆ ରାମଚଣ୍ଡୀ ମନ୍ଦିରର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ତଥା ମନ୍ଦିର ପରିସରର ବିକାଶ ପାଇଁ ୬ କୋଟି ଟଙ୍କା ଅନୁଦାନ ମାନ୍ୟବର ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ୫ଟି ତରଫରୁ ମିଳି ଥିବାରୁ ମନ୍ଦିର ପରିଚାଳନା ସମିତି କୃତଜ୍ଞତା ଜ୍ଞାପନ କରିଛି । ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ବ୍ଲକ ଆମ୍ବ ଅଧ୍ୟକ୍ଷ ବିଜୟ ଜେନା, ରାମନଗର ସରପଂଚ ମିଳନ ଦେବନାଥ, ଜିଲ୍ଲା ପରିଷଦ ସଦସ୍ୟ ସୈଲେନ ମଣ୍ଡଳ, ବ୍ଲକ ବିଜେଡି ସଭାପତି ଶ୍ରୀଧର ସାମଲ, ଅଶୋକ ସ୍ୱାଇଁ, ବିଜୟ ଶୁକ୍ଲା ପ୍ରମୁଖ ମହାକାଳପଡା ବାସୀଙ୍କ ତରଫରୁ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ମନ୍ଦିର ପରିଦର୍ଶନରେ ଆସିଥିବା ୫ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଭାରତୀୟ ମଜଦୁର ସଂଘର ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ

ଜୟପୁର, ୨୯/୦୫ (ନି.ପ୍ର): ଭାରତୀୟ ମଜଦୁର ସଂଘର କୋରାପୁଟ ଜିଲ୍ଲା ତରଫରୁ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଜୟପୁର ଅରବିନ୍ଦ ନଗର ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ଠାରେ ଅନୁଷ୍ଠିତ ହୋଇଛି । ବି.ଏମ.ଏସ୍. ଅଧ୍ୟକ୍ଷ ଏ .ଭିମାରାଓଙ୍କ ସଭାପତିତ୍ୱରେ ଏହି ଦୁଇ ଦିନିଆ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଡେପୁଟୀ ଲେବର କମିଶନର ପ୍ରସନ୍ନ ପାଣିଗ୍ରାହୀ ଯୋଗଦେଇ ଶ୍ରମିକ ମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ଯାହା ସମସ୍ତ ସୁବିଧା ରହିଛି ଉକ୍ତ ବିଷୟରେ ଆଲୋକପାତ କରାଇଥିଲେ । ଜିଲ୍ଲା ବି.ଏମ୍.ଏସ. ସମ୍ପାଦକ ବିରଂଚି ନାରାୟଣ ଷଡ଼ଙ୍ଗୀ ଏହି ସଭାକୁ ପରିଚାଳନା କରିଥିଲେ । ଗତ କାର୍ଯ୍ୟକାରିଣୀ ବୈଠକରେ ବିଭିନ୍ନ କାର୍ଯ୍ୟ ବିଷୟରେ ସମ୍ପାଦକ ଉପସ୍ଥିତ ସଦସ୍ୟ ମାନଙ୍କୁ ବୁଝାଇ ଥିଲେ । ଏବଂ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଆସନ୍ତା ଜୁଲାଇ ୨୩ ବି.ଏମ୍.ଏସ୍.ପ୍ରତିଷ୍ଠା ଦିବସ ଆସନ୍ତା ଅଗଷ୍ଟ ୨୮ ତାରିଖରେ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ଏବଂ ଆସନ୍ତା ସେପଟ୍ମେର ୧୭ ରେ ରାଷ୍ଟ୍ରୀୟ ଶ୍ରମ ଦିବସ ଜିଲ୍ଲାରେ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତି ନିଆଗଲା । ଓ ଅସଂଗଠିକ କ୍ଷେତ୍ରର ଏକଜୁଟ ସଫେଇ କର୍ମଚାରୀ, ନିର୍ମାଣ ଶ୍ରମିକମାନଙ୍କୁ ଏକଜୁଟ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଆଜିର ଏହି ଦୁଇ ଦିନିଆ ଜିଲ୍ଲା ସ୍ତରୀୟ ଅଭ୍ୟାସ ବର୍ଗରେ ୧୪ ଟି ବ୍ଲକ ରୁ ପ୍ରାୟ ୧୦୦ ଜଣ ଶ୍ରମିକ ଭାଗ ନେଇଛନ୍ତି । ଏହି ଅଭ୍ୟାସ ବର୍ଗ ଦୁଇ ଦିନ ଧରି ଚାଲିବ । ଆଜିର ବୈଠକରେ ଜିଲ୍ଲା ପ୍ରଭାରୀ ପ୍ରହ୍ଲାଦ ନାୟକ, ଉପଦେଷ୍ଟା ସୁଧାଂଶୁ କୁମାର ପାଢ଼ୀ, ଆଲୋକ ଖରା, ସ୍ୱର୍ଣ୍ଣଲତା ପଣ୍ଡା, ସଞ୍ଜୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ ପ୍ରକଳ୍ପର ୫୦% ଶେଷ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ମାର୍ଗରେ ଭଦ୍ରକ ଏବଂ କଟକ ରେଳ ଷ୍ଟେସନ ମଧ୍ୟରେ ତୃତୀୟ ଲାଇନ ପ୍ରକଳ୍ପ ପାଇଁ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲୁରହିଛି । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୫୦% ରୁ ଅଧିକ ସମାପ୍ତ ହୋଇଛି । ହରିଦାସପୁର ଏବଂ ବୈରୀ ମଧ୍ୟରେ ୧୬.୮୦ କିଲୋମିଟର ଦୈର୍ଘ୍ୟ ରେଳ ମାର୍ଗ ଯାହା ଜୁନ୍ ୨୦୨୩ ର ଶେଷ ସପ୍ତାହ ସୁଦ୍ଧା ଶେଷ ହେବାର ଥିଲା ତାହା ମଇ ୨୦୨୩ ର ପ୍ରଥମ ସପ୍ତାହ ପୂର୍ବରୁ ସମାପ୍ତ ହୋଇଛି । ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପଗୁଡିକ କାର୍ଯ୍ୟର ଶୀଘ୍ର ସମାପ୍ତି ପାଇଁ ବିଶେଷ ଧ୍ୟାନ ଦେବାକୁ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ (୯୨.୧୯ କିମି) ପ୍ରକଳ୍ପ ୨୦୧୨-୧୩ ରେ ଅନ୍ତର୍ଭୁକ୍ତ ହୋଇଥିଲା ଏବଂ ଅକ୍ଟୋବର ୨୦୧୫ ରେ ଅନ୍ତିମ ମଞ୍ଜୁରୀ ଦିଆଯାଇଥିଲା । ଜଖପୁରା ଏବଂ ହରିଦାସପୁର ମଧ୍ୟରେ ୨୩.୫୩କିମି ରେଳ ମାର୍ଗ ଏପ୍ରିଲ ୨୦୧୬ ରେ , କପିଳାସ ରୋଡ୍ ଠାରୁ ଶାଳଗାଁ ପର୍ଯ୍ୟନ୍ତ ୪.୩୦ କିମି ରେଳ ମାର୍ଗ ମଇ ୨୦୧୯ ରେ ଏବଂ କପିଳାସ ରୋଡ୍ ଠାରୁ ନିର୍ଗୁଣ୍ଡି ପର୍ଯ୍ୟନ୍ତ ୪.୨୦ କିମି ରେଳ ମାର୍ଗ ଅକ୍ଟୋବର ୨୦୨୨ ରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ହୋଇଛି । ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ମାର୍ଗ ବଳକା ୮୩.୬୯ କିମି କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ୨୦୨୩-୨୪ । ପ୍ରକଳ୍ପର ସର୍ବଶେଷ ଆନୁମାନିକ ମୂଲ୍ୟ ବର୍ତ୍ତମାନ ୧୨୮୪.୩୯ କୋଟି ଥିବାବେଳେ ଏବେ ସୁଦ୍ଧା ୬୪୮.୬୮ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି । ପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ ପାଇଁ ଭୌତିକ ପ୍ରଗତି ହେଉଛି ପ୍ରାୟ ୫୪% ଏବଂ ଖର୍ଚ୍ଚ ପ୍ରାୟ ୫୦.୫% ।

# ମାଦ୍ରାସାରୁ ଲୁଚି ପଳାଉଥିବା ୬ ଜଣ ନାବାଳକ ଉଦ୍ଧାର

ସାଲେପୁର, ୨୯/୦୫ (ନି.ପ୍ର): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ସୁକରପଡାଠାରେ ଥିବା ଜାମିଆତୁଲ ଇମାନିୟା ଓ୍ୱଲ୍ ଇଲ-ମିୟା ମାଦ୍ରାସାରେ ରହି ପାଠ ପଢୁଥିବା ୬ ଜଣ ନାବଳକ ବିଦ୍ୟାର୍ଥୀ ଶନିବାର ବିଳମ୍ବିତ ରାତିରେ ଲୁଚି ପଳାଇଆସିଥିଲେ । ଏହି ନାବାଳକମାନେ ସୁକରପଡାଠାରୁ ନିଶ୍ଚିନ୍ତକୋଇଲି ବଜାର ପର୍ଯ୍ୟନ୍ତ ୪ କି.ମି. ରାସ୍ତା ଚାଲି ଚାଲି ଆସି ଭୋର ୫ଟାରେ ବସ୍ଷ୍ଟାଣ୍ଡ ନିକଟରେ ପହଂଚିଥିଲେ । ବଜାରର କେତେକ ଲୋକଙ୍କର ସନ୍ଦେହ ହେବାରୁ ସଂପୃକ୍ତ ପିଲାମାନଙ୍କୁ ଅଟକାଇ କେଉଁଆଡେ ଯାଉଥିବା ପଚାରିବାରୁ ସବୁସତ କଥା ଜଣାପଡିଥିଲା । ସଙ୍ଗେ ସଙ୍ଗେ ଏହି ପିଲାମାନଙ୍କୁ ସ୍ଥାନୀୟ ଲୋକମାନେ ନେଇ ଥାନା ଜିମାରେ ଛାଡିଥିଲେ । ଖବର ପାଇ ମାଦ୍ରାସାର ସଭାପତି ସେକ୍ ନସିରୁଦ୍ଦିନ ଓ ସଂପାଦକ ମିର୍ଜା ଫାୟାଜ ବେଗ୍ ଥାନାରେ ପହଂଚି କ’ଣ ପାଇଁ ମାଦ୍ରାସାରୁ ଲୁଚି ପଳାଇଆସିଛନ୍ତି ସେ ସଂକ୍ରାନ୍ତରେ ପୋଲିସକୁ ଅବଗତ କରାଇଥିଲେ । ଏଠାରେ ସୂଚନାଯୋଗ୍ୟ ୨୦୨୧ ମସିହାରେ ସୁକରପଡା ସଂଖ୍ୟାଲଘୁ ବସ୍ତିର ଲୋକମାନଙ୍କ ଉଦ୍ୟମରେ ୧ମ ରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଏକ ମାଦ୍ରାସା ଖୋଲାଯାଇଥିଲା । ଏଥିରେ ସ୍ଥାନୀୟ ଅଂଚଳର ୩୫ ଜଣ ବିଦ୍ୟାର୍ଥୀ ଏବଂ ସୁଦୁର ବିହାର ରାଜ୍ୟ ଅରରିଆ ଗ୍ରାମର ୧୫ ଜଣ ବିଦ୍ୟାର୍ଥୀ ମୋଟ ୫୦ ଜଣ ଏଠାରେ ରହି ପାଠ ପଢୁଥିଲେ । ଲୁଚି ପଳାଇଯାଉଥିବା ୬ ଜଣ ବିଦ୍ୟାର୍ଥୀଙ୍କ ଅଭିଭାବକମାନେ ଗତ ୧୫ ଦିନ ତଳେ ବିହାରରୁ ଆଣି ଏଠାରେ ନାମ ଲେଖାଇ ପାଠ ପଢାଇବା ପାଇଁ ଛାଡି ଦେଇଯାଇଥିଲେ । ସଂପୃକ୍ତ ବିଦ୍ୟାର୍ଥୀମାନଙ୍କର ବିଭିନ୍ନ ସମସ୍ୟା ଯୋଗୁ ଏଠାରେ ରହି ପାଠ ପଢିବା ପାଇଁ ମନ ନଲାଗିବାରୁ ସେମାନେ ଘରକୁ ଫେରିଯିବାକୁ ଲୁଚି ପଳାଇଯାଉଥିବା ପ୍ରକାଶ କରିଛନ୍ତି । ଉକ୍ତ ଘଟଣା ସଂପର୍କରେ ଅନୁଷ୍ଠାନର ସଂପାଦକ ଓ ସଭାପତି ପିଲାମାନଙ୍କର ସଠିକ୍ ଭାବେ ଯତ୍ନ ନିଆଯାଇ ସେମାନଙ୍କୁ ଜଣେ ମୌଲାନା, ଜଣେ ମୌଲବୀ ଓ ୪ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଉଥିବା ପ୍ରକାଶ କରିଛନ୍ତି । ଏସଂକ୍ରାନ୍ତରେ ଥାନା ପକ୍ଷରୁ କଟକ ଶିଶୁ ସୁରକ୍ଷା ବିଭାଗକୁ ଖବର ଦିଆଯିବା ପରେ ସ୍ଥାନୀୟ ସରପଂଚ ମନୋଜ ମଲ୍ଲିକ, ଭଦ୍ରବ୍ୟକ୍ତି ସେକ୍ ବୁରହାନ୍, ମାଦ୍ରାସାର କର୍ମକର୍ତ୍ତା ଓ ଶିକ୍ଷକମାନେ ଉକ୍ତ ଘଟଣାର ଏକ ସମାଧାନ କରିଥିଲେ । ପୋଲିସ ଉଦ୍ଧାର କରିଥିବା ଏହି ୬ ଜଣ ବିଦ୍ୟାର୍ଥୀଙ୍କୁ କଟକ ଚାଇଲ୍ଡ ଲାଇନ୍ ଜିମା ଦେଇଥିଲା । ସେମାନେ ଉପଯୁକ୍ତ ପ୍ରମାଣ ପାଇବା ପରେ ସଂପୃକ୍ତ ଅଭିଭାବକଙ୍କ ନିକଟରେ ନେଇ ଛାଡିଦେବେ ବୋଲି ଜଣାଯାଇଛି । ଉକ୍ତ ପିଲାମାନେ ସୁଦୂର ବିହାରରୁ ଆସି ଏଠାରେ ପାଠ ପଢିବା ପାଇଁ ରହିବା ପରେ କ’ଣ ପାଇଁ ଲୁଚି ପଳାଇଗଲେ ତାହାର ଏକ ତଦନ୍ତ ହେବାର ଆବଶ୍ୟକତା ଜରୁରୀ ହୋଇ ପଡିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

# ବାଲିଘାଟରେ ଫୁଟିଲା ଗୁଳି, ପୋଡିଲା ଜେସିବି

ସାଲେପୁର, ୨୯/୦୫ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ତଥା ନେମାଳ ଥାନା ଅଧିନସ୍ଥ ନଗସପୁର ପଂଚାୟତ ନିକଟ ଚିତ୍ରୋପ୍ତଳା ନଦୀରୁ ଦୀର୍ଘ ଦିନ ହେଲା ବାଲି ଉଠାଯାଇ ବାହାରକୁ ଚାଲାଣ ହେଉଛି । ବାଲି ନେଉଥିବା ବ୍ୟକ୍ତି ହୁଅନ୍ତୁ କିମ୍ବା ଘାଟକୁ ବିରୋଧ କରୁଥିବା ବ୍ୟକ୍ତି ହୁଅନ୍ତୁ ଗତ କାଲି ବିଳମ୍ବିତ ରାତି ପ୍ରାୟ ୨ଟାରୁ ୩ଟା ମଧ୍ୟରେ ୪ ଜଣ ଯୁବକ ଆସି ଫାଙ୍କା ଗୁଳିଚାଳନା କରିବା ସହିତ ବାଲି ଲୋଡ କରୁଥିବା ଜେସିବି ମେସିନକୁ ନିଆଁ ଲଗାଇ ଦେଇଥିଲେ । ସେଠାରେ ଫାଙ୍କା ଗୁଳି ଚାଳନା ହେବା ପରେ ସ୍ଥାନୀୟ ଅଂଚଳରେ କୋକୁଆଭୟ ସୃଷ୍ଟି ହେବା ସହିତ ନେମାଳ ଥାନାରେ ଅଭିଯୋଗ ହେବା ପରେ ଥାନା କେଶ୍ ନଂ ୮୩/ ୨୦୨୩ ରେ ଏକ ମୋକଦ୍ଦମା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ ଯେ ଲୁଣା-ଚିତ୍ରୋପ୍ତଳା ନଦୀର ବହୁ ସ୍ଥାନରେ ବେଆଇନ ଭାବେ ବାଲି ଉଠୁଥିଲା ବେଳେ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବା ଚିନ୍ତାର କାରଣ ହୋଇଥିବା ବେଳେ ବିଗତ ଦିନରେ ବାଲି ନେଉଥିବା ହାଓ୍ୱାଇ ଗାଡିରେ ଲୋକଙ୍କର ପ୍ରାଣ ଯାଇଥିବା ନଜର ମଧ ରହିଛି ।

# ମହାନ୍ କ୍ରାନ୍ତିକାରୀ ଜନନାୟକ ବିନାୟକ ଦାମୋଦର ସଭରକରଙ୍କ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା, ୨୯/୦୫ (ନି.ପ୍ର): ମହାନ ଦେଶଭକ୍ତ କ୍ରାନ୍ତିକାରୀ ତଥା ସ୍ୱାଧିନତା ସଂଗ୍ରାମୀ ବିନାୟକ ଦାମୋଦର ସଭରକର ଙ୍କ ଜୟନ୍ତୀ ପାଳନ କେନ୍ଦ୍ରାପଡାରେ ଅନୁଷ୍ଠିତ ହୋଇଯାଇଛି । ଜୟରାଷ୍ଟ୍ର ସଂଗଠନ ପକ୍ଷରୁ ଜିଲ୍ଲାରେ ପ୍ରଥମଥର କରି ଶ୍ରୀ ସାଭରକରଙ୍କ ୧୪୦ ତମ ଜୟନ୍ତୀ ସ୍ଥାନୀୟ ପବ୍ଲିକ ରିଡିଂ ରୁମ ପରିସରରେ ରବିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ସମାଜସେବୀ ଜ୍ୟୋତିରଞ୍ଜନ ନାୟକ ଅଧକ୍ଷତା କରିଥିବା ବେଳେ ଜୟରାଷ୍ଟ୍ର ସଂଗଠନର ଆବାହକ ବରିଷ୍ଠ ସାମ୍ବାଦିକ ମାତୃଦତ ମହାନ୍ତି ଜୟନ୍ତୀ ପାଳନର ପୃଷ୍ଠଭୁମୀ ଓ ଆବଶ୍ୟକତା ଉପରେ ସୂଚନା ପ୍ରଦାନ କରିଥିଲେ । ଯୁବ ମଂଚ ପରିଚାଳକ ଉମାକାନ୍ତ ଜେନା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଇଂ ଭବାନୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୀର ସାଭରକର ଙ୍କର ଜୀବନୀ, ରାଜନୈତିକ ଦର୍ଶନ, ସ୍ୱାଧିନତା ସଂଗ୍ରାମର ଯୋଗଦାନ, ସଶସ୍ତ୍ର ସଂଗ୍ରାମର ପୃଷ୍ଠଭୂମୀ ତଥା ହିନ୍ଦୁ ରାଷ୍ଟ୍ର ପରିକଳ୍ପନାର ଐତିହାସିକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅବସର ପ୍ରାପ୍ତ ନୌସେନା ଅଧିକାରୀ ପ୍ରମୋଦ ଧଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଜିର ଯୁବ ସମାଜ ସାଭରକର ଙ୍କ ମତ ଓ ଆଦର୍ଶ ପ୍ରତି ଅନୁପ୍ରାଣୀତ ହେବା ଉଚିତ୍ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ସୁଶାନ୍ତ ନାୟକ ଓ ବିଭୂତି ଭୂଷଣ କର ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜ ସେବା ପାଇଁ ବଳଦେବ ସେନା ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୨୯/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ଜଣାଶୁଣା ସାମାଜିକ ଅନୁଷ୍ଠାନ ବଳଦେବ ସେନା ବିଭିନ୍ନ ସାମାଜିକ କାର୍ଯ୍ୟ କରୁଥିବାରୁ ମା’ ପଂଚୁ ବରାହୀ ସେବା ସଂସ୍ଥା ପକ୍ଷରୁ ସେବା ସମ୍ମାନରେ ସମ୍ମାନିତ କରାଯାଇଛି । ବଳଦେବ ସେନା ଜିଲ୍ଲାରେ ସାମାଜିକ ଓ ଧାର୍ମିକ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହୋଇଛି । ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିରର ସ୍ୱଚ୍ଛତା, ଶୃଙ୍ଖଳା ପ୍ରତି ମଧ ଅନେକ ପରିମାଣର ଧ୍ୟାନ ଦେଇଛି ।

# ବଡ଼ୀ ଖୁଂଟରେ ପିଟିହୋଇ ଓଲଟିଲା ମଇଳା ବୁହା ଟ୍ୟାଙ୍କର

କେନ୍ଦ୍ରାପଡ଼ା, ୨୯/୦୫ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ମୀରପାଟଣା ଠାରେ ଏକ ଟ୍ୟାଙ୍କର ଗାଡି ଓଲଟି ଚୁରମାର ହୋଇଥିବା ବେଳେ ସେଥିରେ ବସିଥିବା ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି । ଶ୍ୟାମସୁନ୍ଦରପୁର ବାଟ ଦେଇ ସାନ୍ତସାହି ପୋଲ ଆଡକୁ ଯାଉଥିବା ସମୟରେ ଏହି ଦୃତଗାମୀ ଟ୍ୟାଙ୍କର ଟି ଏକ ବିଦ୍ୟୁତ୍ ଖୁଣ୍ଟରେ ବାଡେଇ ହେବା ଫଳରେ ଖୁଂଟଟି ବଙ୍କା ହେବା ସହ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇ ଥିଲା । ଗାଡିଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ଯାଇଛି । ଟାଉନ ପୋଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ ଚଳାଇଥିବା ଜଣାପଡିଛି ।

# କଚ୍ଛପ ଗତିରେ ଚାଲିଛି ଧାନସଂଗ୍ରହ : ଲକ୍ଷ୍ୟ ଦିନକୁ ୧୨୦୦ କ୍ୱିଣ୍ଟାଲ, ୩ଦିନରେ ୬୦୦



ଖୋର୍ଦ୍ଧା , ୨୯/୦୫ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାରେ କଚ୍ଛପଗତିରେ ଚାଲିଛି ଧାନସଂଗ୍ରହ । ଦିନକୁ ୧୨ଶହ କ୍ୱିଣ୍ଟାଲ ଧାନସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ୩ଦିନରେ ସଂଗୃହୀତ ହୋଇଛି ମାତ୍ର ୬୦୦ କ୍ୱିଣ୍ଟାଲ । ଗତ ଏପ୍ରିଲରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ରବି ଋତୁ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା ଯେ ଦୈନିକ ୧୨ଶହ କ୍ୱିଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗୃହୀତ ହେବ । ମାସେ ବ୍ୟାପୀ ଚାଲିବାକୁ ଥିବା ରବି ଋତୁ ଧାନ ସଂଗ୍ରହରେ ଯାଞ୍ଚ ପରେ ୨୦୯୦ଜଣ ପଞ୍ଜୀକୃତ ଚାଷୀଙ୍କୁ ସାମିଲ କରାଯାଇଛି । ୧୨ ଏପ୍ରିଲ୍ ରବି ଋତୁ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକରେ ମିଲରଙ୍କ ଜରିଆରେ ଦୈନିକ ୧୨ଶହ କ୍ୱିଣ୍ଟାଲ ଧାନ କିଣାଯିବାକୁ ନିଷ୍ପତ୍ତି ହୋଇଥିଲା । ହେଲେ, ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଶନିବାର ସୁଦ୍ଧା ୨ଟି ମଣ୍ଡିରେ ୧୭ ଜଣ ଚାଷୀଙ୍କଠାରୁ ୬୮୦.୮୨ କ୍ୱିଣ୍ଟାଲ ଧାନ ସଂଗୃହୀତ ହୋଇଛି । ଫଳରେ, ମଣ୍ଡିରେ ଯେଉଁ ଭଳି ଚାଷୀଙ୍କ ଠାରୁ ଧାନ କିଣାଯିବାକୁ ତତ୍ପରତା ପ୍ରକାଶ ପାଇବା କଥା ସେଭଳି ତତ୍ପରତା ଦେଖିବାକୁ ମିଳୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ କାଳବୈଶାଖୀ ବର୍ଷାର ସୂଚନାକୁ ନେଇ ଚାଷୀମାନେ ମଣ୍ଡିକୁ ଧାନ ଆଣିବାକୁ ପଛଘୁଞ୍ଚା ଦେଉଛନ୍ତି ବୋଲି କୃଷି ସମବାୟ ସମିତିର ସମ୍ପାଦକମାନେ କହିଛନ୍ତି । ଏନେଇ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ସୁଗୁଡ଼ା ମୁର୍ମୁଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଦିନକୁ ସର୍ବାଧିକ ୧୨ଶହ କ୍ୱିଂଟାଲ୍ ଧାନ କିଣିବାକୁ ନିଷ୍ପତ୍ତି ହୋଇଥିଲା । ଏନେଇ ଆବଶ୍ୟକ ନିର୍ଦ୍ଦେଶ ମଧ ମିଲର ଓ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକୁ ଜଣାଇଦିଆଯାଇଛି । କିନ୍ତୁ ଚାଷୀମାନେ ମଣ୍ଡିକୁ ଧାନ ଆଣିବାରେ ସେଭଳି ଆଗ୍ରହ ଦେଖାଉନାହାନ୍ତି । ଫଳରେ ଧାନ ସଂଗ୍ରହ ପରିମାଣ କମିଯାଇଛି, କିନ୍ତୁ ଆହୁରି ୧ ମାସ ସମୟ ରହିଛି, ଏହା ମଧ୍ୟରେ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ହେବ ବୋଲି ଆଶା ରହିଛି ।

# ଇକୋରୋ ଦ୍ୱାରା ପିଲାମାନଙ୍କ ପାଇଁ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ଉଦ୍ଯାପିତ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ଆନୁକୂଲ୍ୟରେ ରେଳବାଇ କର୍ମଚାରୀଙ୍କ ପିଲାମାନଙ୍କୁ ନେଇ ଆୟୋଜିତ ଗ୍ରୀଷ୍ମକାଳୀନ ଶିବିର ଆଜି ଉତ୍ସାହ ଉଦ୍ଦିପନା ଓ ପରସ୍ପର ଭାବ ବିନିମୟ ସହିତ ବହୁ ଆନନ୍ଦ ଉପଭୋଗର ମଜା ଉଠାଇ ଉଦଯାପିତ ହୋଇଯାଇଅଛି । ଭୁବନେଶ୍ୱର ରେଳବାଇ ଅଡିଟୋରିୟମଠାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଯୋଗଦେଇ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଭିନ୍ନ ଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଉତ୍କର୍ଷତା ପ୍ରତିପାଦନ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରିବା ସହିତ ଏହି ଶିବିରରୁ ଅନୁଭବ ଉପଲବ୍ଧିକୁ ସେମାନଙ୍କର ଭବିଷ୍ୟତ ଜୀବନରେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଗ୍ରୀଷ୍ମକାଳୀନ ଶିବିରରେ ରେଳବାଇ କର୍ମଚାରୀଙ୍କ ପିଲାମାନେ ଯୋଗଦାନ କରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ଯୋଗ, ସଂଗୀତ, ଚିତ୍ରାଙ୍କନ, ନୃତ୍ୟ, ସନ୍ତରଣ, ଅଭିନୟ, ହସ୍ତଶିଳ୍ପ ବୁଣାବୁଣି, ବାଲୁକା କଳା, ସାମରିକ କଳା ପ୍ରତିଭାକୁ ସେମାନେ ଯୋଗ୍ୟ ତାଲିମପ୍ରାପ୍ତ ପ୍ରସିକ୍ଷକଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମହିଳା କଲ୍ୟାଣ ସଂଗଠନର ସଭାପତି ଦିବ୍ୟା ଶର୍ମା ଯୋଗଦାନ କରି ପିଲାମାନଙ୍କୁ ସେମାନଙ୍କର ଅନ୍ତର୍ନିହିତ ଗୁଣ ପ୍ରକାଶ କରିବାକୁ ଉତ୍ସାହିତ କରିଥିଲେ । ଶିବିରର ପିଲାମାନେ କାଦୁଅ, ବାଲି, କାଗଜପତ୍ର ଏବଂ ଜୀବନ୍ତ ରଙ୍ଗ ସହିତ ଯୋଡ଼ିହେବା ପାଇଁ ଏକ ବିଶେଷ ସମୟ ପାଇଛନ୍ତି ଯାହା ସହିତ ସେମାନେ ସେମାନଙ୍କର ଭାବନାକୁ ପରିପ୍ରକାଶ କରିପାରିଛନ୍ତି । ଏହା ବ୍ୟତୀତ ପିଲାମାନେ ଅନ୍ୟ ଶିବିର ସାଥୀମାନଙ୍କୁ ଦେଖି ଅନେକ ଆମୋଦ ବିନୋଦନ କାର୍ଯ୍ୟ ଶିଖିପାରିଛନ୍ତି ଏବଂ ନିଜ ଭିତରେ ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ବିକଶିତ କରିପାରିଛନ୍ତି । ସଂଗଠନର ସମ୍ପାଦିକା ମନମିତା ମଣ୍ଡଳ, ସହ ସମ୍ପାଦିକା ସଂଚିତା ନସ୍କର ଏବଂ କୋଷାଧ୍ୟକ୍ଷ ଭାରତୀ ନିନାୱେ ଏବଂ ଇକୋରୋର ଅନ୍ୟ ସଦସ୍ୟମାନେ ଏହି ସମାବର୍ତ୍ତନ ଉତ୍ସବକୁ ପରିଚାଳନା କରିଥିବାବେଳେ ଗ୍ରୀଷ୍ମ ଶିବିରରେ ପିଲାମାନଙ୍କ ପାଇଁ ଇଭେଂଟ ଗୁଡିକୁ ସକ୍ରିୟ ଭାବରେ ସମନ୍ୱୟ କରିଥିଲେ ।

# ଭୁବନେଶ୍ୱରରେ କୋରାପୁଟ କଂଗ୍ରେସର ଶକ୍ତି ପ୍ରଦର୍ଶନ

ଜୟପୁର, ୨୯/୦୫ (ନି.ପ୍ର): ଜିଲା କଂଗ୍ରେସ ସଭାନେତ୍ରୀ ପଦବୀରୁ ମିନାକ୍ଷୀ ବାହିନିପତିଙ୍କୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଥିବାରୁ ଏହାକୁ ବିରୋଧ ହୋଇଛି । ଏନେଇ ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ନେତୃତ୍ୱରେ କୋରାପୁଟ ଜିଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତି, ଟାଉନ କଂଗ୍ରେସ ସଭାପତି, ସମସ୍ତ ଜିଲା ପରିଷଦ ସଭ୍ୟ, ବ୍ଲକ ଅଧକ୍ଷା, ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, କୋଟପାଡ ଏନଏସି ଅଧକ୍ଷ ଏମ ଶଙ୍କର ରାଓ ପ୍ରମୁଖ ଯାଇ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ମିନାକ୍ଷୀ ବାହିନିପତି ହିଁ ସଭାପତି ରହିବା ପାଇଁ ଦାବି କରିଛନ୍ତି ।

# ପୂଜାରେ ଧୂପ କାଠି ଜଳାଇବା ସମୟରେ କରନ୍ତୁନି ଏହି ଭୁଲ: ନଚେତ୍ ଅଟକିଯିବ ବଂଶବୃଦ୍ଧି

*ଘର କିମ୍ବା ମନ୍ଦିରରେ ପୂଜା କରୁଥିବା ବେଳେ ଆମେ ସମସ୍ତେ ଧୂପ କିମ୍ବା କର୍ପୂର ପରି ଜିନିଷ ଜାଳିଥାଉ । ଆମେ ଏହା କିଛି ପରମ୍ପରା ଅନୁଯାୟୀ କରିଥାଉ କିମ୍ବା ସନାତନ ଧର୍ମରେ ଏ ବିଷୟରେ କୌଣସି ନିୟମ ଦିଆଯାଇଛି । ଆପଣ କେବେ ଭାବିଛନ୍ତି କି ଧୂପକାଠି ଜାଳିବାର ପ୍ରକୃତ କାରଣ କ'ଣ ହୋଇପାରେ ? ଅଗରବତୀକୁ ବାସ୍ତୁ ଶାସ୍ତ୍ରରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆଜି ଆମେ ଆପଣଙ୍କୁ ଏହି ବିଷୟରେ ସୂଚନା ଦେଉଛୁ ।*



**ଧୂପ କାଠି ଜଳାଇବାର ଫାଇଦା :**

ଜ୍ୟୋତିଷଙ୍କ ଅନୁଯାୟୀ କୌଣସି ଦେବତାଙ୍କ ପୂଜା ସମୟରେ ଧୂପକାଠି ଜାଳିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ । ଧୂପ କାଠିର ସୁଗନ୍ଧ ସହିତ ପୁରା ଘର ଭଲ ଗନ୍ଧ କରିଥାଏ, ଯେଉଁ କାରଣରୁ ଘରେ ସକରାତ୍ମକ ଶକ୍ତି ପ୍ରବାହିତ ହୁଏ । ଭଗବାନ ଓ ଦେବୀମାନେ ମଧ୍ୟ ଏହି ସୁଗନ୍ଧରେ ସନ୍ତୁଷ୍ଟ ଏବଂ ସେମାନେ ଆଗକୁ ବଢ଼ିବାକୁ ପରିବାରକୁ ଆଶୀର୍ବାଦ କରନ୍ତି । ଘରେ ଉପସ୍ଥିତ ଥିବା ମନ୍ଦ ଶକ୍ତି ଧୂପକାଠିର ସୁଗନ୍ଧରୁ ଦୂରେଇ ଯାଆନ୍ତି ।

**ବାୟୁରେ ଥିବା ଜୀବାଣୁ ନଷ୍ଟ ହୋଇଯାଏ :**

ଅଗରବତୀ ପାଇଁ ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯଦି ଆମେ ଘରର ଦକ୍ଷିଣ ଦିଗରେ ଧୂପକାଠି ଜାଳେ, ତେବେ ଏହାର ପ୍ରଭାବ ଅଧିକା ଏହା ଘରେ ଉପସ୍ଥିତ ଥିବା ନକାରାତ୍ମକତାକୁ ଦୂର କରିଥାଏ । କେବଳ ଏତିକି ନୁହେଁ, ଧୂପକାଠିରୁ ବାହାରୁଥିବା ଧୂଆଁ ଦ୍ୱାରା ବାୟୁରେ ଉପସ୍ଥିତ ଥିବା ବିପଜ୍ଜନକ ଜୀବାଣୁ ନଷ୍ଟ ହୋଇଯାଆନ୍ତି । ଯେଉଁଥିପାଇଁ ଘରର ପରିବେଶ ଶୁଦ୍ଧ ହୋଇ ପରିବାର ସଦସ୍ୟଙ୍କୁ ରୋଗରୁ ରକ୍ଷା କରାଯାଇଥାଏ ।

**ଭୁଲରେ ମଧ୍ୟ ବାଉଁଶ ଧୂପ କାଠି ଜାଳନ୍ତୁ ନାହିଁ :**

ସନାତନ ଧର୍ମରେ ବାଉଁଶ ଗଛ ଶୁଭ ବୋଲି ବିବେଚନା କରାଯାଏ । ବିବାହ ପରି ଶୁଭ ଦିନରେ ମଣ୍ଡପ ତିଆରି କରିବା ପାଇଁ ବାଉଁଶ କାଠ ବ୍ୟବହୃତ ହୁଏ, କିନ୍ତୁ ଭୁଲରେ ମଧ୍ୟ ଆପଣ ବାଉଁଶ କାଠ ଧୂପ କାଠି ବ୍ୟବହାର କରିବା ଉଚିତ୍ ନୁହେଁ । ଏହା କରିବା ଅସମ୍ଭବ ବୋଲି ବିବେଚନା କରାଯାଏ ଏବଂ ପରିବାରକୁ ଏହାର ଖରାପ ପରିଣାମ ସହିବାକୁ ପଡିବ । ଏହା କରିବା ଦ୍ୱାରା, ବଂଶର ବୃଦ୍ଧି ବନ୍ଦ ହୋଇଯାଏ ଏବଂ ଘରେ ପିତୃ ଦୋଷ ଉତ୍ପନ୍ନ ହୁଏ ।

# ବିମାନ ଦୁର୍ଘଟଣା ପରେ କାହିଁକି ଖୋଜାଯାଏ ବ୍ଲାକ୍ ବକ୍ସ: ଜାଣନ୍ତୁ ଏହା ପଛରେ ଥିବା ପ୍ରକୃତ କାରଣ

ବେଳେବେଳେ କୌଣସି କାରଣ ବସତଃ ଆକାଶରେ ଉଡୁଥିବା ବିମାନ ହଠାତ ଦୁର୍ଘଟଣାର ଶିକାର ହୁଏ । ମଝି ଆକାଶରୁ ତଳକୁ ଖସି ପଡ଼େ କି ସେହି ମଝି ଆକାଶରେ ନିଆଁ ଲାଗି ବିସ୍ଫୋରଣ ହୋଇଯାଏ । ଯାହାଫଳରେ ବିମାନରେ ଥିବା ହଜାର ହଜାର ଲୋକଙ୍କ ଜୀବନ ମଧ୍ୟ ଚାଲିଯାଏ । ତେବେ ଏହି ବିସ୍ଫୋରଣ ପରେ ତଦନ୍ତକାରୀ ସଂସ୍ଥା ଉକ୍ତ ବିମାନର ବ୍ଲାକ ବକ୍ସକୁ ଖୋଜିବାକୁ ଲାଗନ୍ତି । କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟକର କଥା ସେହି ବ୍ଲାକ ବକ୍ସ ବିସ୍ଫୋରଣ ପରେ ମଧ୍ୟ ନଷ୍ଟ ହୋଇ ନଥାଏ । ତେବେ ତଦନ୍ତକାରୀ ଟିମ୍ ପ୍ରକୃତରେ କାହିଁକି ସେହି ବକ୍ସକୁ ଖୋଜେ ସେଥିରେ ଏମିତି କଣ ରହିଥାଏ । ଯିଏକି ଦୁର୍ଘଟଣାର ସବୁ ରହସ୍ୟକୁ ଖୋଲିଦିଏ । ଆଉ ଏହି ରହସ୍ୟ ଖୋଲୁଥିବା ବକ୍ସକୁ ବ୍ଲାକ ବକ୍ସ କଣ ପାଇଁ କୁହାଯାଏ । ତେବେ ଆମେ ଆଜି ଆପଣଙ୍କୁ ଏହି ବ୍ଲାକ ବକ୍ସ କଣ ଏବଂ ଏହାର ରହସ୍ୟ କଣ ଏହି ସମ୍ବନ୍ଧରେ ଜଣାଇବୁ । ବାସ୍ତବରେ ବ୍ଲାକ ବକ୍ସ ହେଉଛି ବିମାନ ମଧ୍ୟରେ ଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପକରଣ । ବ୍ଲାକ୍ ବକ୍ସ ସବୁ ବିମାନରେ ରହିଥାଏ । ସେ ଯାତ୍ରୀ ବିମାନ ହେଉ କି ଯୁଦ୍ଧ ବିମାନ କି ବ୍ୟବସାୟୀକ ବିମାନ । ଏହି ଯନ୍ତ୍ର ବିମାନ ଉଡ଼ାଣର ସବୁ ଗତି ବିଧିକୁ ନିଜ ମଧ୍ୟରେ ରେକର୍ଡ କରି ରଖିଥାଏ । ଏହାକୁ ଫ୍ଲାଇଟ ଡାଟା ରେକର୍ଡ ମଧ୍ୟ କୁହାଯାଏ । ତେବେ ଏହି ବକ୍ସକୁ ସୁରକ୍ଷା ଦୃଷ୍ଟିରୁ ବିମାନର ଶେଷ ଭାଗରେ ରଖାଯାଇଥାଏ । କାରଣ ବିମାନଟି ଦୁର୍ଘଟଣା ଗ୍ରସ୍ତ ହେବା ପରେ ବିମାନର ଶେଷ ଭାଗର ଅଧିକ କ୍ଷତି ହୋଇନଥାଏ । ଏଥିସହିତ ଏହି ବକ୍ସଟି ବହୁତ ଶକ୍ତ ହୋଇଥାଏ । ଯାହାକି ଟାଇଟେନିୟମ ଧାତୁରେ ନିର୍ମାଣ ହୋଇଥାଏ । ତେଣୁ ଏହି ବ୍ଲାକ ବକ୍ସ ନିଆଁରେ ଜଳିଲେ କି ପାଣିରେ ପଡ଼ିଲେ ମଧ୍ୟ ଏଥିରେ ଥିବା ଡାଟାଗୁଡିକ ନଷ୍ଟ ହୋଇନଥାଏ । ଏତତ୍ ବ୍ୟତୀତ ଏହି ବ୍ଲାକ ବକ୍ସର ସବୁଠାରୁ ବଡ ଏବଂ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଥିରେ ୨ ମାସ ପର୍ଯ୍ୟନ୍ତ ଚାର୍ଜ ରହିପାରେ । ଯାହା ଦ୍ୱାରା ତଦନ୍ତକାରି ସଂସ୍ଥା ଫ୍ରିକ୍ୱେନ୍ସି ମାଧ୍ୟମରେ ଏହାକୁ ଖୋଜି ପାଇଥାନ୍ତି । ତେବେ ଏହି ବକ୍ସ ୧୧ ହାଜାର ଡିଗ୍ରି ସେଲସିୟସ ତାପମାତ୍ରାରେ ବି କିଛି କ୍ଷତି ହୋଇନଥାଏ । ଏହାର ରଙ୍ଗ ଲାଲ ହୋଇଥିବାର ଏହାକୁ ଖୋଜିବାରେ ସୁବିଧା ମଧ୍ୟ ହୋଇଥାଏ । ତେବେ ଦୁର୍ଘଟଣା ପୂର୍ବରୁ ୨ ଘଣ୍ଟା ପର୍ଯ୍ୟନ୍ତ ଭଏସ ରେକର୍ଡ କରି ରଖିଥାଏ । ଯେଉଁଥିରୁ ଜଣାପଡ଼ିଯାଏ ବିମାନର ମାହୋଲ କେମିତିଥିଲା । ତେବେ ବିମାନ ଦୁର୍ଘଟଣା ବିଷୟରେ ଜାଣିବା ପାଇଁ ବିମାନରେ ଏହି ବ୍ଲାକ୍ ବକ୍ସକୁ ଲଗାଯାଇଥାଏ । କାରଣ ଦୁର୍ଘଟଣାର ୨ ଘଣ୍ଟା ପୂର୍ବର ଏହି ବକ୍ସ ସବୁ ତଥ୍ୟକୁ ରେକର୍ଡ କରି ରଖିଥାଏ । ଯାହାଫଳରେ ଦୁର୍ଘଟଣା ପରେ ଏହି ବ୍ଲାକ୍ ବକ୍ସକୁ ଖୋଜି ଦୁର୍ଘଟଣାର ପ୍ରକୃତ କାରଣ ଯାଣିବାକୁ ପାଆନ୍ତି । ଦୁର୍ଘଟଣା କିପରି ଘଟିଲା , ଦୁର୍ଘଟଣା ସମୟରେ ବିମାନର ଉଚ୍ଚତା କେତେ ଥିଲା, ବେଗ, ଇନ୍ଧନ ସବୁ କିଛି ରେକର୍ଡ ହୋଇରହିଥାଏ । ତେବେ ୨୫ ଘଣ୍ଟାରୁ ଅଧିକ ସମୟ ଏଥିରେ ରେକର୍ଡ ହୋଇପାରିବ । ଯଦ ଇତିହାସକୁ ଦେଖିବା ତେବେ ଏହି ବ୍ଲାକ ବକ୍ସ ୫୦ ବର୍ଷରୁ ଅଧିକ ପୁରୁଣା ହେବ । ଯେତେବେଳେ ଅଧିକ ବିମାନ ଦୁର୍ଘଟଣା ହେଲା ସେତେବେଳେ ବୈଜ୍ଞାନିକ ମାନେ ଏହାକୁ ଲଗାଇବା ପାଇଁ ଚିନ୍ତା କଲେ । ତେଣୁ ୧୯୫୩ରୁ ୫୪ ମଧ୍ୟରେ ଆଲୋଚନା କରାଯାଇ ଏହାକୁ ବିମାନରେ ଲଗାଯାଇଥିଲା । ତେବେ ଏହା ଲାଲ ରଙ୍ଗ ଭଳି ଦେଖାଯାଉଥିବାରୁ ଏହାକୁ ରେଡ ଏଗ୍ କୁହାଯାଉଥିଲା । କିନ୍ତୁ ଏହାର ଭିତର ରଙ୍ଗ କଳା ଥିବାରୁ ଏହାକୁ ବ୍ଲାକ ବକ୍ସ କୁହାଯାଏ ।




## ଅଜବ ଦୁନିଆ

# ଯେଉଁଠାରେ ମହିଳାଙ୍କୁ ପୁରୁଷଙ୍କଠାରୁ ମାଡ଼ ଖାଇବା ରହିଛି ପରମ୍ପରା

ବିଶ୍ୱର ବିଭିନ୍ନ ସ୍ଥାନରେ ଆଜି ବି ଅଜବଗଜବ ପରମ୍ପରା ରହିଛି । ବିଜ୍ଞାନ ଯେତେ ଆଗକୁ ଦୌଡୁଥିଲେ ମଧ୍ୟ ପରମ୍ପରା ଉପରେ କୌଣସି ପ୍ରଭାବ ପକାଇପାରିନି । ଯେତେବେଳେକି ଲୋକେ ଚନ୍ଦ୍ରରେ ଘର କରିବାକୁ ପ୍ରସ୍ତୁତ ହେଲେଣି, ସେହି ପିଢ଼ିରେ କିଛି ଲୋକ ପରମ୍ପରା ନାଁରେ ବିବାହ ପାଇଁ ରକ୍ତାକ୍ତ ହେଉଛନ୍ତି ତ ଆଉ କେଉଁଠି ପୁରୁଷତ୍ୱ ପ୍ରମାଣ କରିବାକୁ ପଶୁର ରକ୍ତ ମଧ୍ୟ ପିଉଛନ୍ତି । ଆଜି ଆମେ ଏପରି ଆଫ୍ରିକାନ ଜନଜାତି ବାବଦରେ କହିବୁ, ଯେଉଁଠାରେ ମହିଳାମାନେ ନିର୍ଦ୍ଦୟ ଭାବେ ମାଡ଼ ଖାଇଥାନ୍ତି । ତଥାପି ସେମାନେ ଏହାକୁ ସେମାନଙ୍କର ଗର୍ବ ବୋଲି ଭାବନ୍ତି ।

ହେମର ଟ୍ରାଇବର ଲୋକଙ୍କ ମଧ୍ୟରେ ଥିବା ଅଜବଗଜବ ପରମ୍ପରା ମଧ୍ୟରୁ ଏକ ପରମ୍ପରା ହେଉଛି ଉକୁଲି ତୁଲା । ଏହି ପରମ୍ପରା ଅନୁସାରେ ବିବାହର ବୟସ ହେବା ପରେ ପୁରୁଷ ଓ ମହିଳାଙ୍କୁ ଏହାର ପ୍ରମାଣ ଦେବାକୁ ପଡ଼ିଥାଏ । ଏଥିରେ ମହିଳାଙ୍କୁ ଖୁବ୍ ମାଡ଼ ମଧ୍ୟ ମରାଯାଇଥାଏ । ଯେମିତିକି ପୁଅମାନେ ପଶୁଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେଲେ ବିବାହ କରିପାରିବେ ନାହିଁ । ସେହିଭଳି ଯେଉଁ ମହିଳାଙ୍କୁ ଚାପୁଡ଼ା ମରାଯାଏ, ଆଉ ସେ ଯଦି କାନ୍ଦନ୍ତି ତେବେ ସେ ବିବାହ କରିପାରିବେ ନାହିଁ । ଆସନ୍ତୁ ଏହି ଅଜବ ପ୍ରଥା ବିଷୟରେ ଅଧିକ ଜାଣିବା । ବିବାହ ପାଇଁ ଯେଉଁ ମହିଳାଙ୍କୁ ଡକାଯାଇଥାଏ, ତାଙ୍କୁ ମାଡ଼ ମାରିବା ପାଇଁ ଏକ ଗ୍ରୁପ ଆସିଥାନ୍ତି । ଯାହାକୁ ମାଜା କୁହାଯାଏ । ସେମାନେ ସେହି ମହିଳାଙ୍କୁ ଠେଙ୍ଗାରେ ମାଡ଼ ମାରିବା ଆରମ୍ଭ କରିଥାନ୍ତି । ଏହି ସମୟରେ ସେମାନେ କଷ୍ଟରେ କାନ୍ଦି ପାରିବେ ନାହିଁ କି ସେଠାରୁ ଦୌଡ଼ି ଯାଇପାରିବେ ନାହିଁ । ମହିଳାମାନେ ଏହି ମାଡ଼କୁ ସହ୍ୟ କରିଥାନ୍ତି । ଯେଉଁ ମହିଳାଙ୍କୁ ମାଡ଼ ମରାଯାଏ ନାହିଁ, ସେ ମାଡ଼ ଖାଇବାକୁ ଭିକ ମାଗିଥାନ୍ତ ।

ଏହି ପ୍ରକ୍ରିୟାରେ ଯେଉଁ ମହିଳାଙ୍କୁ ଅଧିକ ମାଡ଼ ମରାଯାଇଥାଏ ଏବଂ ସେ ଏହାକୁ ସହ୍ୟ କରିଥାନ୍ତି, ତାଙ୍କୁ ଆଗ ବିବାହ କରାଇ ଦିଆଯାଏ । ଯଦି ଆପଣ ଭାବୁଥିବେ ଏତେ ମାଡ଼ ପରେ ଜୀବନରେ ସୁଖ ରହିଛି । ତେବେ ଏହା ଭୁଲ ଭାବୁଛନ୍ତି । ଯେତେବେଳେ ଯାଏ ମହିଳା ଦୁଇଟି ସନ୍ତାନ ଜନ୍ମ ଦେଇନାହାନ୍ତି ସେ ଯାଏ ପରମ୍ପରା ନାଁରେ ଖୁବ୍ ମାଡ଼ ମରାଯାଇଥାଏ । ସବୁଠୁ ବଡ଼ କଥା ହେଉଛି କୌଣସି କାରଣ ନଥାଇ ପୁରୁଷ ମହିଳାଙ୍କୁ ମାଡ଼ ମାରିଥାନ୍ତି । ମହିଳାଙ୍କ ପିଠିରେ ମାଡ଼ର ଦାଗକୁ ସେମାନେ ଗର୍ବ ବୋଲି ଭାବନ୍ତି । ଏହି ଜନଜାତିରେ ପୁରୁଷଙ୍କୁ ଦ୍ୱିତୀୟ ବିବାହ ପାଇଁ ମଧ୍ୟ ଅନୁମତି ରହିଛି ।



# ଅଙ୍ଗୁର ଖାଇଲେ ମିଳିବ ଏହି ସବୁ ସୁବିଧା: ଏଥିରେ ଥିବା ପଟାସିୟମ୍, ମିନେରାଲ୍ ରକ୍ତରେ ଜଳୀୟ ଅଂଶକୁ ନିୟନ୍ତ୍ରଣ କରେ

ଆପଣଙ୍କୁ ଖଟା ଓ ମିଠା ମିଶା କିଛି ଫଳ ଯଦି ଖାଇବାକୁ ଭଲ ଲାଗେ ତେବେ ଅଙ୍ଗୁର ଖାଆନ୍ତୁ । ଟିକେ ଖଟା ଓ ଟିକେ ମିଠା ଲାଗୁଥିବା ଏହି ଫଳଟି ପ୍ରାୟ ଅଧିକାଂଶ ଲୋକଙ୍କ ପ୍ରିୟ । ଏଥିରେ ଅନେକ ଭଲ ଗୁଣ ରହିଛି । ଏଥିରେ ଥିବା ପଟାସିୟମ୍, ମିନେରାଲ୍ ରକ୍ତରେ ଜଳୀୟ ଅଂଶକୁ ନିୟନ୍ତ୍ରଣରେ ରଖେ । ପଟାସିୟମ ଉଚ୍ଚ ରକ୍ତଚାପକୁ ହ୍ରାସ କରିବା ସହ ହୃଦ୍ ରୋଗୀଙ୍କ ପାଇଁ ମଧ୍ୟ ଖୁବ୍ ସୁଫଳ ପ୍ରଦାନ କରିଥାଏ । କିଛି ଲୋକଙ୍କ ଶରୀରକୁ ଆବଶ୍ୟକୀୟ ପରିମାଣର ନ୍ୟୁଟ୍ରିଏଣ୍ଟସ୍ ମିଳିନଥାଏ, ଅଙ୍ଗୁର ଖାଇବା ଦ୍ୱାରା ସେ ସମସ୍ୟା ବି ସମାଧାନ ହୋଇଯାଏ । ଅଙ୍ଗୁର ଯେ କେବଳ ଆପଣଙ୍କୁ ସୁସ୍ଥ ରଖେ ତା ନୁହେଁ, ଏହାକୁ ଖାଇବା ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କର୍କଟ ସହ ଲଢ଼ିବାର ସାମର୍ଥ୍ୟ ରଖେ । ଶରୀରରୁ କୋଲେଷ୍ଟ୍ରଲ୍ ସ୍ତର କମ୍ କରିବା ସହ ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଏହା ଏକ ଉପକାରୀ ଫଳ । ହାଡ଼କୁ ମଧ୍ୟ ମଜବୁତ୍ କରିଥାଏ । ତେବେ, ଅଙ୍ଗୁରକୁ ଆପଣ ବିଭିନ୍ନ ଉପାୟରେ ଖାଇପାରିବେ । ଅଙ୍ଗୁରକୁ ଖାଲି



ଖାଇପାରିବେ । ଜୁସ୍ କରି ମଧ୍ୟ ପିଇପାରିବେ । ଏହାକୁ ଶୁଖାଇ କିସ୍‌ମିସ୍ ବନାଇବା ମଧ୍ୟ ଖୁବ୍ ସହଜ । ଯଦି ଆପଣ ରାନ୍ଧି କରି ଖାଇବାକୁ ଚାହାନ୍ତି ତ ଅଙ୍ଗୁ ଖଟା ବି କରିପାରିବେ । ଫଳ ସାଲାଡ୍‌ରେ ଅଙ୍ଗୁର ମିଶାଇଲେ ଏହାର ସ୍ୱାଦ ଖୁବ୍ ବଢ଼ିଯାଏ ।

# ସବୁଜ ଓ ହଳଦିଆ ରଙ୍ଗର କଦଳୀ ଅପେକ୍ଷା ନାଲି କଦଳୀ ସ୍ୱାସ୍ଥ୍ୟକୁ ଦିଏ ଏସବୁ ଫାଇଦା



କଦଳୀ ହେଉଛି ଏମିତି ଏକ ଫଳ ଯାହା ପ୍ରତି ଋତୁରେ ମିଳିଥାଏ । ଫାଇବର, ଭିଟାମିନ୍, ମିନେରାଲସ ଭରପୁର ଥିବା କଦଳୀରେ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । କଦଳୀରେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ଆଇରନ୍ ପ୍ରଚୁର ପରିମାଣରେ ଥାଏ, ଯାହା କିଡନୀ, ହୃତପିଣ୍ଡ ଏବଂ ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଭଳି ପରିସ୍ଥିତିରେ କିଛି ଲୋକ ନିୟମିତ ଭାବରେ କଦଳୀ ଖାଇଥା'ନ୍ତି । ଆପଣ ନିଶ୍ଚୟ ସବୁଜ ଏବଂ ହଳଦିଆ ରଙ୍ଗର କଦଳୀ ଦେଖିଥିବେ । କିନ୍ତୁ ଆପଣ କେବେ ନାଲି ରଙ୍ଗର କଦଳୀ ଦେଖିଛନ୍ତି କି ? ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ହଳଦିଆ କଦଳୀ ଅପେକ୍ଷା ଲାଲ କଦଳୀରେ ଅଧିକ ପୋଷକ ତତ୍ତ୍ୱ ମିଳିଥାଏ । ଏହି କାରଣରୁ ନାଲି କଦଳୀ ଖାଇବା ଦ୍ୱାରା ଅନେକ ଗୁରୁତର ରୋଗରୁ ହୋଇନଥାଏ । ଲାଲ ରଙ୍ଗର କଦଳୀର ବିଶେଷତ୍ୱ ହେଉଛି ଯେ ଏହାର ଚୋପା ଲାଲ ରଙ୍ଗର ହୋଇଥିଲେ ବି ଏହାର ସ୍ୱାଦ ଅନ୍ୟ କଦଳୀ ଭଳି ସମାନ । ଦକ୍ଷିଣ-ପୂର୍ବ ଏସିଆରେ ଏହାର ବହୁଳ ଚାଷ କରାଯାଉଥିବାବେଳେ ମଧୁମେହ ରୋଗୀମାନେ ନାଲି କଦଳୀ ମଧ୍ୟ ଖାଇପାରିବେ । ଏହାକୁ ପ୍ରତିଦିନ ସୀମିତ ପରିମାଣରେ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣରେ ରହିଥାଏ । ଲାଲ୍ କଦଳୀରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ । ଲାଲ୍ କଦଳୀରେ ପୋଟାସିୟମ୍ ପ୍ରଚୁର ପରିମାଣରେ ମିଳିଥାଏ । ଉଚ୍ଚ ରକ୍ତଚାପ ସମସ୍ୟା ଥିବା ରୋଗୀମାନେ ମଧ୍ୟ ବିନା ଦ୍ୱିଧାରେ ଏହି କଦଳୀ ଖାଇପାରିବେ । ଦୃଷ୍ଟି ଶକ୍ତି କମ ଥିବା ବ୍ୟକ୍ତିମାନେ ମଧ୍ୟ ଏହି କଦଳୀ ଖାଇବା ଉଚିତ୍ । କାରଣ ଭିଟାମିନ୍ ଏ ଲାଲ୍ କଦଳୀରେ ପ୍ରଚୁର ପରିମାଣରେ ମିଳିଥାଏ । ଲାଲ୍ କଦଳୀ ଖାଇବା ଦ୍ୱାରା ହାଡ ମଧ୍ୟ ମଜବୁତ ହୋଇଥାଏ । ନାଲି କଦଳୀରେ କାର୍ବୋହାଇଡ୍ରେଟ୍ ଅଧିକ ପରିମାଣରେ ଥିବାବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲାଲ କଦଳୀ ମଧ୍ୟ କର୍କଟ ଭଳି ମାରାତ୍ମକ ରୋଗର ଆଶଙ୍କା ହ୍ରାସ କରିଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୩୦ ମଇ ୨୦୨୩, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପ୍ରଗତିର ପଥେ...

ସ୍ୱାଧୀନତାର ପଚସ୍ତରୀତମ ଅମୃତ ମହୋତ୍ସବ ଆଜି ସମଗ୍ର ଦେଶ ପାଳନ କରୁଥିବା ବେଳେ ଓଡ଼ିଶାରେ ବିଜୁ ଜନତା ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ମୁଖ୍ୟମନ୍ତ୍ରୀତ୍ୱକୁ ୨୪ବର୍ଷ ପୂର୍ଣ୍ଣ ହେବା ସହିତ ତାଙ୍କର ପଂଚମ ଟର୍ମର ଚାରିବର୍ଷ ପୁରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ବିଜୁ ଜନତା ଦଳକୁ ହାର୍ଦ୍ଦିକ ଅଭିନନ୍ଦନ । ଓଡ଼ିଶାର ବିକାଶର ଏକ ଲମ୍ବା ପଥରେ ବିଜେଡ଼ି ତାର ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଚରୈବତି ପଥରେ ଯାତ୍ରା ଜାରି ରଖିଛି, କେତେବେଳେ ତାର ଗତି ମନ୍ଥରତ, କେତେବେଳେ ମଧ୍ୟ କ୍ଷୀପ୍ର । ତଥାପି ଅନେକ ସଫଳତାର ପାହାଚ ଅତିକ୍ରମ କରିଛି, ତାହା ଆଜି ବିଚାର କରିବାର କଥା । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ, ଖାଦ୍ୟ, ପାନୀୟଜଳ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭଳି ଭିତ୍ତିଭୂମିର ବିକାଶ ସହିତ ମୌଳିକ ଅଧିକାର ଓ ଆବଶ୍ୟକତା ଓଡ଼ିଶାବାସୀଙ୍କୁ ଯୋଗାଇ ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିଛି ବୋଲି କହିଲେ ବାହୁଲ୍ୟ ହେବନି । ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ କ୍ଷେତ୍ରରେ ମଧ୍ୟ ପଛରେ ପଡ଼ିନାହିଁ । ଆଧୁନିକତା ଓ ବଜାର ଭିତ୍ତିକ ପ୍ରତିଯୋଗିତା ସହିତ ତାଳ ଦେଇ ପ୍ରଯୁକ୍ତି ଓ ବୈଷୟିକ ବିଦ୍ୟା, ସୂଚନା ପ୍ରଯୁକ୍ତିବିଦ୍ୟାର ଉତ୍ତୁଙ୍ଗ ଶିଖରରେ ନିଜର ସ୍ଥାନ ସଂରକ୍ଷିତ ରଖିବା ସହିତ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାର ଉଦ୍ୟମ ଜାରି ରହିଛି । ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ଯଥେଷ୍ଟ ବଢ଼ିଛି, ବିଗତ ସରକାରମାନଙ୍କର ଶାସନ କାଳରେ ଯେଉଁ ଖାଦ୍ୟାଭାବ ଉତ୍କଟ ରୂପଧାରଣ କରି ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟୁଥିଲା ତାହା ଆଜି ସ୍ୱପ୍ନରେ ପରିଣତ ହୋଇଛି । ସ୍ୱଚ୍ଛତା, ପ୍ରଯୁକ୍ତିବିଦ୍ୟା, ଦଳଗତ କାର୍ଯ୍ୟ, ସମୟ ଓ ରୂପାନ୍ତରଣ ଭଳି ପାଂଚଟି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଫାଇବ-ଟି ଭାବେ ଗ୍ରହଣ କରି ନବୀନ ଯେଉଁ ଅଭିନବ ପ୍ରୟାସ ମାଧ୍ୟମରେ ଲୋକହିତକର କାର୍ଯ୍ୟକୁ ସୂଚାରୁ ଭାବେ ସାରା ଓଡ଼ିଶାରେ ସମ୍ପ୍ରସାରିତ କରିଛନ୍ତି, ତା'ର ସୁଫଳ ଜଳଜଳ ଦେଖାଯାଉଛି । ମୋ ସରକାର, ମୋ ସ୍କୁଲ, ମୋ କଲେଜ, ମୋ ବସ୍, ଜୀବନ ରକ୍ଷାକାରୀ ବିଏସକେୱାଇର ଭଳି ଅନେକ କାର୍ଯ୍ୟକ୍ରମର ଜୟଯାତ୍ରା ଅବ୍ୟାହତି ରହିଛି । ୫-ଟି ଉପକ୍ରମ ଅଧୀନରେ ୭୫୦ କୋଟି ଟଙ୍କା ବିନିଯୋଗରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଗୋଟିଏ ଲେଖାଁଏ ଆମ ହସ୍ପିଟାଲ ନିର୍ମାଣ ପ୍ରକଳ୍ପ ବେଶ୍ ସ୍ୱାଗତଯୋଗ୍ୟ । ସରକାରଙ୍କର ପ୍ରତିବଦ୍ଧତା ଯୋଗୁଁ ଛଅବର୍ଷ ଭିତରେ ଆଠଟି ନୂଆ ମେଡିକାଲ କଲେଜ ଓ ଦୁଇଟି ପିଜି ପ୍ରତିଷ୍ଠାନ ସ୍ଥାପିତ ହେଇପାରିଛି । ରୋଗୀଙ୍କ ପରିବହନ ପାଇଁ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ବ୍ୟବସ୍ଥା ଖଂଜା ଯାଇ ନୂଆ ଆମ୍ବୁଲାନ୍ସର ପ୍ରଚଳନ କରାଯାଇଛି । ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ଶୈକ୍ଷିକ ଭିତ୍ତିଭୂମି ସରକାର ଏପରି ଯୋଗାଇ ଦେଇଛନ୍ତି ଯେ ଗଣଶିକ୍ଷା, ବୈଷୟିକ, ବୃତ୍ତିଗତ ଶିକ୍ଷା ଆଦି ସମସ୍ତ କ୍ଷେତ୍ରରେ ଓଡ଼ିଶା ରାଜ୍ୟ ସଫଳତାର ଶୀର୍ଷକୁ ଛୁଇଁଛି ଯାହାଫଳରେ ପୂର୍ବ ଭାରତରେ ଏକ ଶିକ୍ଷା ହବ୍ ଭାବରେ ଆଜି ଠିଆ ହେଇପାରିଛି । ସରକାରଙ୍କର ରୂପାନ୍ତକରଣ ଯୋଜନାରେ ସରକାରୀ ସ୍କୁଲଗୁଡ଼ିକରେ ନବଜାଗରଣ ଘଟୁଛି ବୋଲି କହିଲେ ଅତ୍ୟୁକ୍ତି ହେବନି । ଉପାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ପିଲାମାନଙ୍କୁ ଇଂରାଜୀ ମାଧ୍ୟମରେ ଶିକ୍ଷା ଦେବାଲାଗି ସରକାର କେନ୍ଦ୍ରୀୟ ବିଦ୍ୟାଳୟ ଢ଼ାଞ୍ଚାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ଯାହାପାଇଁ ନବୀନ ସରକାର ପ୍ରଶଂସାର ପାତ୍ର ।

କେବଳ ସେତିକି ନୁହେଁ, ଜାତି ଧର୍ମ ନିର୍ବିଶେଷରେ ଧର୍ମାନୁଷ୍ଠାନଗୁଡ଼ିକର ସଂସ୍କାର ପାଇଁ ସରକାରଙ୍କର ଉଦ୍ୟମ ପ୍ରଶଂସିତ । ଓଡ଼ିଶା ସରକାର ଓ ଫିକି ଆନୁକୂଲ୍ୟରେ ମେକ୍ ଇନ୍ ଓଡ଼ିଶା କନକ୍ଲେଭ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା । ଦେଶ ତଥା ବିଶ୍ୱର ଅନେକ ପ୍ରମୁଖ ଶିଳ୍ପାନୁଷ୍ଠାନର ଅଂଶଗ୍ରହଣ କନକ୍ଲେଭକୁ ଆକର୍ଷଣୀୟ ଓ ମର୍ଯ୍ୟାଦବନ୍ତ କରିପାରିଛି, ବିଶେଷ କରି ବଡ଼ ବଡ଼ ଶିଳ୍ପପତିମାନଙ୍କର ଓଡ଼ିଶାରେ ବିଭିନ୍ନ ଉଦ୍ୟୋଗରେ ପୁଂଜି ନିବେଶ କରିବାର ସ୍ପୃହା ଏବଂ ସେମାନଙ୍କର ତତ-ସମ୍ବନ୍ଧିତ ବକ୍ତବ୍ୟ ବେଶ ରୁଚିକର ଓ ବିଶ୍ୱସନୀୟ ସମ ପ୍ରତୀୟମାନ ହେଉଥିଲା । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ କଥା ଯେ ୧୦ ଲକ୍ଷ ୪୮ ହଜାର ୮୦୭ କୋଟି ନିବେଶ ପ୍ରସ୍ତାବ ଏବଂ ୧୦ ଲକ୍ଷରୁ ଉର୍ଦ୍ଧ୍ୱ କର୍ମ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ବାସ୍ତବରେ ଏକ ବିରଳ ଘଟଣା ଆମ ଓଡ଼ିଶାର ଅର୍ଥନୈତିକ ମାନଚିତ୍ରରେ । ଓଡ଼ିଶାରେ ଖଣି ଏକ ପ୍ରମୁଖ ଶିଳ୍ପ ଯେଉଁଥିରୁ ସରକାରଙ୍କୁ ଅଧିକ ରାଜସ୍ୱ ମିଳିଥାଏ । ନବୀନ ସରକାର ଅତ୍ୟନ୍ତ ନିଷ୍ଠାର ସହିତ ତାର ସୁପରିଚାଳନା କରିଛନ୍ତି, ଯେଉଁଥିପାଇଁ ଖୋଦ ପ୍ରଧାନମନ୍ତ୍ରୀ ମୋଦି ରାଜ୍ୟ ସରକାରଙ୍କ ଖଣି ଓ ରାଜସ୍ୱ ପରିଚାଳନାକୁ ସଂଘୀୟ ଗଣତନ୍ତ୍ର ବ୍ୟବସ୍ଥାରେ ଓଡ଼ିଶା ଏକ ଉଦାହରଣ ବୋଲି ପ୍ରଶଂସା କରିବାକୁ ପଶ୍ଚାତପଦ ହେଇନାହାନ୍ତି । କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ଏକଦା ପଡ଼ିଥିଲା । କିନ୍ତୁ କ୍ରୀଡ଼ାପ୍ରେମୀ ନବୀନଙ୍କର ଦକ୍ଷ ନେତୃତ୍ୱରେ ଓଡ଼ିଶା ଆଜି ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଚିତ ହେଇପାରିଛି ।

# ଗଙ୍ଗା ଦଶହରା


## ଡ଼ଃ.ଅରୁନ୍ଧତୀ ଦେବୀ




ହିମାଳୟର ଗୋମୁଖ ପର୍ବତର ବାହାରି ବଙ୍ଗରେ ଗଙ୍ଗା ସାଗର ପର୍ଯ୍ୟନ୍ତ ବ୍ୟାପୀ ଥିବା ଗଙ୍ଗା ନଦୀ ଭାରତର ଜୀବନ ଧାରା ଭାବେ ପରିବ୍ୟାପ୍ତ । ବିରାଟ ଭୂଭାଗରେ ଜଳ ସିଞ୍ଚନ କରି ଅନ୍ନର ବିଶାଳ ଭଣ୍ଡାର ଯୋଗଇ ଦେବାରେ ସହାୟକ ହୋଇଥିବା ଏହି ନଦୀ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଦେବୀ ସମାନ ପୂଜନୀୟା । ଧର୍ମପ୍ରାଣ ଭାରତୀୟ ସମାଜ ଯୁଗ ଯୁଗ ଧରି ଦେବୀ ଗଙ୍ଗାଙ୍କୁ ଶ୍ରଦ୍ଧା ଏବଂ ଆସ୍ଥାର ଆଧାର ଭାବେ ବିବେଚନା କରି ପୂଜି ଆସିଛି । ଗଙ୍ଗାତଟରେ ଗଢ଼ି ଉଠିଥିବା ନଗର, ମହାନଗର ଏବଂ ଜନବସତିଗୁଡ଼ିକର ସମୃଦ୍ଧତା ଦେଖିଲେ ଏହି ମହାନ ନଦୀର ମହାନତା ଏବଂ ମାନବ ସମାଜ ପ୍ରତି ଏହାର ଯୋଗଦାନ ସ୍ପଷ୍ଟ ଭାବେ ପ୍ରତୀୟମାନ ହୋଇଥାଏ । ଅବତରଣ ସମୟ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦେବୀ ଗଙ୍ଗାଙ୍କ ବୃତ୍ତାନ୍ତ ସଂଘର୍ଷପୂର୍ଣ୍ଣ । ପୌରାଣିକ କଥାନୁଯାୟୀ, କପିଳ ମୁନିଙ୍କ କୋପଦୃଷ୍ଟିରେ ଭସ୍ମ ହୋଇଯାଇଥିବା ନିଜ ୬୦ ହଜାର ବଂଶଧରଙ୍କ ମୁକ୍ତି ନିମନ୍ତେ କଠୋର ତପ କରି ଭଗୀରଥ ଦେବୀ ଗଙ୍ଗାଙ୍କୁ ସ୍ୱର୍ଗରୁ ପୃଥିବୀକୁ ଆଣି ପାରିଥିଲେ । ହେଲେ ଗଙ୍ଗା ଦେବୀ ପୃଥିବୀରେ ଖସିବା ସମୟରେ ତାଙ୍କ ବେଗ କିଏ ସମ୍ଭାଳିବ, ତାହା ଏକ ସମସ୍ୟା ଭାବେ ଉଭା ହେଲା । ଏହାପରେ ଭଗୀରଥ ଭଗବାନ ଶିବଙ୍କୁ ତପସ୍ୟା କରି ପ୍ରସନ୍ନ କଲେ ଏବଂ ତାଙ୍କୁ ଗଙ୍ଗା ଦେବୀଙ୍କ ପ୍ରଖର ବେଗ ସମ୍ଭାଳିବା ଲାଗି ରାଜି କରାଇଥିଲେ । ଶିବଙ୍କ ଜଟାରେ ରହିବା ପରେ ଗଙ୍ଗା ଦେବୀ ବାହାରକୁ ବାହାରିବାର ବାଟ ପାଇଲେ ନାହିଁ । ଭଗୀରଥ ପୁନର୍ବାର ଶିବଙ୍କ ଆରାଧନା କଲେ । ପ୍ରସନ୍ନ ହୋଇ ମହାଦେବ ନିଜ ଜଟାରୁ ଗଙ୍ଗାଙ୍କୁ ମୁକ୍ତ କଲେ । ଗଙ୍ଗା ଦେବୀ ଜଟାରୁ ମୁକ୍ତ ହୋଇ 'ବିନ୍ଦୁସର ସରରୋବ'ରେ ପ୍ରଥମେ ପଦାର୍ପଣ କଲେ । ଏହି ସରୋବର ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା । ଏହି ଠାରେ ଗଙ୍ଗା ଦେବୀ ସାତଟି ଧାରାରେ ପୃଥିବୀପୃଷ୍ଠରେ ବହୁ ଭୂଖଣ୍ଡକୁ ପବିତ୍ର କରିଥିଲେ । ଯେଉଁଦିନ ଗଙ୍ଗା ଦେବୀ ଭୂପୃଷ୍ଠରେ ଅବତରଣ କରିଥିଲେ ସେଦିନ ଥିଲା ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଦଶମୀ ତିଥି । ହେଲେ ଗଙ୍ଗା ଦେବୀଙ୍କ ସାତଟି ଧାରା ଆଉ ଏକ ସମସ୍ୟା ସୃଷ୍ଟି କଲା । ଗଙ୍ଗାଙ୍କ ପ୍ରବାହ ମାର୍ଗରେ ମହର୍ଷି ଜହ୍ନୁଙ୍କ ଆଶ୍ରମ ଥିଲା । ଗଙ୍ଗା ଦେବୀଙ୍କ ସ୍ରୋତରେ ଜହ୍ନୁଙ୍କ ତପସ୍ୟା ଭଙ୍ଗ ହେଲା । ସେ ଗଙ୍ଗାଙ୍କୁ ସମ୍ପୂର୍ଣ୍ଣ ଗିଳିଥିଲେ । ଭଗୀରଥ ପୁଣି ଥରେ ଜହ୍ନୁ ଋଷିଙ୍କୁ ତପସ୍ୟା କରିବାକୁ ସେ ତାଙ୍କ ଜଙ୍ଘ ଦେଇ ଗଙ୍ଗାକୁ ଛାଡ଼ି ଦେଲେ । ସେହିଦିନ ଠାରୁ ଦେବୀ ଗଙ୍ଗା ଜାହ୍ନବୀ ନାମରେ ଖ୍ୟାତ ହେଲେ । ଦେବୀ ଗଙ୍ଗାଙ୍କୁ ଭଗୀରଥ ପୃଥିବୀପୃଷ୍ଠକୁ ଆଣିଥିବାରୁ ସେ ଭଗୀରଥୀ ନାମରେ ମଧ ପ୍ରସିଦ୍ଧ ହେଲେ । ସ୍ୱର୍ଗରୁ ଦେବୀ ଗଙ୍ଗାଙ୍କ ପୃଥିବୀ ଆଗମନ ଦିନକୁ ସ୍ମରଣ କରିବା ଲାଗି ଗଙ୍ଗା ଦଶହରା ପର୍ବ ପାଳନ କରାଯାଇଥାଏ । ଏହି ଦିନରେ ଦେବୀ ଗଙ୍ଗାଙ୍କ ପୂଜାର୍ଚ୍ଚନା କରାଯାଇଥାଏ ।


ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦


# ଗଙ୍ଗାଙ୍କ ପାଇଁ ଦଶହରା




ସାଇବିଥି, ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ,
ମୋ: ୯୦୯୦୦୫୧୫୪୩

## ସୌମ୍ୟସାଇ ସିଦ୍ଧାର୍ଥ ଭୂୟାଁ




ଗଙ୍ଗା ଦଶହରାର ଗୁରୁତ୍ୱ : ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷର ପ୍ରଥମ ଦିଶଦିନକୁ ଗଙ୍ଗା ଦଶହରା ଭାବରେ ପାଳନ କରାଯାଏ । ଦଶମୀ ଦିନ ଗଙ୍ଗାବତରଣ ଉତ୍ସବ ପାଳନ କରାଯାଏ । ଏହି ଦିନ ଗଙ୍ଗା ନଦୀରେ ସ୍ନାନ କରି ତର୍ପଣ ଓ ଦାନ କଲେ ସାରା ଜୀବନର ପାପ କ୍ଷୟ ହୋଇଯାଏ । ତେଣୁ ଭକ୍ତି ଓ ବିଶ୍ୱାସର ପର୍ବ ଏହି ଗଙ୍ଗା ଦଶହରା । ଶାସ୍ତ୍ର ମତ ଅନୁଯାୟୀ, ଯଦି କେହି ଏହି ଦିନ ଗଙ୍ଗା ସ୍ନାନ ନକରି ପାରନ୍ତି ତା ହେଲେ ନିକଟସ୍ଥ ନଦୀରେ ସ୍ନାନ କରି ତର୍ପଣ କରିବା ମଧ ଫଳଦାୟୀ ହୋଇଥାଏ ।

ଗଙ୍ଗା ଦଶହରାର କାହାଣୀ : ପୁରୁଣା ସମୟରେ ଅଯୋଧାରେ ସଗର ବୋଲି ଜଣେ ରାଜା ଥିଲେ । ତାଙ୍କର କେଶିନୀ ଓ ସୁମତି ନାମକ ଦୁଇରାଣୀ ଥିଲେ । ପ୍ରଥମ ରାଣୀଙ୍କର ଜଣେ ମାତ୍ର ପୁତ୍ର ଥିଲେ । ଦ୍ୱିତୀୟ ରାଣୀଙ୍କର ୬୦ ହଜାର ପୁତ୍ର ଥିଲେ । ଥରେ ସଗର ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଯଜ୍ଞର ପୂର୍ଣ୍ଣାହୁତି ପୂର୍ବରୁ ଯଜ୍ଞଅଶ୍ୱକୁ ଛାଡ଼ି ଦିଆଗଲା । ଏହି ଯଜ୍ଞ ଅଶ୍ୱକୁ କେହି ଅଟକାଇ ନେଲେ ତାଙ୍କ ସହ ଯୁଦ୍ଧ କରି ତାକୁ ଜିତିବା ନିୟମ ଥିଲା । କିନ୍ତୁ ଏହି ଅଶ୍ୱକୁ କେହି ନ ଅଟକାଇଲେ ରାଜା ସଗର ରାଜଚକ୍ରବର୍ତ୍ତୀ ହୋଇଥାନ୍ତେ । ଯଜ୍ଞଙ୍କୁ ବିଫଳ କରିବା ପାଇଁ ଦେବରାଜ ଇନ୍ଦ୍ର ଅଶ୍ୱଟିକୁ ଚୋରି କରିନେଇ କପିଳମୁନିଙ୍କ ଆଶ୍ରମରେ ଲୁଚାଇଦେଲେ । ରାଜା ସଗର ଅଶ୍ୱଟିକୁ ଖୋଜିବା ପାଇଁ ପୁଅ ମାନଙ୍କୁ ପଠାଇଲେ । ସେମାନେ ଅଶ୍ୱକୁ ଖୋଜି ଖୋଜି କପିଳ ମୁନିଙ୍କ ଆଶ୍ରମରେ ତାକୁ ପାଇଲେ । କପିଳ ମୁନି ଅଶ୍ୱଟିକୁ ଚୋରାଇ ଆଣିଛନ୍ତି ମନେ କରି ସେମାନେ ଧ୍ୟାନମଗ୍ନ ମୁନିଙ୍କୁ ଭର୍ତ୍ସନା କଲେ । ଏଥିରେ ମୁନି କ୍ରୋଧିତ ହୋଇଗଲେ ଓ ତାଙ୍କ ଅଭିଶାପରେ ସଗର ୬୦ ହଜାର ପୁତ୍ର ପୋଡି ପାଉଁଶ ହୋଇଗଲେ । ଏହାପରେ ପ୍ରଥମ ରାଣୀଙ୍କ ପୁଅ ଦିଲ୍ଲୀପ ଅଶ୍ୱକୁ ଖୋଜି ଖୋଜି ଆଶ୍ରମରେ ପହଞ୍ଚିଲେ । ସେତେବେଳେ ମହାତ୍ମା ଗରୁଡ଼ ତାଙ୍କୁ ଅନ୍ୟ ସଗର ପୁତ୍ରମାନଙ୍କ ବିଷୟରେ ଜଣାଇଲେ । ଦିଲ୍ଲୀପ ଭାଇମାନଙ୍କ ଜୀବନ ଫେରାଇ ଦେବା ନିମନ୍ତେ କପିଳ ମୁନିଙ୍କୁ ପ୍ରାର୍ଥନା କଲେ । ମୁନି କହିଲେ ବର୍ତ୍ତମାନ ତୁମେ ଏହି ଅଶ୍ୱକୁ ନେଇ ଯଜ୍ଞ କାର୍ଯ୍ୟ ସମାପ୍ତ କର । ଏହାପରେ ଯଦି ତୁମେ ଗଙ୍ଗାଙ୍କୁ ପ୍ରାର୍ଥନାରେ ସନ୍ତୁଷ୍ଟ କରି ଏହି ଭସ୍ମ ଉପରେ ପ୍ରବାହିତ କରାଇପାରିବ ତାହେଲେ ଏମାନଙ୍କ ଆତ୍ମ ମୁକ୍ତ ହେବ । ଦିଲୀପ ଦୀର୍ଘ ବର୍ଷ ତପସ୍ୟା କଲାପରେ ବି ଗଙ୍ଗାଙ୍କୁ ସନ୍ତୁଷ୍ଟ କରାଇପାରିଲେନି । ଦିଲୀପଙ୍କ ପରେ ତାଙ୍କ ପୁଅ ଭଗୀରଥ ନିଜ ପୂର୍ବଜମାନଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୋକର୍ଣ୍ଣ ଠାରେ ତପସ୍ୟାରେ ବସିଲେ । ସେ ଧ୍ୟାନରେ ବସିଥିବାବେଳେ ବର୍ଷ ପରେ ବର୍ଷ ଅତିକ୍ରମ କରିଗଲା । ଦିନେ ଗଙ୍ଗା ଭଗୀରଥଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପୃଥିବୀ ପୃଷ୍ଠକୁ ଆସିବାକୁ ରାଜି ହେଲେ । ହେଲେ ଏଠି ବି ସମସ୍ୟା ଥିଲା । ଗଙ୍ଗା ସ୍ୱର୍ଗରୁ ମର୍ତ୍ତ୍ୟକୁ ଓହ୍ଲାଇବା ବେଳେ ତାଙ୍କ ବେଗକୁ ସମ୍ଭାଳିବ କିଏ ? କାରଣ ଗଙ୍ଗା ସ୍ୱର୍ଗରୁ ସିଧାସଳଖ ପୃଥିବୀକୁ ଓହ୍ଲାଇଲେ ପୃଥିବୀର ବକ୍ଷ ବିଦୀର୍ଣ୍ଣ ହୋଇଯିବ । ବ୍ରହ୍ମା କହିଲେ, ମହାଦେବଙ୍କ ବ୍ୟତୀତ ଗଙ୍ଗାକୁ କେହି ଧାରଣ କରିପାରିବେନି । ଏହାପରେ ଭଗୀରଥ ଶିବଙ୍କୁ ପ୍ରାର୍ଥନା କଲେ । ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶିବ ଗଙ୍ଗାଙ୍କର ଏହି ବିଶାଳ ଓଜନ ବହନ କରିବାକୁ ରାଜି ହେଲେ, ଗଙ୍ଗାଙ୍କୁ ଧାରଣ କରିବା ପାଇଁ ସେ ନିଜ ଜଟା ଖୋଲିଦେଲେ । ସ୍ୱର୍ଗରୁ ଶିବଙ୍କ ଜଟା ଦେଇ ଗଙ୍ଗା ପୃଥିବୀକୁ ଓହ୍ଲାଇଲେ । ଦିନ ଥିଲା ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଦଶମୀ । ଗଙ୍ଗାବତରଣ ତିଥିରେ ହରିଦ୍ୱାରସ୍ଥିତ ହର କି ପେଡ଼ିରେ ବିଶେଷ ଆୟୋଜନ କରାଯାଏ । ଗଙ୍ଗାଙ୍କୁ ଗଙ୍ଗାମାତା ଓ ଗଙ୍ଗାଦେବୀ ଭାବରେ ପୂଜା କରାଯାଏ । ବିଶେଷ କରି ଯେଉଁସବୁ ଅଞ୍ଚଳ ଦେଇ ଗଙ୍ଗାନଦୀ ପ୍ରବାହିତ ହୋଇଛି ଯଥା ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଆଦିରେ ଏହି ପର୍ବ ଖୁବ୍ ଧୁମଧାମରେ ପାଳନ କରାଯାଏ । ଶ୍ରଦ୍ଧାଳୁମାନେ ହୃଷିକେଶ, ହରିଦ୍ୱାର, ଗରମୁକ୍ତେଶ୍ୱର, ପ୍ରୟାଗ, ବାରାଣାସୀ ଆଦି ପବିତ୍ର ସ୍ଥାନରେ ଧାନ କରି ଗଙ୍ଗାସ୍ନାନ କରନ୍ତି । ସନ୍ଧ୍ୟାରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ କାଗଜଡଙ୍ଗାରେ ଦୀପ ଫୁଲ ଓ ମିଠା ଗଙ୍ଗାନଦୀରେ ଅର୍ପଣ କରନ୍ତି । ଘଣ୍ଟା ଘଣ୍ଟା, ଭଜନ, କୀର୍ତ୍ତନ ଏବଂ ଶ୍ଳୋକ ପାଠ ମଧରେ ଗଙ୍ଗାକୂଳ ଦଶାଶ୍ୱମେଧ ଘାଟରେ ପ୍ରଭାତ ଏବଂ ସାନ୍ଧ୍ୟ ଆଳତି କରାଯାଏ । ଯେଉଁମାନେ ଗଙ୍ଗାରେ ସ୍ନାନ କରିପାରନ୍ତି ନାହିଁ, ସେମାନେ ନିକଟସ୍ଥ ଜଳଧାରାରେ ସ୍ନାନ ତର୍ପଣ କରି ଗଙ୍ଗାଜଳ ସିଞ୍ଚନ କରନ୍ତି ।

ସ୍ୱର୍ଗରୁ ଓହ୍ଲାଇବାବେଳେ ଗଙ୍ଗା ଶିବଙ୍କ ଜଟାରେ ପହଞ୍ଚି ୭ଟି ଧାରାରେ ବିଭକ୍ତ ହୋଇଥିଲେ । ଏହି ଧାରାଗୁଡ଼ିକ ହେଉଛନ୍ତି ପାବନୀ, ନଳିନୀ, ହାଦିନୀ, ସୁଚକ୍ଷୁ, ସୀତା ଓ ସିନ୍ଧୁ । ସପ୍ତମ ଧାରା ଜହ୍ନୁ ଋଷିଙ୍କ ଆଶ୍ରମ ନିକଟ ଦେଇ ଗତି କରିଥିଲା । ତେଣୁ ଏହି ଧାରାର ନାମ ଜାହ୍ନବୀ । ହିନ୍ଦୁ ଧର୍ମରେ ଗଙ୍ଗାନଦୀ ସବୁଠାରୁ ପବିତ୍ର ଏବଂ ସେ ବ୍ୟକ୍ତି ଭାବରେ ବିବେଚିତ ହୁଅନ୍ତି । ହିନ୍ଦୁମାନେ ବିଶ୍ୱାସ କରନ୍ତି ଗଙ୍ଗାମାତା ସବୁ ପାପରୁ ମୁକ୍ତି ଦେଇ ଜୀବନ - ମୃତ୍ୟୁ ଚକ୍ରରୁ ମୁକ୍ତି ଦିଅନ୍ତି । ତେଣୁ ଭାରତୀୟମାନେ ନିଜ ପୂର୍ବପୁରୁଷଙ୍କୁ ଜୀବନ ଚକ୍ରରୁ ମୁକ୍ତି ଦେବା ପାଇଁ ସେମାନଙ୍କ ଚିତାଭସ୍ମଙ୍କୁ ଗଙ୍ଗାରେ ବିସର୍ଜନ କରନ୍ତି । ହିନ୍ଦୁମାନଙ୍କର ଅନେକ ପବିତ୍ର ସ୍ଥାନ ଗଙ୍ଗାନଦୀ କୂଳରେ ହିଁ ଅବସ୍ଥିତ । କେବଳ ଭାରତ ନୁହେଁ, ଅନ୍ୟ ଦେଶର ହିନ୍ଦୁ ଧର୍ମାବଲମ୍ବୀମାନେ ମଧ ଗଙ୍ଗାଙ୍କୁ ଦେବୀ ଭାବରେ ପୂଜା କରନ୍ତି । ଥାଇଲାଣ୍ଡରେ ଗଙ୍ଗା ଓ ଭଗବାନ ବୁଦ୍ଧଙ୍କ ଉଦ୍ଦେଶ୍ୟରେ ଲୋ କ୍ରାଥଙ୍ଗ ନାମକ ପର୍ବ ପାଳନ କରାଯାଏ । ସେମାନେ ପତ୍ର ଠୋଲାରେ ଦୀପ ଗଙ୍ଗାମାତାଙ୍କ ଉଦ୍ଦେଶ୍ୟରେ ନଈରେ ଭସାଇ ଦିଅନ୍ତି । ବିଶ୍ୱାସ କରନ୍ତି ଏହା ଗଙ୍ଗାମାତା ସେମାନଙ୍କୁ ନକରାତ୍ମକ କର୍ମର ପରିଣାମରୁ ମୁକ୍ତି ଦେବେ । ଭଗବତ ପୁରାଣରେ ଗଙ୍ଗାଙ୍କ ଜନ୍ମର କାହାଣୀ ରହିଛି । ଭଗବତ ପୁରାଣ ଅନୁଯାୟୀ ବିଷ୍ଣୁ ବାମନ ଅବତାରରେ ଅସୁର ରାଜା ବଳୀଙ୍କ ପ୍ରସାଦରେ ଠିଆ ହୋଇ ବିଶ୍ୱକୁ ମାପିବା ପାଇଁ ଗୋଟିଏ ଗୋଡ଼ ଉଠାଇଲେ । ବିଶ୍ୱର ଆବରଣକୁ ସେ ବୁଢ଼ା ଆଙ୍ଗୁଠିରେ କଣା କରିଦେଲେ । ସେହି କଣା ଦେଇ ସ୍ୱର୍ଗୀୟ ସାଗରର ଜଳ ବିଶ୍ୱ ଭାରତକୁ ପ୍ରବେଶ କଲା । ଭଗବାନ ବିଷ୍ଣୁଙ୍କ ଚରଣ ସ୍ପର୍ଶ କରି ଗଙ୍ଗାନଦୀର ଜଳ ଈଷତ୍ ଗୋଲାପୀ ରଙ୍ଗ ଧାରଣ କଲା । ଗଙ୍ଗା ପ୍ରତ୍ୟକ୍ଷ ଭାବରେ ବିଷ୍ଣୁଙ୍କ ପାଦ ସ୍ପର୍ଶ କରିଥିବାରୁ ତାଙ୍କୁ ଭଗବତପଦୀ ମଧ କୁହାଯାଏ । ବିଶ୍ୱ ବ୍ରହ୍ମାଣ୍ଡ ମଧରେ ପ୍ରବେଶ କରି ଗଙ୍ଗା ବ୍ରହ୍ମଲୋକରେ ଅବସ୍ଥାନ କଲେ । ଏହାର ଅନେକ କାଳ ପରେ ଗଙ୍ଗା ଭଗୀରଥଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ପୃଥିବୀକୁ ଓହ୍ଲାଇଥିଲେ । ହିନ୍ଦୁ ପୁରାଣରେ ଗଙ୍ଗା ଏକମାତ୍ର ନଦୀ ଯିଏ ତିନିଲୋକ ଯଥା - ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳରେ ପ୍ରବାହିତ ହେଉଛନ୍ତି । ତିନିପୁରରେ ପ୍ରବାହିତ ହେଉଥିବାରୁ ସଂସ୍କୃତରେ ଗଙ୍ଗାକୁ ତ୍ରିପଥଗା କୁହାଯାଏ । ଭଗୀରଥଙ୍କ ନିଷ୍ଠାପର ଉଦ୍ୟମରେ ଗଙ୍ଗା ପୃଥିବୀକୁ ଆସିଥିବାରୁ ଆଜି ମଧ କୌଣସି କଷ୍ଟକର ଉପଲବ୍ଧି ନିମନ୍ତେ ଭଗୀରଥ ଉଦ୍ୟମ ବୋଲି କୁହାଯାଏ ।

ବିଶ୍ୱାସ କରାଯାଏ ଏହି ନଦୀ କଳିଯୁଗ ଶେଷରେ ଶୁଖିଯିବ । ହିନ୍ଦୁ ଧର୍ମର ସବୁଠାରୁ ପୁରାତନ ବେଦ ଋକ୍ ବେଦରେ ଗଙ୍ଗାନଦୀ ବିଷୟରେ ବର୍ଣ୍ଣନା ରହିଛି । ସ୍କନ୍ଦ ପୁରାଣରେ ଦେବୀ ଗଙ୍ଗା କାର୍ତ୍ତିକେୟଙ୍କର ପାଳିତ ମାତା ବୋଲି ବର୍ଣ୍ଣନା ରହିଛି । ଏହାଛଡ଼ା ପାର୍ବତୀ ମାଟିରେ ଯେଉଁ ମୂର୍ତ୍ତି ଗଢ଼ି ଗଣେଶଙ୍କୁ ରୂପ ଦେଇଥିଲେ ସେହି ମୂର୍ତ୍ତିକୁ ଗଙ୍ଗାଜଳରେ ସ୍ନାନ କରାଇ ଜୀବନ୍ୟାସ ଦେଇଥିଲେ । ତେଣୁ ଗଣେଶଙ୍କର ପାର୍ବତୀ ଓ ଗଙ୍ଗା ଉଭୟ ମାତା ବୋଲି କୁହାଯାଏ । ମହାଭାରତ ଅନୁଯାୟୀ ଗଙ୍ଗା ମହାରାଜା ଶାନ୍ତନୁଙ୍କର ପତ୍ନୀ ଏବଂ ଭୀଷ୍ମଙ୍କର ମା' । ହିନ୍ଦୁ ବିଶ୍ୱାସ ଅନୁଯାୟୀ ଗଙ୍ଗାଜଳ ସବୁ ପାପ କ୍ଷମା କରି ମୋକ୍ଷ ପ୍ରଦାନ କରେ । ଏହି କାରଣରୁ ଲୋକମାନେ ନିଜର ସବୁ ଧାର୍ମିକ ଦାନ ହିଁ ଗଙ୍ଗାନଦୀରେ ବିସର୍ଜନ କରନ୍ତି । କିନ୍ତୁ ଏହି ଧାର୍ମିକ କାରଣରୁ ଗଙ୍ଗା ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ପ୍ରତିବର୍ଷ ତୀର୍ଥଯାତ୍ରା ସମୟରେ ପ୍ରାୟ ୧୫ ଲକ୍ଷ ତୀର୍ଥଯାତ୍ରୀ ହରିଦ୍ୱାର, ବାରାଣସୀ ଏବଂ ଆହ୍ଲାବାଦ ଆସନ୍ତି । ବିପୁଳ ସଂଖ୍ୟକ ଯାତ୍ରୀଙ୍କ ସାମୁହିକ ସ୍ନାନ, ତର୍ପଣ ଓ ଦାନ ଆଦି ଗଙ୍ଗାନଦୀକୁ କ୍ରମାଗତ ପ୍ରଦୂଷିତ କରିବାରେ ଲାଗିଛି ।




## ଚିତ୍ରଲେଖା

### ଶୁଭେନ୍ଦୁ ମେହେର

ସହରରୁ ଅନେକ ଦୂରେ......!
ଖାଲ ଖମାର ପଥୁରିଆ ରାସ୍ତା ଦେଇ
ପାହାଡ଼ ସେ ପଟେ
ଚିତ୍ରଲେଖାର ଗାଁ ।
ଚିତ୍ରଲେଖା.......!
ଯୌବନ ଢେଉରେ କୁଳ ଖାଉଥିବା
ପୂର୍ଣ୍ଣଗର୍ଭା ନଈଟିଏ ।
ସବୁଜ ଧାନ କ୍ଷେତରେ
ଖୁଣ୍ଟି ଖାଉଥିବା ଶାଗୁଆ ଶାରୀ ଟିଏ ।
ଆକାଶ ଭର୍ତ୍ତି ମେଘମାଳା କେବେ ତ !
ଅଙ୍କା ବଙ୍କା ହୋଇ
ପାହାଡ଼ ଦେହରୁ ଝରି ଯାଉଥିବା
ନିରୀହ ନିର୍ଝରିଣୀ ଟିଏ ।
ତା ରୂପ ଯୌବନ ଆଗରେ
ଆତ୍ମହତ୍ୟା କରନ୍ତି ପ୍ରକୃତି ସମଗ୍ର ।
ଦିଗବଳୟର ରଙ୍ଗୀନ ଇନ୍ଦ୍ରଧନୁ ବି
ଲାଜେଇ ଯାଏ ।
ବେଳେବେଳେ ତା ଚାରୁ ଚର୍ଚ୍ଚିତ
ଚିତ୍ରକଳ୍ପରେ
ଚୋରା ଚୈତାଳିର ମତିଭ୍ରମ ହୁଏ ।
ଚିତ୍ରଲେଖା....!
ଶ୍ୟାମଳ ଅଙ୍ଗବସ୍ତ୍ରର
ପରିପାଟୀରେ ଶୋଭାପାଏ
କୋମଳ ତନୁରେ ତାର
ସୁଢ଼ଳ ଯୌବନ ଲହଡି ଭାଙ୍ଗେ ।
କଳାମେଘର ମତିଭ୍ରମ କରୁଥିବା
ତା ଘନ କେଶରାଶି ହୃଦୟ କିଣେ ।
ଚିତ୍ରଲେଖା,
ନିତି ଆସେ ତୁଠକୁ !
ସେଇ ଦୁର୍ଗମ ଅନାବନା ରାସ୍ତାରେ
ହଲି ଝୁଲି ।
ତାର ଆବର୍ତ୍ତନରେ
ଲବଙ୍ଗ ଦ୍ୱୀପର ମନ୍ଦ ମଳୟ
ଅଳସ ଭାଙ୍ଗେ
କଇଁ କଇଁ କାନ୍ଦେ
କାମନାର ଲୁବ୍ଧ ନୀଳକଇଁ
ମହ ମହ ମଧୁମାଳତୀର ଗଜରା ନାଇ
ଥରାଇ ଦିଏ ଜୁଆନ ଛାତି ।
ମାଟି ଶୀତଳ ହୁଏ
କମିଯାଏ ତାତି ।
ଆଲୁଅ ର ଆବେଗରେ
ଉଭାନ ହୁଏ ରାତି ।
ତା ସ୍ମୃତିକୁ ଖୋଜି ଖୋଜି
ବୁଲିଛି ମୁଁ ପାହାଡ଼ ଡଙ୍ଗର,
ଅନେକ ଖୋଜିଲା ପରେ
ଯେବେ ମୋତେ ଲାଗେ ଏକା ।
ପଥରେ ପଥରରେ
ଗଗନରେ ଆଉ ପବନରେ
ଅନୁଭବ କରିଛି ତା
ଯୌବନର ଦିଗବଳୟ ରେଖା
ରୂପ ଗୁଣେ ଅନନ୍ୟା ମୋ
ଚାରୁ ଚିତ୍ରଲେଖା ।


+ଯାଲୋଏ, ସୁବର୍ଣ୍ଣପୁର


## ଜାଣ ପ୍ରେମ ହୁଏ

### ଧ୍ରୁବ ଚରଣ ଘିବେଲା

ପ୍ରେମ ସଦା
ଦି' ପାଖିଆ
ଏକ ପାଖିଆ ପ୍ରେମ
ପ୍ରେମ ନୁହେଁ
ପ୍ରେମରେ ଦେହଠୁ
ମନର ଭୂମିକା ଅଧିକ
ରହିଲେ ସୁନ୍ଦର ।
ଦେହାତୀତ ପ୍ରେମ ତ
ଚିରକାଳ ଶାଶ୍ୱତ
ପ୍ରେମରେ ନ ଥାଏ
ବୟସର ବାରଣ
ବୟସର ବନ୍ଧନ
ନ ଥାଏ ସର୍ତ୍ତ
ନ ଥାଏ କଷ୍ଟ
ହୋଇପାରେ ପ୍ରେମ
ପଥ କଣ୍ଟକିତ ।
ସେଠି ଚାଲିବାର
ମଜା ନିଆରା
ସେଠି ହଜିବାର
ସ୍ୱାଦ ନିଆରା
ଆନମନା ହେବାର
ମାଦକତା ନିଆରା ।
ଚାଲୁ ଚାଲୁ ଯଦି ଝୁଣ୍ଟି ହୁଏ
ଝୁଣ୍ଟି ପୁଣି ଚାଲି ହୁଏ
ଚାଲୁ ଚାଲୁ ଭାବି ହୁଏ
ଭାବୁ ଭାବୁ ଝୁଣ୍ଟି ହୁଏ
ଏ ସବୁଠି କୁତୁକୁତୁ
ଭାବ ଜାଗିଲେ
ଜାଣ ପ୍ରେମ ହୁଏ ।
ପୁଣି ଶୋଇ ଶୋଇ ଭାବି ହୁଏ
ଭାବି ଭାବି ଶୋଇ ହୁଏ
ନିଦ ଭାଙ୍ଗି ଅଧ ରାତିରେ କେବେ
କଲମ ହାତେଇବାକୁ ହୁଏ ।
ଏ ସବୁ ଭିତରେ ମନ
କାହାକୁ ଖୋଜି ବସିଲେ
ଜାଣ ପ୍ରେମ ହୁଏ ।
ପ୍ରେମ ପାଇଁ ମନଟେ ଦରକାର
ଭାବଟେ ଦରକାର
ପ୍ରେମିକାଟେ ଦରକାର
ମନର ମାନସୀଟେ ଦରକାର ।
ହେଲେ ପ୍ରେମର ନକ୍ସା ତିଆରି,
କରି ହୁଏନି ପ୍ରେମ ।
ମନ ଥିଲେ ହିଁ
ପ୍ରେମ ହୁଏ
ଅନ୍ୟମନସ୍କତା ରହିଲେ
ଜାଣ ପ୍ରେମ ହୁଏ ।


+ବଉଦରାଜ, ଜି. ବୌଦ୍ଧ
ପିନ-୭୬୨୦୧୪
ମୋ.୯୪୩୭୪୭୮୪୬୬


## ମଥା ସିନ୍ଦୂର

### ଚିକୁନ୍ ପଣ୍ଡା

ସିନ୍ଦୂର ନୁହେଁ ତୁ କଳଙ୍କର ଟୀକା
ଜୀବନର ଏକ ଅଲିଭା ଦାଗ
ଯୋଉ ଦିନୁ ତତେ ମଥା ରେ ନାଇଛି
ଜୀବନର ସବୁ ରାସ୍ତା ଅନ୍ଧାର
ଭାବି ଚିନ୍ତି ରାସ୍ତା ଚାଲିବାକୁ ପଡ଼େ
କିଏ କଣ ଭାବିବ କାଳେ
କିଏ କଣ କହିବ
ଦୁନିଆ ଲାଗେ ପୁରା ଫିକା
ଝିଅ ନୁହେଁ ମୁ ଦୁହିତା
ଦୁଇ କୁଳକୁ ହିତା,
ଇଏତ ଗୋଟେ ଲୋକ କଥା
ହେଲେ, ପ୍ରକୃତରେ
କଥାଟା ପୁରା ଅଲଗା ।
ଦୁନିଆ କହେ ମୁ ଅମାର ଶତ୍ରୁ
ଉଠିଲା ଯେବେ ମୋ ସବାରୀ
ବାପା ଆଉ ମା ହେଲେ ଭିକାରୀ ।
ଶାଶୁ ଘରେ ମୋ ,ଭାରି ଆଦର
ଦେଖି ମୋ ଆଇ ଅଳଙ୍କାର ।
ଦେଖି ମୋ ଜାନି ଯୌତୁକ
ଶାଶୁ ମତେ ଦିଏ ଲକ୍ଷେ ସନମାନ
ଯେବେଠୁ ମୋ ଘରୁ
ଆସିଲାନି ଫୁଟି କଉଡ଼ି
ଶାଶୁ ସାଜିଲେ ରଣଚଣ୍ଡୀ ।
ଶ୍ୱଶୁର ତ ପୁରା ରାବଣ
ଗାଳିର ଗୋଳାବାରୁଦ
କଲେ ବର୍ଷଣ ।
ସ୍ୱାମୀ ସାଜେ କାଲା
ସତେ କି, ବହୁ ଦିନୁ ଅଚିହ୍ନା ।
ମଥାର, ସିନ୍ଦୂର ଯୌତୁକ
ବଦଳରେ କିଣା
ଶସ୍ତା ରଙ୍ଗଟିଏ
ସମାଜ ରେ ବଞ୍ଚିବା
ପାଇଁ ମର୍ଯ୍ୟାଦାଟିଏ ।
କାହିଁ, ମୁସଲିମ ନାରୀର
ମଥାରେ ତ ସିନ୍ଦୂର ନାହିଁ
ସେ, କଣ ସମାଜରେ ବଞ୍ଚିନି,
ନା, ତାର ମର୍ଯ୍ୟାଦା ନାହିଁ ?
ସିନ୍ଦୂର ଜାତିରେ ଥାଏ
ମଥାରେ ନୁହେଁ,
ସବୁ ନିଜ ନିଜର ଭାବନା ।


+କଟକ
ମୋ: ୮୪୮୦୮୨୧୭୭୮


## ଖରାଦିନିଆ ସନ୍ଧ୍ୟା

### ନିରଞ୍ଜନ ସାହୁ

ଖରାଦିନିଆ ଏ ସନ୍ଧ୍ୟା ସମୟଟା
ଆରାମଦାୟକ ଲାଗେ
ବାହାରେ ଟିକିଏ ବୁଲାବୁଲି ପାଇଁ
ମନରେ ଭାବନା ଜାଗେ ।
ସୂର୍ଯ୍ୟ ବୁଡିଗଲେ ଅନ୍ଧାର ଘୋଟିଲେ
ଶୀତଳ ପବନ ବହେ
ଏହି ପବନରେ ଏତେ ଶାନ୍ତି ଥାଏ
ଜଣେ ଆନ ଆଗେ କହେ
ନଦୀ, ନାଳ, ଝର, ସର, ରତ୍ନାକର
କୂଳେ ବୁଲିଚାଲ ଆଗେ ।
ସନ୍ଧ୍ୟା ବେଳେ ଯଦି ସ୍ନାନ କରି କେହି
ଏହି ପବନରେ ବୁଲେ
ଘୁମନ୍ତ ନିଦଟା ଝୁମିଝୁମି ଆସେ
ଆଖି ବୁଜି ସିଏ ଝୁଲେ
ପଖାଳ ଖାଇକି ପବନେ ଶୋଇଲେ
ନିଦ ହୋଇଯାଏ ବାଗେ ।
ସନ୍ଧ୍ୟାଟା ଯଦି ଜ୍ୟୋତ୍ସ୍ନାମୟ ହୁଏ
ପବନ ଅମୃତମୟ
ସନ୍ଧ୍ୟାରେ ବୁଲିଲେ ଜୀବନ ଲାଗଇ
ଶାନ୍ତିମୟ ଶାନ୍ତିମୟ
ଅପରାହ୍ନେ ଯେବେ
ବର୍ଷା ହୁଏ ତେବେ
ସନ୍ଧ୍ୟା ଆସେ ଥଣ୍ଡା ପାଗେ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-୯୯୩୮୭୪୧୫୮୩

## ଯୋଉଠି ଅଛ ସେଇଠି ଥାଅ

### ଅଧ୍ୟାପକ ଶରତ କୁମାର ଦାସ



ନାକ ଆଗରେ ବାରୁଦର ଉତ୍କଟ ଗନ୍ଧ
ଆଖିର କୋରକରେ ଅଗ୍ନିର ସ୍ଫୁଲିଙ୍ଗ
ତରଳିଯାଉଛି ସୁପ୍ତ ଆଗ୍ନେୟଗିରି
ସୂର୍ଯ୍ୟ ଦିଶୁଛନ୍ତି ପରାଗଗ୍ରସ୍ତ
ଚନ୍ଦ୍ରରେ ଲାଗିଛି ଗ୍ରହଣ
ବାୟୁ ଏବେ ନିଶ୍ଚଳ, ଗତିଶୂନ୍ୟ ।

ଝାଂଜିପିଟା ଖରାରେ ଜଳୁଛି ଫୁଲବନ
ଚିତ୍କାର କରୁଛି ବନହରିଣୀ
ଶୁଖି କଳାଖପରା ହେଲାଣି କଦମ୍ବ ଡାଳ
ଯମୁନା ଫାଟି ଦି'ଫାଳ
ବାଉଳା ହେଇଛି କି ମଧ୍ୟାହ୍ନ ?

ମୁଁ ବେଶ୍ ଭଲଭାବେ ଶୁଣିପାରୁଛି
ନୀରବତାର ଅସ୍ଥିର ପାଦଶବ୍ଦ
ବାସି ସ୍ୱପ୍ନମାନଙ୍କର ଅଶ୍ଳୀଳ କରାଘାତ
ଆଉ ଗୋଟିଏ ଆତୁର ଓଠର କ୍ରୂର ସ୍ପନ୍ଦନ ।

ହେଇ ଦେଖ,ଆଖିପୂରେଇ ଦେଖ
ମାୟାର ମରୀଚିକା ନାଚୁଛି କିପରି ସାମ୍ନାରେ
କୌତୁହଳୀ ଇଚ୍ଛାମାନେ ଧାଉଁଛନ୍ତି
କୋଉ ଏକ ନିଛାଟିଆ ମରୁର ଛାତିକୁ
ଘାଟ ଜଗିଛି ଘାଟିଆ ଏକାଏକା ବସି
ଖୁବ୍ ନିର୍ଜନ ଏ ବିଭସ୍ତ ଅପରାହ୍ନ ସତେ !

ଘୁଂଚିଯାଅ ଶୀଘ୍ର
ଏପଟେ ଶିଢି ଚଢୁଚି ସାପ,
ଦଂଶନ କରିବ ବେଳ ଦେଖି
ପାରୁଛ ଯଦି ତିଆରି କରିଦିଅ କାଚଘରଟିଏ
ଲୁଚେଇଦିଅ ନିଜକୁ ।

ସେପଟେ ଶୁଣ, ବାଜିଲାଣି ଡମ୍ବରୁ ଡିବି ଡିବି

ବୋଳିଦିଅ ଭସ୍ମ ସର୍ବାଙ୍ଗେ
ଶବରୁ ପାଲଟିଯାଅ ଶିବ
ହୁଏତ ମୁକ୍ତିପାଇଯିବ ବନ୍ଧନରୁ
ଏ' ତ' ହୋଇପାରେ
ଗୋଟେ ଉତ୍ତୀର୍ଣ୍ଣ ସଂଧ୍ୟାର ସନ୍ଧିକ୍ଷଣ ।

ଉପରେ କଳାଘୁମୁର ମେଘର ଚାଦର
ତଥାପି ତଳେ ଏ ମାଟି ତୃଷାର୍ତ୍ତ
ପଶୁପକ୍ଷୀ, କୀଟ, ତରୁଲତା
ସକଳ ଉଦ୍ଭିଦଜଗତ ଡହଳ ବିକଳ ।

ବିଶ୍ୱାସର ଅଣ୍ଟା ଭାଙ୍ଗୁଛି ଧୀରେ ଧୀରେ
ନିଃଶ୍ୱାସରେ ମିଶିଛି ବିଷ
ତମାମ ଅବୟବ ଜରାଜୀର୍ଣ୍ଣ
ନିଗିଡିପଡୁଛି ବିନ୍ଦୁ ବିନ୍ଦୁ ସ୍ୱେଦ ଅନବରତ ।

ଏବେ ତ ପାଗ ଭିଡୁଚି ରାତି
କେତେବେଳୁ ଜହ୍ନକୁ ଗିଳିସାରିଲାଣି ବାଦଲ
ଚାରିଆଡେ କଂଚା ଅନ୍ଧାରର ରାଜୁଡି
ଅପେକ୍ଷାକର ଆଉ କିଛିକ୍ଷଣ
ବରଂ ଯୋଉଠି ଅଛ ସେଇଠି ଥାଅ
ଆସନାହିଁ ଜମା
ସିନ୍ଦୂରା ଫାଟିନି ଏବେ, ପାହିନାହିଁ ରାତି ।


+ ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଅଶରୀରୀର ସନ୍ଦେଶ

### ରତ୍ନାକର ରାଉତ



କିଏ ଜଣେ ଅଦୃଶ୍ୟରୁ କହୁଥିଲା ଶୁଣେଇ ଶୁଣେଇ
ହଇହୋ କବି; ଶୁଣି ପାରୁଛ ମୋ କଥା
ଭଲ ତ' ଲେଖୁଛ କବିତା
ଫେସବୁକ୍‌ରେ ଛାଡ଼ୁଛ,
"ବାଃ ବାଃ, ଚମତ୍କାର, ଚମତ୍କାର,
ବହୁତ ସୁନ୍ଦର"
ଏମିତି କେତେ ପାଠକୀୟ ମନ୍ତବ୍ୟ ବି ପାଉଛ
କିନ୍ତୁ ଘଂଚେଇ ପାରୁଛ କି' ମୋର ବ୍ୟଥା,
ମୋର ଯାତନା
ମୁଁ ତ ଏବେ ଅଶରୀରୀ
ଖୁବ୍ ଭଲରେ ଅଛି ।

ଦେହ ନାହିଁତ' ଯାତନା ନାହିଁ
କି କାମୁକ, ଲମ୍ପଟଙ୍କ ଲାଂଛନା ନାହିଁ
ମୁଁ ଘୂରି ବୁଲୁଛି ଶୂନ୍ୟରେ, ମହାଶୂନ୍ୟରେ
ଦିଗ୍‌ବିଦିଗ, ଦେଖିପାରୁଛି
ସବୁ କିଛି ଯାହାଯାହା ଘଟୁଛି ଯେଉଁଠି
ଦୁଃଖ ଲାଗୁଛି ମୁଁ ଅବେଳରେ ସଂସାର ଛାଡ଼ିଛି
ଦେହ ଥିଲେ ସିନା ଦହନ
ଦେହକୁ ସେମାନେ ରାମ୍ପି, ବିଦାରି,
ଟାଣି ଓଟାରି ଶେଷ କରିଦେଲା ପରେ
ଆଉ ମୋର ଏବେ ଦୁଃଖ ନାହିଁ କି କଷ୍ଟ ନାହିଁ ।

ଦେହରୁ ମୁଁ ବାହାରି ଆସି ଏବେ ବିଦେହରେ
ବିଚରଣ କରୁଛି ଇତଃସ୍ତତ ଇଥରରେ

କେବଳ ମୁଁ ନୁହେଁ ମୋ ପରି ଅନେକ ଏଠାରେ
ତୁମେ ମୋ ଖବର ଜାଣିଛ ବୋଲି
ଲେଖିଛ ଗୋଟେ କବିତା
ଭାବୁଛ ତୁମ କବିତା ଭଲ ଲାଗିଲେ ପାଠକଙ୍କୁ
ତୁମ କବି ପ୍ରସିଦ୍ଧି ବଢ଼ିବ
ମାତ୍ର କବିତା କ'ଣ ଆମ ଦୁଃଖ
କେବେ ଘୁଂଚେଇ ପାରିଛି ନା କେବେ ପାରିବ ?

ଦୁର୍ଘଟଣାଟେ ଘଟିଗଲା ପରେ
ଯେମିତି ତୁମେ କବିତା ଲେଖିଦେଇ ଥରକୁଥର
ଆତ୍ମୀୟମାନେ ପିଣ୍ଡ ଦେଲା ପରି ଭୁଲିଯିବ
ଏବଂ ପ୍ରଶସ୍ତି ସାଉଁଟିବାରେ ଲାଗି ପଡ଼ିବ ।

ଅନ୍ୟପକ୍ଷରେ ଯେମିତି ବ୍ୟଭିଚାରୀମାନଙ୍କ
ଦୌରାତ୍ମ୍ୟରେ
ଆମେ ଯାତନା ସହି ନପାରି
ଅକାଳରେ ଦେହରୁ ମୁକୁଳି ଆସିଥିଲୁ,
ଯେମିତି ଯନ୍ତ୍ରଣାର ଜତୁଗୃହରେ କଲବଲ
ହୋଇହୋଇ
ସହି ନପାରିଲେ ପିଣ୍ଡ ଛାଡ଼ି ପ୍ରାଣ ଘେନି

ଚାଲି ଆସୁଥିବେ ଅନେକ ଭୂଇଁରୁ ଭୂମାକୁ ।

କଣ ବଦଳିଯିବ ଆମର ଭାଗ୍ୟ, ନିୟତି ଓ ଭବିଷ୍ୟତ
ଏମିତି ରାଶି ରାଶି କବିତା ଲେଖା ଯାଉଥିବ
ଆମ ଦୁର୍ଦ୍ଦଶାକୁ ଆଧାର କରି
ତା'ପରେ ଗତାନୁଗତିକ ଭାବରେ
ଆଜିର ତାଜା ଖବର କାଲିକୁ ବାସି ହୋଇଯାଉଥିବ
ଏବଂ ଯେଉଁ ତିମିରକୁ ସେହି ତିମିର
ଲାଗି ରହିଥିବ ନାରୀମାନଙ୍କ ଜୀବନରେ ।

କବିତା ଯେଉଁଦିନ କାମୁକ,
ଲମ୍ପଟଙ୍କ କୁଟିଳ ପନ୍ଝାରୁ
ମୁକୁଳେଇ ଆଣିପାରିବ
ଆମ ଭଳି ଅସହାୟ ମହିଳାଙ୍କୁ,
ନାରୀର ସୁରକ୍ଷାକୁ
ସାବ୍ୟସ୍ତ କରି ପାରିବ ଶତ ପ୍ରତିଶତ
ସେଦିନ କବିତାର
ପ୍ରକୃତ ଉଦ୍ଦେଶ୍ୟ ହିଁ ସାଧିତ ହେବ
କବି ଏବଂ କବିର କର୍ମ ଓ ଶ୍ରମ ସଫଳ ହେବ ।

କବିତା ଯଦି ବଦଳେଇ ନ ପାରିଲା
ସଂପ୍ରତି ଦୂରାଚାରୀଙ୍କ କବଳରେ ବଂଧା ପଡ଼ିଥିବା
ନାରୀମାନଙ୍କର ଜୀବନ ଓ ଭାଗ୍ୟ
ତେବେ ସେମିତି ପୁଂଜା ପୁଂଜା
ଅଲଣା କବିତା ଲେଖି
ଲାଭ କଣ କବି ?
ଥରେ ଗୁରୁତ୍ୱ ଦେଇ ନିରୋଳାରେ ବସି
ଭାବିବ ମୋର ଏକଥା ।


+ ଭୁବନେଶ୍ୱର


## ସଂସାର ନିୟମ...

### ରାମଚନ୍ଦ୍ର ବେହେରା



ବୟସରେ କିଏ ବଡ
ହୋଇପାରେ କିଏ ଛୋଟ
ଯାହା ହୃଦୟରେ ସ୍ନେହ ପ୍ରେମ ଥାଏ
ନୁହଁଇ ସିଏ କନିଷ୍ଠ।

ଆଘାତ ମିଳିଲେ ଦେହେ
ମନ ଚୁପି ଚୁପି କୁହେ
କାହା ଠାରେ କିଛି ଆଶା ରଖ ନାହିଁ
ସଂସାରରେ ଥିବା ଯାଏ।

ଭଂଗା ଗଢା ଏ ସଂସାର
ମାନି ଚଳିବାକୁ ହେବ
ଆଜିର କାହାଣୀ ସମୟ ସୁଅରେ
କାଲିକୁ କେବେ ନଥିବ।

ସଂସାର ନିୟମ ଏହି
ସମୟ ଧୀରେ କୁହଇ
ଆଶା ବୈତରଣୀ ହାତ ଠାରି କୁହେ
ଚାଲ ଧର୍ମ ଆପଣାଇ।


+ ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬


## ଉଜୁଡା କ୍ଷେତ

### ବିଶ୍ୱନାଥ କର



ଉଜୁଡା କ୍ଷେତ ଧୂସର ଦିଗନ୍ତ
କ୍ଲାନ୍ତ ମୋ'ର ମନ ଅସଂଲଗ୍ନ ମୁଠାଏ
ରାତିର ଚେନାଏ ସ୍ୱପ୍ନ
ଆଖି ଆଗରେ ସେମିତି ପଡିଛି ନିଷ୍ଫଳ
ଦିନଯାକ
ମୃତ ସ୍ୱପ୍ନ ମାନଙ୍କ କଙ୍କାଳରେ ଝୁଲୁଛି
କ୍ଷତ ବିକ୍ଷତ ପ୍ରଜାପତିଙ୍କ ଛିଣ୍ଡା
ଚିତ୍ରଲିପି।

କାଗଜ ଟୁକୁଡାରେ ମୋ ଜୀବନର
ହାର ଜିତ୍‌ର କାହାଣୀ
ମୋ ଝର୍କା ପାଖରେ ଦିଶୁଥିବା
ଚେନାଏ ଆକାଶର ଯନ୍ତ୍ରଣା
ବତୁରେ ଅଦିନିଆଁ ବର୍ଷାର ଲୁହରେ
ମୋ ଆଖି କୋଣର ବହଳିଆ
ଅନ୍ଧାରର ଭିତରେ
କବାଟ ଝରକା ବନ୍ଦ କରି ଦେଲେବି
ଧସେଇ ପଶିଆସେ ସ୍ମୃତିର ପ୍ରେତାତ୍ମା

ବନ୍ଦ କୋଠରୀରେ ଝୁଣି ପକାଏ ?
ଆସନ୍ତା କାଲିର ଆତ୍ମଲିପି ।

ଏବେ ଯଦି କିଏ କହି ଦେଇଥାନ୍ତା
ଶବ୍ଦ ଓ ସ୍ୱପ୍ନ କୁ ନେଇ ମଣିଷ ବଞ୍ଚେ
ମୋତେ ଯଦି କିଏ କହି ଦେଇଥାନ୍ତା
ଦ୍ୱିତୀୟା ଜହ୍ନରେ ମଣିଷ ଜୀବନର
ପୂର୍ଣ୍ଣତାକୁ ମାପେ ।
କିଏ ଯଦି କହି ଦେଇଥାନ୍ତା
ଝର୍କା ପାଖରେ ଦିଶୁଥିବା ଆକାଶ ସବୁ
ମୋର ନିଜର ନୁହେଁ
ପ୍ରେମ ବଡ ଦୁର୍ବୋଧ
ସାତ ସୁର କେତେ ଅବୋଧ
କୁହେଳିକାର ଜାଲରେ

ସ୍ୱପ୍ନ କେତେ ଛଟପଟ ।

ସାଧବ ବୋହୂ ଚାଲିବ ବୋଲି
ବିଛେଇ ଦେଇଥିବା ସବୁଜ ଗାଲିଚା
ରଙ୍ଗଛଡା ମଳିନ ଫୁଲ ପାଖୁଡାର
କେବେଠୁ ବିବର୍ଣ୍ଣ
ସ୍ୱପ୍ନକୁ ଚିଆଁଇବାକୁ ଲୁଚି ଲୁଚି
ପ୍ରତୀକ୍ଷାରେ ଥିବା ପୁନେଇଁ ଜହ୍ନ
ଲାଗେ ବେଶ୍ ଅସହାୟ ବିଷର୍ଣ୍ଣ ।

ମୁଠାଏ ସ୍ମୃତିର ଶୂନ୍ୟତାକୁ ବୋହି ସ୍ୱାହି
ଅଣ୍ଟା ସଳଖି ପାରୁନି ନିଃଶ୍ୱାସ ଟିକେ
ନେବାପାଇଁ
ପାଦ ସାରା ତତଲା ରାସ୍ତାର
ଫୋଟକା
ଖୋଜୁଛି କେଉଁ ଛିଣ୍ଡା ଆଶାର
କୋରଡ଼ରେ ମୋ ଜୀବନ ଠିକଣା
ଉଜୁଡା କ୍ଷେତର ଚିହ୍ନ ।


+ ସାଇ କଲୋନୀ, ଦେଉଳସାହି,
ତୁଳସୀପୁର, କଟକ- ୭୫୩୦୦୮
ମୋ: ୯୭୭୬୩୩୨୬୩୯


## ନିଦାଘ ପରେ

### ପ୍ର.ଗିରିଜା ଶଂକର ଶର୍ମା



ଅଦୃଶ୍ୟ ରଜ୍ଜୁରେ ବନ୍ଧା ହୋଇ
ଆକାଶରେ ଝୁଲୁଥାଏ ମେଘ
ତା' ଭିତରେ ପ୍ରତିବାଦ ନକରି
ପହଁରୁଥାଏ, ବାଟବଣା ହୋଇ
ଆକାଶକୁ ଉଠି ଯାଇଥିବା ଜଳକଣା ।
ଏବେ ଉଭୟଙ୍କ ମଝିରେ ମିତ୍ରତାର ବୁଝାମଣା
ତଳେ ବର୍ଷାର ଆଶାରେ ଉଲ୍ଲସିତ ପଦାଘ
ସ୍ୱପ୍ନ ଦେଖେ ନବୀନ ପଲ୍ଲବର
ସବୁଜ ସ୍ୟାହିରେ ଧୋଇ ଦେବାପାଇଁ ଧରିତ୍ରୀକୁ ।
ତାକୁ ସଜେଇ ଦେବା ପାଇଁ
ବ୍ରୀଡ଼ାବତୀ ବଧୂ ପରି ।
ସେ ଉଦ୍‌ଭାସିତ ହେଉ, ଶସ୍ୟ ଶ୍ୟାମଳା ହେଉ ।

ବେଳେବେଳେ ଦାରୁଣ ହୁଏ ନିଦାଘ
ତାର ସଂତ୍ରାସବାଦୀ ସୈନ୍ୟଙ୍କୁ
ପଠେଇଦିଏ ଯୁଦ୍ଧ କରିବାକୁ
ତୃଷିତ ସୈନ୍ୟଙ୍କ ଶୋଷ ମେଣ୍ଟେନା
ଟୋପାଏ ବି ପାଣି ଛାଡ଼ନ୍ତିନି ।
ସବୁଆଡ଼େ ପାଣିପାଇଁ ହାହାକାର
ଉତ୍ତପ୍ତ ମେଦିନୀ ନିରୁପାୟ ହୋଇ ଚାହେଁ
ଆକାଶର ଝୁଲନ୍ତା ମେଘକୁ ।
କେବେ ବର୍ଷ ହେବ,
ସିକ୍ତ ହେବ ତାର ଉତ୍ତପ୍ତ ଶରୀର ।

ବର୍ଷାକୁ ଅପେକ୍ଷା କରିଥାନ୍ତି
ଗଛବୃଛ, କୀଟପତଂଗ, ନରନାରୀ,
ପଶୁପକ୍ଷୀ ସମସ୍ତେ ।
କେବେ ମେଘ ଓହ୍ଲେଇବ ତଳକୁ, କଳାହାଣ୍ଡିଆ ବସ୍ତ୍ର ପିନ୍ଧି ।
ତା' ଭିତରେ ଖେଳୁଥିବା ଜଳକଣା
ବହିଯିବ ସ୍ରୋତ ରୂପେ ପୃଥିବୀ ପୃଷ୍ଠରେ ।
ସବୁ ପ୍ରତୀକ୍ଷାର ଅନ୍ତ କରି
ବର୍ଷା ଆସେ ରିମ୍‌ଝିମ ଗୀତ ଗାଇ
ଖସି ପଡ଼େ ବିନ୍ଦୁବିନ୍ଦୁ ବାରି ।
ଗଛରେ ପତ୍ରରେ ମଥାନରେ ସବୁଆଡ଼େ ।
ବର୍ଷାସ୍ନାତ ହୁଏ ଧରଣୀ ।
ଶୁଖିଲା ଗଛରେ ନବକିଶଳୟର ସଂଭାବନା
ଏବେ ସମସ୍ତଙ୍କ ଖୁସିର ବେଳ ।
ନିଦାଘ ନିଆଁରେ ଝୁଲସି ଯାଉଥିବା ଜୀବନରେ
ଆନନ୍ଦ ଆସିବାର ବେଳ ।


ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୮୪୯୪୦୯୫


## ପ୍ରେମିଳ ମୁଦ୍ରାରେ

### ଭରତ ଚନ୍ଦ୍ର ଦାଶ



ପ୍ରୀତିକୁ
ଏବେ ସ୍ୱପ୍ନ
ଦେଖିବା ମନା
ରାତି ବଢ଼ିଲେ
ଭାରାକ୍ରାନ୍ତ ଆଖି
ନିଦ୍ରାର ଉଷ୍ମ ଆଲିଙ୍ଗନରେ
ଅବଚେତନରେ
ଜଡ ଦେହ ମୃତପ୍ରାୟ ।

କାହାର ମଧୁର
କରସ୍ପର୍ଶରେ ନିଦ ଭାଙ୍ଗେ
ସ୍ୱପ୍ନ ଆପଣାଛାଏଁ
ଚାଲିଯାଏ
ଏକ ଭିନ୍ନ ଇଲାକାକୁ
ଝାପସା ଝାପସା
ଦେଖାଯାଏ ସୁଶ୍ରୀ ତନ୍ୱୀ
ଗୌରାଙ୍ଗୀର
ଦେହର ଦେଉଳ !
ସିଏ ମୋ ସୃଜନର
ଇପ୍ସିତ ନାୟିକା

ପ୍ରୀତି ନା ଆଉ କିଏ
ସଂଶୟ ଓ ଆଶଙ୍କାରେ
ମନ ଯେ ଅବୁଝା ।

ଅଭିମାନରେ
ବେଳେ ବେଳେ
ଗୁମ୍ ମାରେ
ତାଳଦେଇ ଚାଲେ
ସମୟ ସାଥିରେ
ସମୟ ତ ଚିରସ୍ରୋତା
କିନ୍ତୁ ପ୍ରୀତି
ଅଭିମାନ ଭାଙ୍ଗେ
ପ୍ରଭାତରେ ପୂର୍ବାକାଶରେ
ସୂର୍ଯ୍ୟ ଲାଲରୁ
ତୁଳା ସମ ଶୁଭ୍ର

ଦେଖାଯିବା ପରି
ପ୍ରୀତି ସଜାଏ ନିଜକୁ
ସୁନ୍ଦରତା ତ
ଇଶ୍ୱରଙ୍କ ଦାନ
ସେ ଗର୍ବ କରେନି
କିମ୍ବା ଅହଂକାର
ଛୁଇଁନି ତା ଦେହ ।

ଏବେ ଏବେ
ମୋହଭଙ୍ଗ ହେବାପରି
ସେ ଅନୁଭବିଛି
ପ୍ରେମର କୈବଲ୍ୟକୁ
ଯାହାର ବିନ୍ଦୁଏ ସ୍ପର୍ଶ
ନିର୍ବାଣର ସିନ୍ଧୁକୁ
ମହୋଦଧିର ରୂପ ଦିଏ
ପ୍ରତ୍ୟୟର ସ୍ୱର୍ଗଦ୍ୱାରଠାରେ
ପ୍ରୀତି ଏବେ
ପ୍ରେମିଳ ମୁଦ୍ରାରେ ।


ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର-
୭୫୬୧୨୬
ମୋ: ୯୪୩୭୩୭୨୧୬୬


## ନୀଳାଚଳ ନୀଳ କନ୍ଦର

### ଦିଲ୍ଲୀପ କୁମାର ସାହୁ



ନୀଳାଚଳ ନୀଳ କନ୍ଦର
ଆକାଶକୁ ଛୁଏଁ ମନ୍ଦିର
ଅପୂର୍ବ ଏ କଳା କିରତି
ବିଜେ ଯହିଁ ଚତୁର୍ଦ୍ଧା ମୂର୍ତ୍ତୀ।
ମାନବୀୟ ଲୀଳା କରନ୍ତି
ଭକତଙ୍କ କଥା ଶୁଣନ୍ତି।

ମେଘନାଦ ନାମେ ପାଚେରୀ
ମନ୍ଦିରକୁ ରହିଛି ଘେରି ।
ଚାରି ଦିଗେ ଦ୍ୱାର ଚାରୋଟି
ସିଂହଦ୍ୱାର ତହିଁ ସାର ଟି ।
ସମ୍ମୁଖେ ଅରୁଣ ଅଛନ୍ତି
ଭକତେ ପ୍ରଣାମ କରନ୍ତି ।

ଦ୍ୱାର ଲକ୍ଷ୍ମୀ ସିଂହ ଦୁଆରେ
ଆଖି ଯହିଁ ଲାଖି ରୁହେରେ।
ଦ୍ୱାରରେ ଗୁମୁଟ ମନ୍ଦିର
ପତିତ ପାବନ ସୁନ୍ଦର।
ପତିତଙ୍କୁ ଦେଇ ଦର୍ଶନ

ଆଶିଷ କରନ୍ତି ପ୍ରଦାନ ।

ଗୁମୁଟରୁ ଗଲେ ଆଗେଟି
ବାଇଶି ପାହାଚ ସେଇଠି ।
ପୂଣ୍ୟ ର ସିଡି ସେ ପାହାଚ
ଭକତେ କରୁଥାନ୍ତି ନାଚ।
ଆନନ୍ଦେ କିଏ ଗଡୁଥାନ୍ତି
ପୂର୍ବଜେ ପିଣ୍ଡ ବାଢୁଥାନ୍ତି ।।

ବାଇଶି ପାହାଚ ଶେଷ ଯହିଁ
କୂର୍ମ ବେଢା ଯେ ଘେରା ତହିଁ।
କୂର୍ମ ବେଢାରୁ ଧାଡି କରି
ଭକ୍ତେ ଯାଆନ୍ତି ଥିରି ଥିରି ।
ସାତ ପାହାଚ ତଳେ ଯାଇ

ଥାଆନ୍ତି ଗହଳି ଲଗାଇ।

ଶ୍ରୀମନ୍ଦିରରେ ପ୍ରବେଶନ୍ତି
ଭିଡ଼କୁ ଠେଲି ଆଗେ ଯାନ୍ତି।
ମନ୍ଦିର ମଧ୍ୟେ ଠେଲାପେଲା
ହସୁଥାନ୍ତି ଯେ ଚକାଡୋଳା।
ଚାରିଭାଗରେ ଶ୍ରୀମନ୍ଦିର
ଦୂରକୁ ଦିଶନ୍ତି ସୁନ୍ଦର।

ଶ୍ରୀମନ୍ଦିର ଗର୍ଭଗୃହଟି
ବିଜେ ଯହିଁ ଚତୁର୍ଦ୍ଧା ମୂର୍ତ୍ତୀ।
ଭୂଦେବୀ ଶ୍ରୀଦେବୀ ସାଥିରେ
ମାଧବ ଛନ୍ତି ସେହିଠାରେ।
ସପ୍ତାବରଣ ସାତ ମୂର୍ତ୍ତୀ
ସିଂହାସନେ ପୂଜା ପାଆନ୍ତି।

ମନ୍ଦିର ମୁଖଶାଳା ସେ ତ
ଜଗମୋହନ ଭାବେ ଖ୍ୟାତ।
ନାଟମଣ୍ଡପ ତାର ଆଗେ
ଭକ୍ତଙ୍କ ଭିଡ ତହିଁ ଲାଗେ ।
ଭୋଗ ମଣ୍ଡପ ତା ଆଗରେ
ଭୋଗ ଅର୍ପଣ ସେହିଠାରେ।

ନାଟ ମଣ୍ଡପେ ସ୍ତମ୍ଭ ପରେ
ଗରୁଡ଼ ପ୍ରଣାମ ମୁଦ୍ରାରେ,
ପଶ୍ଚିମ ମୁଖ ସେତ ହୋଇ
ମହାପ୍ରଭୁଙ୍କୁ ଛନ୍ତି ଚାହିଁ।
ଭକ୍ତ ପ୍ରବର ଖଗପତି
ପ୍ରଭୁଙ୍କୁ ଧ୍ୟାନ କରୁଛନ୍ତି।

ଗରୁଡ଼ ପଛରୁ ଦିଶନ୍ତି
ସୁନ୍ଦର ଚତୁର୍ଦ୍ଧା ମୂରତି।
ମହାପ୍ରଭୁଙ୍କ ନାମ ଗାଇ
ଗରୁଡ଼ ଖୁମ୍ବକୁ କୁଣ୍ଢେଇ,
ଭକ୍ତ ଭକ୍ତିରେ ହୋଇ ମତ୍ତ
କୁହନ୍ତି ଜୟ ଜଗନ୍ନାଥ।

ଗହଳି ମଧ୍ୟେ ଠେଲି ପେଲି
ଭକ୍ତେ ଯାଆନ୍ତି ଆଗେଚଳି।
ପଡ଼ିଥାଏ କାଠ ଯେଉଁଠ
ଅଟକନ୍ତି ସବୁ ସେଇଠି।
ପ୍ରଭୁଙ୍କୁ ଦର୍ଶନ କରନ୍ତି
ଦର୍ଶନେ ଧନ୍ୟ ହୋଇଥାନ୍ତି।


+ ଶଙ୍କରପୁର, ଚାରବାଟିଆ,
ଚୌଦ୍ୱାର, କଟକ


## ପ୍ରତୀକ୍ଷା ମୋ ପ୍ରିୟା ବରଷା ପାଇଁ

### ରାହାସ କୁମାର ବେହେରା



ଶୁଭୁନି ତା ପାଦ ରୁଣୁଝୁଣୁ ଶବ୍ଦ
ମନ ମୋର ଯାଏ ମରି
ସପନ ରାଇଜେ ହଜି ଗଲାଣି ମୋ
ପ୍ରେମ ମିଳନର ତରି ,
ଗିରିଷମେ ଯାଏ ମରି
କାଳ ବଇଶାଖୀ ଡଂଟି ଚିପିଧରେ
ସ୍ମୃତି ହୁଏ ତା'ର ଘୋରି ।

ଉଡୁନି ତା' କାନି ଭିଜା ମଉସୁମୀ
ଦେହ ମୋ ଝାଳେଇ ଯାଏ
କଳା ବାଦଲଟା ଛାତି ତଳେ ଲୁଚି

ଲୁହ କେତେ ଢାଳି ଦିଏ
ଆକାଶକୁ ଚାହିଁ ଡରେ
ଅନେକ ଯନ୍ତ୍ରଣା ତୋ ପାଇଁ ବରଷା
ରହିଲୁ ତୁ କେଉଁ ପୁରେ
ହଜିଗଲୁ କେତେ ଦୂରେ ।

ତୋ ପାଇଁ ଏ ମନ ଚାତକ ପରାୟେ
କରିଛି ଶୀତଳ ଓଷା

ଯମ ଯନ୍ତ୍ରଣାରେ ଡହକ ବିକଳ
ଆସୁନି ମୁଖରେ ଭାଷା
କରିଛି ଅନେକ ଆଶା
ଅସରାଏ ମେଘେ ଭିଜନ୍ତା ଏ ଦେହ
ଭରନ୍ତା ଅଶ୍ୱସ୍ତି ନିଶା ।

ବରଷା ପ୍ରେମେରେ ପ୍ରେମିକ ସାଜିଛି
ବରଷା ଯାଇଛି ଛାଡି
ଏକଲା ଜୀବନ ନିସ୍ୱ ବିଷମୟ
ଦୁଃଖ ମରୁ ଆସେ ମାଡି
ଫିଟୁଛି ଗୁପତ ପେଡି
ତା' ଭଲପାଇବା ଅଯୁତ କାଳରୁ
ଆଣିବ ଅଦିନେ ବଢି ।


+ ବାଲ୍ୟମ୍ଭା, ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ: ୯୪୩୮୧୧୫୩୬୮

## ୨ କୋଟି ୧୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ମାଲକାନଗିରି, ୨୯/୦୫ (ନି.ପ୍ର): ଚିତ୍ରକୋଣ୍ଡା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଜଙ୍ଗଲରେ ଚୋରା ଚାଲାଣ ନିମନ୍ତେ ରଖାଯାଇଥିବା ଗଞ୍ଜେଇକୁ ଗତକାଲି ରାତ୍ରିରେ ଜବତ କରିଛି ଚିତ୍ରକୋଣ୍ଡା ପୁଲିସ ।
ସୂଚନା ଅନୁଯାୟୀ, କୌଣସି ଏକ ବିଶ୍ୱସ୍ତ ସୂଚନା ଆଧାରରେ ଚିତ୍ରକୋଣ୍ଡା ପୁଲିସକୁ ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ପଂଚାୟତ ଅଂଚଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ତୁରନ୍ତ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ବଡ଼ପଦର ପଂଚାୟତର ସଙ୍ଗମାଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚଢଉ କରିଥିଲା । ଦୂରରୁ ପୁଲିସକୁ ଦେଖି ଗଞ୍ଜେଇ ଚୋରା ଚାଲାଣକାରୀ ଅନ୍ଧାରର ସୁଯୋଗ ନେଇ ଗଞ୍ଜେଇ ଛାଡ଼ି ଜଙ୍ଗଲ ଭିତରକୁ ପଳାୟନ କରିଥିଲେ। ପୁଲିସ ଘଟଣାସ୍ଥଳରୁ ୮୫ଟି ଜରି ବସ୍ତାରେ ଭର୍ତି ହୋଇ ରହିଥିବା ଗଞ୍ଜେଇକୁ ଜବତ କରି ଚିତ୍ରକୋଣ୍ଡା ଥାନାକୁ ଆଣିଥିଲା। ସେ ସବୁ ଗଞ୍ଜେଇକୁ ଓଜନ କରାଯିବା ପରେ ତାହା ୨ ଟନ ୧୫୨ କେଜି ଥିବା ଓ ତାହାର ଆନୁମାନିକ ମୂଲ୍ୟ ଦୁଇ କୋଟି ପନ୍ଦର ଲକ୍ଷ ହେବ ବୋଲି ଆକଳନ କରାଯାଇଥିବା ବେଳେ କୌଣସି ଆସାମୀ ଧରା ପଡିନଥିବା ଚିତ୍ରକୋଣ୍ଡା ଆଇଆଇସି ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି। ଆସାମୀମାନେ ଗଞ୍ଜେଇ ଚାଲାଣ କରିବା ପୂର୍ବରୁ ପୋଲିସ ପହଁଚିବା ଦେଖି ଆସାମୀ ଘଟଣାସ୍ଥଳରୁ ଅନ୍ଧାର ଓ ଜଙ୍ଗଲର ସୁବିଧା ନେଇ ଫେରାର ହୋଇଯାଇଥିଲେ। ବର୍ତମାନ ଚିତ୍ରକୋଣ୍ଡା ପୁଲିସ ଏହା କାହାର ଗଞ୍ଜେଇ ଓ କେଉଁମାନେଏଥିରେ ସମ୍ପୃକ୍ତ ଅଛନ୍ତି ତାହା ଉପରେ ଅଧିକ ତଦନ୍ତ ଆରମ୍ଭ କରିଥିବା ନେଇ ସୂଚନା ଦେଇଛନ୍ତି ଚିତ୍ରକୋଣ୍ଡା ଥାନା ଅଧିକାରୀ।

# କାଜୁ କେଜି ୫ ହଜାର, ଚାଷୀ ପାଉଛି ୭୦

## କେନ୍ଦ୍ର ଏମଏସପି ଘୋଷଣା କରୁନି, ଲାଭ ନେଉଛନ୍ତି ବ୍ୟବସାୟୀ, ବାତ୍ୟାରେ କ୍ଷତି, ବୀମାରୁ ବାଦ୍

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ଦୋକାନରେ ୧କେଜି କାଜୁ ୮୦୦ରୁ ୫୦୦୦ ଟଙ୍କାରେ ବିକ୍ରି ହେଉଛି। କିନ୍ତୁ ଓଡ଼ିଶା ଚାଷୀଙ୍କୁ ୧୦୦ ଟଙ୍କା ମଧ ମିଳୁନି। ସ୍ଥିତି ଏଭଳି ହୋଇଛି ଯେ କେଜି ପ୍ରତି ମାତ୍ର ୭୦ ଟଙ୍କାରେ ଚାଷୀ ବିକ୍ରି ପାଇଁ ବାଧ ହେଉଛି। ଦେଶରେ ପ୍ରତିବର୍ଷ ୧୧ ଲକ୍ଷ ୮୩ ହଜାର ହେକ୍ଟର ଜମିରେ କାଜୁ ଚାଷ ହୋଇ ୭୫୧ ହଜାର ମେଟ୍ରିକ ଟନ୍ ଉତ୍ପାଦନ ହେଉଥିଲେ ମଧ ଆଜି ପର୍ଯ୍ୟନ୍ତ ଏହାର ଏମଏସପି ବ୍ୟବସ୍ଥା ଘୋଷଣା କରାଯାଇ ନାହିଁ। ପରିଣାମସ୍ୱରୂପ ଲାଭଜନକ ଅର୍ଥକାରୀ ଫସଲ ଉତ୍ପାଦନ କରୁଥିଲେ ମଧ ଚାଷୀ ଶୋଷଣର ଶିକାର ହେଉଛନ୍ତି। କୋଭିଡ୍ ପରଠାରୁ କାଜୁ ଚାଷୀଙ୍କ ସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି। ସୂଚନା ଅନୁଯାୟୀ, ଓଡ଼ିଶାରେ ୨ ଲକ୍ଷ ୨୩ ହଜାର ହେକ୍ଟର ଜମିରେ କାଜୁ ଚାଷ ହୋଇ ୧୨୧ ହଜାର ମେଟ୍ରିକ ଟନ୍‌ର ଉତ୍ପାଦନ ଦେଉଛି। ଯାହାକି ଦେଶରେ ତୃତୀୟ ସର୍ବାଧିକ। ରାଜ୍ୟରେ ଥିବା ୩୫୦ ପ୍ରୋସେସିଂ ୟୁନିଟ ଜରିଆରେ କାଜୁ ପ୍ୟାକେଜିଂ ହୋଇ ବିଭିନ୍ନ ସ୍ଥାନକୁ



ରପ୍ତାନି କରାଯାଉଛି। ଦାମିକା ଫଳ କାଜୁର ଯେଉଁ ଚାହିଦା ରହିଛି ଚାଷୀ ଏହାର ଲାଭ ଉଠାଇ ପାରୁନାହାନ୍ତି। ସରକାରଙ୍କ ପକ୍ଷରୁ ଏହାର କ୍ରୟ ହୁଏ ନାହିଁ। ଓଡ଼ିଶା ସମେତ ପଶ୍ଚିମବଙ୍ଗ ବ୍ୟବସାୟୀମାନେ ଚାଷୀଙ୍କ ଠାରୁ କାଜୁ କ୍ରୟ କରନ୍ତି। ଅନ୍ୟ ରାଜ୍ୟ କିମ୍ବା ଦେଶରେ ଉନ୍ନତମାନର କାଜୁ ମିଳୁଥିବା କହି କମ୍ ଟଙ୍କାରେ ଏହାକୁ କ୍ରୟ କରି ନିଅନ୍ତି। ସ୍ଥାନୀୟ ବ୍ୟବସାୟୀମାନେ ଆହୁରି କମ୍ ମୂଲ୍ୟରେ ଚାଷୀଙ୍କ ଠାରୁ ନିଅନ୍ତି। ବିଶେଷଜ୍ଞଙ୍କ ଅନୁସାରେ, କରୋନା ପରଠାରୁ କାଜୁ ବ୍ୟବସାୟ ମାନ୍ଦା ପଡ଼ିଥିବାରୁ କାଜୁ ପ୍ରୋସେସିଂ ୟୁନିଟ୍ ବନ୍ଦ ପଡ଼ିଛି। ତେଣୁ ପୂର୍ବରୁ ଯେଉଁ ହାରରେ ଏହା ବିକ୍ରି ହେଉଥିଲା, ତାହା ହ୍ରାସ ପାଇବାରେ ଲାଗିଛି। ଯାହା କାଜୁ ଅଭାବୀ ବିକ୍ରିର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏମ୍ଏସ୍‌ପି ଘୋଷଣା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ହେଲେ ମଧ ସେମାନେ ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ଗୋଆରେ କାଜୁ ଚାଷୀଙ୍କୁ ନେଇ ସ୍ୱତନ୍ତ୍ର ନୀତି ରହିଛି। ଓଡ଼ିଶାରେ ଏତେ ପରିମାଣରେ କାଜୁ ଚାଷ ହେଉଥିବାରୁ ରାଜ୍ୟ କୃଷି ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି। ଦ୍ୱିତୀୟତଃ ରାଜ୍ୟରେ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଏବଂ କନ୍ଧମାଳକୁ ବାଦ ଦେଇ ପ୍ରତ୍ୟେକ ଜିଲ୍ଲାରେ କାଜୁ ଚାଷ ହୁଏ। ବାତ୍ୟା ପ୍ରଭାବିତ ଖୋର୍ଦ୍ଧା, ପୁରୀ, ଗଞ୍ଜାମରେ ସର୍ବାଧିକ ଚାଷ ହେଉଛି। ବାତ୍ୟା ଯୋଗୁଁ ଅଧିକାଂଶ ବର୍ଷ କାଜୁ ଗଛ ଉପୁଡ଼ି ଯାଇ ବ୍ୟାପକ ନଷ୍ଟ ହୁଏ। ଏହି ଚାଷୀଙ୍କୁ ବୀମାରେ ସାମିଲ କରାଯାଉ ନଥିବାରୁ ସେମାନେ କ୍ଷତିଗ୍ରସ୍ତ ହେଲେ ମଧ ଆର୍ôଥିକ ସହାୟତା ପାଆନ୍ତି ନାହିଁ। ଯାହା ସେମାନଙ୍କ ସ୍ଥିତିକୁ ଜଟିଳ କରୁଛି। ଓୟୁଏଟି କୃଷି ବିଶେଷଜ୍ଞ ପ୍ରମୋଦ ପଣ୍ଡା କହିଛନ୍ତି, କାଜୁ ଭାରତୀୟ ଫଳ ନୁହେଁ। ୧୬ ଶତାବ୍ଦୀରେ ପର୍ତ୍ତୁଗୀଜମାନେ ଏହାକୁ ବ୍ରାଜିଲରୁ ପ୍ରଥମେ ଗୋଆକୁ ଆଣିଥିଲେ। ଢିପ ଜମିରେ ମୃତ୍ତିକା ସଂରକ୍ଷଣ ଲକ୍ଷ୍ୟ ନେଇ ୨୦୦୦ ମସିହାରେ ଓଡ଼ିଶାରେ ଏହାର ଚାଷ ଆରମ୍ଭ ହୋଇଛି। ଯାହା ରାଜ୍ୟ ପାଇଁ ଅନେକ ସଫଳତା ଆଣିଛି। ନଡ଼ିଆ ଭଳି ଥରେ କାଜୁ ଲଗାଇଲେ ଏହା ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ଫଳ ଦେଇଥାଏ। କାଜୁ ଚାଷ ଏବଂ ଚାଷୀଙ୍କ ଉନ୍ନତି ପାଇଁ କିଛି ଦିନ ପୂର୍ବରୁ କାଜୁ ନିଗମ ଏବଂ ରାଜ୍ୟ କୃଷି ବିଭାଗ ପକ୍ଷରୁ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ନେଇ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଟ୍ୱିଟ୍ କରିଛନ୍ତି।

## ପ୍ରତ୍ୟେକ ବୁଥ୍‌ରେ କଂଗ୍ରେସ ସେବା ଦଳ କର୍ମୀଙ୍କୁ ନିଯୁକ୍ତି ଦିଆଯିବ: ଶରତ ପଟ୍ଟନାୟକ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ଦେବାଦଳ ପକ୍ଷରୁ ରବିବାର ପୂର୍ବାହ୍ନରେ କଂଗ୍ରେସ ଭବନଠାରେ କଂଗ୍ରେସ ସେବାଦଳର ଜିଲ୍ଲା କର୍ମକର୍ତା ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ କହିଲେ ଯେ, କଂଗ୍ରେସ ସେବାଦଳର ଏକ ଗୌରବମୟ ଇତିହାସ ରହିଛି। ସେହି ଇତିହାସର ମୁକସାକ୍ଷୀ ଭାବେ ଉପସ୍ଥିତ ସମସ୍ତ କଂଗ୍ରେସ ସେବାଦଳର କର୍ମକର୍ତାମାନେ ଆଗାମୀ ନିର୍ବାଚନରେ ନିଜ ନିଜ ଅଂଚଳରେ ଜଣେ ଜଣେ ସେନାପତିର ଭୂମିକା ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଖୁବ୍‌ଶୀଘ୍ର ପ୍ରତ୍ୟେକ ବ୍ଲକରୁ ଜଣେ ଜଣେ କର୍ମକର୍ତାଙ୍କୁ ନେଇ ଏକ ରାଜସ୍ତରୀୟ ଶିବିର ଅନୁଷ୍ଠିତ ହେବ। ରାଜ୍ୟର ପ୍ରତ୍ୟେକ ବୁଥ୍‌ରେ ଜଣେ ଜଣେ ସେବାଦଳ କର୍ମୀଙ୍କୁ ମନୋନିତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିଷ୍ପତି ନେଇଛନ୍ତି। ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦେଶ କଂଗ୍ରେସ କମିଟିର ପ୍ରଚାର କମିଟିର ଅଧକ୍ଷ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ କହିଲେ ଯେ, ପୂର୍ବଦିନ ମାନଙ୍କରେ କଂଗ୍ରେସ ସେବାଦଳର କାର୍ଯ୍ୟକ୍ରମକୁ ଯେଭଳି ଗୁରୁତ୍ୱ ଦିଆଯାଉଥିଲା, ଆଗାମୀ ଦିନରେ ସେହିଭଳି ଗୁରୁତ୍ୱ ଦିଆଯିବ ଓ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସଭାପତିତ୍ୱ ସମୟରେ ଯେଭଳି ଭାବରେ ସେବାଦଳର କର୍ମୀମାନେ ସାଇକେଲରେ ସାରା ଓଡ଼ିଶାର ୧୮ ଶହ କିଲୋମିଟର ଯାତ୍ରା କରି ବିଜୁ ପଟ୍ଟନାୟକ ସରକାର ବିରୁଦ୍ଧରେ ୧ ଲକ୍ଷ ପ୍ରଚାର ପତ୍ର ବଂଟନ କରିଥିଲେ, ଆଗାମୀ ଦିନରେ ସେବାଦଳ କର୍ମକର୍ତାଙ୍କୁ ସେହି କାର୍ଯ୍ୟରେ ପୁନଃ ବିନିଯୋଗ କରାଯିବ। ପ୍ରଦେଶ କଂଗ୍ରେସ ସେବାଦଳ ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି, କାର୍ଯ୍ୟକର୍ତା ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ କହିଲେ ଯେ, କଂଗ୍ରେସ ସେବାଦଳ ଅନୁଷ୍ଠାନର ପ୍ରଥମ ସଭାପତି ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଥିଲେ। ତାଙ୍କର ଆଦର୍ଶ, ଦର୍ଶନ ତଥା ଚିନ୍ତାଧାରାକୁ ଆମେ ପୁଣିଥରେ ସାଧାରଣ ଜନତାଙ୍କ ନିକଟରେ ପହଂଚାଇବା।

## କନ୍ଧମାଳ ଚିନ୍ତନ ବୈଠକ ସଂଗଠନର କର୍ମକର୍ତା ଚୟନ

କନ୍ଧମାଳ, ୨୯/୦୫ (ନି.ପ୍ର): ଖଜୁରୀପଡା ବ୍ଲକ ଅନ୍ତର୍ଗତ ସୟେପଦର ଗ୍ରାମରେ କନ୍ଧମାଳ ପ୍ରଗତି ଚିନ୍ତନ ପରିଷଦ ନାମକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସାଧାରଣ ପରିଷଦ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପାଧାକ୍ଷ ତଥା ଅବସର ପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ଦିଲ୍ଲୀପ କୁମାର ସାହାଣୀ ଅଧକତା କରିଥିଲେ। ସଂସ୍ଥାର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ପ୍ରଧାନ ଗତ ୨ ବର୍ଷ ର ବିବରଣୀ ପାଠ କରିଥିଲେ। ଗତ ୨ ବର୍ଷ ମଧରେ ସଂଗଠନ ପକ୍ଷରୁ ଅନେକ ସମାଜ କଲ୍ୟାଣ କାର୍ଯ୍ୟକ୍ରମ କରାଯାଇଥିବା ସେ ଦର୍ଶାଇଥିଲେ। ସେଥି ମଧରେ ଏକ ମେଗା କୃଷକ ମେଳା, ଦଳପଡା ଓ ଘୋଡାଗାଡୁ ଗ୍ରାମରେ ବୃକ୍ଷ ରୋପଣ ସହିତ ପରିବେଶ ସୁରକ୍ଷା ସଚେତନ ସଭା, ଫୁଲବାଣୀ ରୁ କଲାଡି, ବଡଭୂଇଁ ଦେଇ ଲାଇନ ପଡା ପର୍ଯ୍ୟନ୍ତ ଯାତ୍ରୀବାହୀ ବସ ଚଳା ଚଳ କରାଇବା, ଭାରତୀୟ ରେଡକ୍ରସ ସଂସ୍ଥା ପ୍ରଦତ ରିଲିଫ ସାମଗ୍ରୀ ୧୪ଟି କ୍ୟାମ୍ପ ଜରିଆରେ ବଂଟନ ଆଦି ଅନ୍ତର୍ଭୁତ। ଅତତବ୍ୟତୀତ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ଦାବି ସରକାର ଙ୍କ ଠାରେ ଉପସ୍ଥାପନ କରାଯାଇଛି । ସେଥିମଧରୁ ଜିଲାରେ ପର୍ଯ୍ୟଟନ ବିକାଶ, ଏକ ବୃହତ ପାର୍କ ନିର୍ମାଣ, ଜିଲାକୁ ଉଡାନ ଯୋଜନାରେ ସାମିଲ କରିବା, ଉଚ୍ଚଶିକ୍ଷା ଓ ପ୍ରାଥମିକ ଶିକ୍ଷା ର ଉର୍ନ୍ନତି, ଶିଳ୍ପ ପ୍ରତିଷ୍ଠା, କେନ୍ଦ୍ରୀୟ ଯୋଜନା ଗୁଡିକ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଏହି ସଂଗଠନକୁ ରାଜ୍ୟ ସ୍ତରୀୟ କରିବା ଓ ରାଜ୍ୟ କାଯ୍ୟଲୟ ସ୍ଥାପନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ରାଜ୍ୟସ୍ତରୀୟ ସଂଗଠନରେ ଦିଲ୍ଲୀପ କୁମାର ସାହାଣୀଙ୍କୁ ସର୍ବ ସମତି କ୍ରମେ ଅଧକ୍ଷ ଭାବେ ନିର୍ବାଚିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧରେ ଉପାଧକ୍ଷ ଭାବେ ଶୁଭେନ୍ଦୁ ତ୍ରିପାଠୀ, ସାଧାରଣ ସମ୍ପାଦକ ଭାବେ ସୁବାସ ଚନ୍ଦ୍ର ପ୍ରଧାନ ଓ କୋଷାଧକ ଭାବେ ବିଷ୍ଣୁଚରଣ ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅନ୍ୟ ୯ ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ଓ ଉମା ଚରଣ ନାୟକ ଓ ଅଶୋକ କୁମାର ବେହେରାଙ୍କୁ ଉପଦେଷ୍ଟା ଭାବେ ଗ୍ରହଣ କରା ଯାଇଥିଲା। ଆସନ୍ତା ୩୦ ତାରିଖ ମଙ୍ଗଳବାର ଦିନ ସଂଗଠନ ର ସମସ୍ତ ସଦସ୍ୟ ଜିଲ୍ଲାପାଳଙ୍କୁ ଭେଟି ଜିଲ୍ଲାର ବିଭିର୍ନ ସମସ୍ୟା ଉପରେ ଆଲୋଚନା କରିବାକୁ ନିଷ୍ପତି ନିଆଯାଇଛି। ଏଥିସହିତ ଦଳପଡା ଗ୍ରାମ ପଂଚାୟତର ନଗଲେଙ୍କୁ ଗ୍ରାମ ର ସଦାନନ୍ଦ କହଁରଙ୍କୁ ନରେଗା ଯୋଜନାରେ ଆମ ଆମ୍ବ ଚାଷ ନାମରେ ଆଇଟିଡିଏ ପକ୍ଷରୁ କରା ଥିବା ଠକେଇର ଅନୁସନ୍ଧାନ କରିବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତି ହୋଇଛି।

## ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ: କର୍ମଚାରୀଙ୍କ ତାଲିକା ମାଗିଲା ରାଜସ୍ୱ ବିଭାଗ

### ଗୋଟିଏ ସ୍ଥାନରେ ୩ବର୍ଷ ପୂରଣ କରିଥିଲେ ବଦଳି ହେବ




ଭୁବନେଶ୍ୱର, ୨୮/୦୫ (ନି.ପ୍ର): ମେ ୨୦୨୪ରେ ଲୋକସଭା ଓ ରାଜ୍ୟ ବିଧାନସଭାର ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ଶେଷ ହେବ। ତେଣୁ ଏହା ପୂର୍ବରୁ ଯେକୌଣସି ମୁହୂର୍ତ୍ତରେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇପାରେ। ଏହାକୁ ନଜରରେ ରଖି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସରକାରୀ କର୍ମଚାରୀଙ୍କ ବଦଳି ଓ ନିଯୁକ୍ତି ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଭାରତ ନିର୍ବାଚନ କମିସନ ଚିଠି ଲେଖିଛନ୍ତି। ଏହାପରେ ମୁଖ୍ୟ ନିର୍ବାଚନ ଅଧିକାରୀ ମୁଖ୍ୟ ସଚିବଙ୍କୁ ଚିଠି ଲେଖି ନିର୍ବାଚନ ପ୍ରକ୍ରିୟାରେ ସାମିଲ୍ ହେବାକୁ ଥିବା ଅଧିକାରୀଙ୍କ ତାଲିକା ମାଗିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଚିଠି ପାଇବା ପରେ ରାଜସ୍ୱ ବିଭାଗ ପକ୍ଷରୁ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖି ଜିଲ୍ଲାରେ କେଉଁ ଅଧିକାରୀ (ଓଆରଏସ୍/ଓଏଏସ୍ (ଏସ୍‌ବି/ଜିବି ପାହ୍ୟାର ଅଧିକାରୀ) ନିଜ ଘରୋଇ ଜିଲ୍ଲାରେ ଅଛନ୍ତି, କିଏ ୨୯ ମେ' ୨୦୨୩ ସୁଦ୍ଧା ଗୋଟିଏ ସ୍ଥାନରେ ୩ବର୍ଷରୁ ଅଧିକ ସମୟ କାର୍ଯ୍ୟ କରୁଛନ୍ତି ଏବଂ କେଉଁମାନେ ୩୧ମେ ୨୦୨୪ ସୁଦ୍ଧା ଉକ୍ତ ସ୍ଥାନରେ ତିନିବର୍ଷ ପୂରଣ କରିବେ ସେମାନଙ୍କ ତାଲିକା ମାଗିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଯେପରି ଅଧିକ ଅଦଳବଦଳ ନହେବ ତାହାକୁ ନଜରରେ ରଖି ଏବେଠାରୁ ବଦଳି ପ୍ରକ୍ରିୟା ଆରମ୍ଭ କରାଯାଉ। ଏହାଦ୍ୱାରା ନିର୍ବାଚନ ପ୍ରକ୍ରିୟା ସୂଚାରୁ ରୂପେ ପରିଚାଳନା ହେବା ସହ ଅଧିକାରୀମାନଙ୍କ ପାଇଁ ନିର୍ବାଚନ ପରିଚାଳନା ସହଜ ହେବ। ସେହିପରି ଏବେ ସରକାରୀ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଆରମ୍ଭ ହେଉଥିବାରୁ ଏବେ ବଦଳି ହେଲେ ସେମାନଙ୍କ ପାଇଁ କାର୍ଯ୍ୟ କରିବା ସହଜ ହେବା ସହ ସେମାନଙ୍କ ପିଲାଙ୍କ ପାଠପଢ଼ାରେ ବିଶେଷ ଅସୁବିଧା ହେବନି। ଏହି ବଦଳି ପ୍ରକ୍ରିୟାରେ ଖୁବ୍‌ଶୀଘ୍ର ଜିଲ୍ଲାପାଳ, ଏଡିଏମ୍, ଡେପୁଟି କଲେକ୍ଟର, ଉପଜିଲ୍ଲାପାଳ, ତହସିଲଦାର, ବିଡିଓ, ସହକାରୀ ଜିଲ୍ଲାପାଳ, ପୁଲିସ ଆଇଜି, ଡିଆଇଜି, ରାଜ୍ୟ ସଶସ୍ତ୍ର ପୁଲିସ ବାହିନୀର କମାଣ୍ଡାଣ୍ଟ, ଏଏସ୍‌ପି, ଏସ୍‌ପି, ଏସ୍‌ଡିପିଓ, ଇନ୍ସପେକ୍ଟର, ସବ୍‌ଇନ୍ସପେକ୍ଟର, ସର୍ଜେଣ୍ଟ ମେଜ ?ଙ୍କ ସମେତ ଅନ୍ୟ ଯେଉଁମାନେ ନିର୍ବାଚନ ପରିଚାଳନା କାର୍ଯ୍ୟରେ ନିୟୋଜିତ ହେବେ ସେହି ଅଧିକାରୀଙ୍କ ବଦଳି କରିବାକୁ କୁହାଯାଇଛି।

## ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚର ଆହ୍ୱାନ : ଦାବି ପୂରଣ ନହେଲେ ଜୁନ ୧ରୁ ସମୂହ ଛୁଟି

କେନ୍ଦ୍ରାପଡ଼ା, ୨୯/୦୫ (ନି.ପ୍ର): ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ କେନ୍ଦ୍ରାପଡା ଶାଖାର ସାଧାରଣ ବୈଠକ ସହିତ ଏକ ସାମ୍ବାଦିକ ସମ୍ମିଳନୀ ଜିଲ୍ଲା ମିଳିତ ଅମଲା ମଂଚର ଅଧକ୍ଷ ଅଧୀର କୁମାର ସାହୁଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସଭା ଗୃହରେ ସକାଳ ୯ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଜିଲ୍ଲା ମିଳିତ ଅମଲା ମଂଚର ଆବାହକ ଦିବାକର ମହାନ୍ତି, ରାଜ୍ୟ ଓଡିଶା ଅମଲା ସଂଘର ସଭାପତି ଜ୍ଞାନରଞ୍ଜନ ଦାସ, ଓଡିଶା ରାଜସ୍ୱ ଅମଲା ସଂଘର ଉପସଭାପତି ଶୈଳେନ୍ଦ୍ର ନାରାୟଣ ପ୍ରଧାନ, ରାଜସ୍ୱ ଅମଲା ସଂଘ ଜିଲ୍ଲା ସଭାପତି ଶୁକାନ୍ତ କୁମାର ଜେନା, ରାଜସ୍ୱ ଅମଲା ସଂଘର ପୂର୍ବତନ ସଭାପତି ଦିନବନ୍ଧୁ ରଥ, ଓଡିଶା ଅମଲା ସଂଘର ଉପଦେଷ୍ଟା ଅଞ୍ଜନ କୁମାର ଶତପଥୀ, ମିଳିତ ଅମଲା ସଂଘ ଅଧକ୍ଷ ବିଶ୍ୱଭୂଷଣ ଲେଙ୍କା, ସବ୍‌ରେଜିଷ୍ଟର ସଂଘର ସଭାପତି ବସନ୍ତ କୁମାର ସାହୁ, ଓଡିଶା ନିଖିଳ ଟ୍ରେଜେରୀ ଅମଲା ସଂଘର ସଭାପତି ବିଜୟାଲକ୍ଷ୍ମୀ ଦାସ ଏବଂ ସମସ୍ତ ଅମଲା ସଂଘର ବହୁ ନେତୃତ୍ୱବୃନ୍ଦ ଓ ସଦସ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ଦାବି ଗୁଡିକୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସେ ଗୁଡିକ ହେଉଛି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଅନୁଯାୟୀ ଲେଭୁଲ- ୩ ତଥା ୧୮୦୦ ଗ୍ରେଡ୍ ପେ ସହିତ ଅନ୍ୟାନ୍ୟ ଭତା ପାଉଥିଲା ବେଳେ କନିଷ୍ଠ ସହାୟକଙ୍କୁ ୧୯୦୦ ଗ୍ରେଡ୍ ପେ ତଥା ଲେଭୁଲ-୪ ଅନୁଯାୟୀ ବେତନ ପ୍ରଦାନ କରାଯାଉଅଛି । ଯାହାକି ଜିଲ୍ଲାସ୍ତରୀୟ ସମସ୍ତ ଅମଲାଙ୍କୁ ଓଡିଶା ସରକାର ଅପମାନିତ କରୁଛନ୍ତି । ସରକାର ଅମଲାମାନଙ୍କ କାର୍ଯ୍ୟ ଅନୁଯାୟୀ ଶିକ୍ଷାଗତ ଯୋଗ୍ୟତାକୁ +୨ ପରିବର୍ତେ +୩ ବୃଦ୍ଧି କରିଥିଲେ ହେଁ ସରକାର ଅଦ୍ୟାବଧି ଜିଲ୍ଲାସ୍ତରୀୟ ଅମଲାମାନଙ୍କୁ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ହାରରେ ୧୯୦୦ ଗ୍ରେଡ୍ ପେ ପ୍ରଦାନ କରାଯାଉଅଛି। ଯାହାକି ସରକାରଙ୍କ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରତିପୋଷଣ କରୁଥିବାର ଅମଲାମାନେ ଅନୁଭବ କରୁଛନ୍ତି । ଅଦ୍ୟାବଧି ରାଜ୍ୟସରକାର ଜିଲ୍ଲାସ୍ତରୀୟ ଅମଲାଙ୍କ ସମକକ୍ଷ ସମସ୍ତ କର୍ମଚାରୀଙ୍କ ଦରମା ବୃଦ୍ଧି କରିଥିଲେ ହେଁ, ଜିଲ୍ଲା ସ୍ତରୀୟ ଅମଲାମାନଙ୍କ ପ୍ରତି ସରକାର ଏଭଳି ନିଷ୍ଠୁର କାହିଁକି ତାହା ଜଣା ପଡୁନାହିଁ । ଏପରିକି ସରକାରଙ୍କୁ ବାରମ୍ବାର ଅନୁରୋଧ ଏବଂ ଦାବିପତ୍ର ଉପସ୍ଥାପନ ପୂର୍ବକ ସରକାର ବହୁ ସମୀକ୍ଷା ପରେ ଅମଲାଙ୍କ ଦାବିକୁ ଯଥାର୍ଥ ବୋଲି ସ୍ୱୀକାର କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସରକାର ଅମଲାମାନଙ୍କ କାର୍ଯ୍ୟଦକ୍ଷତା ଓ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ କନିଷ୍ଠ ସହାୟକଙ୍କ ଦରମା ବୃଦ୍ଧି କରିନାହାନ୍ତି । ଏଣୁ ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚର ଗୋଟିଏ ଦାବି କନିଷ୍ଠ ସହାୟକଙ୍କ ଦରମା ଗ୍ରେଡ୍ ପେ ୧୯୦୦(ଲେଭୁଲ-୪)ରୁ ଗ୍ରେଡ୍ ପେ ୪୨୦୦(ଲେଭୁଲ-୭)କୁ ବୃଦ୍ଧି କରିବା ଓ ବହୁ ପୂର୍ବର ଦାବି ଯଥା- ସଚିବାଳୟରୁ ବ୍ଲକସ୍ତର ପର୍ଯ୍ୟନ୍ତ ସମାନ କାମକୁ ସମାନ ଦରମା ପ୍ରଦାନ କରିବା ପାଇଁ ଦାବି କରାଯାଇଥିଲା । ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ ରାଜ୍ୟ ଶାଖାର ନିଷ୍ପତିକ୍ରମେ ସରକାର ଅମଲାଙ୍କ ପ୍ରତି ଏଭଳି ମନୋଭାବ ପ୍ରତିବାଦରେ ଗତ ମେମାସ୨୨ତାରିଖ ରୁ ୩୧ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ୍ ପରିଧାନ କରିବା ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଅଛି। ଯଦି ସରକାର ଯଦି ନୀରବ ରୁହନ୍ତି ତେବେ ଜୁନ ୧ତାରିଖ ଠାରୁ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅମଲାମାନେ ସମୂହ ଛୁଟିରେ ଯିବେ ବୋଲି ନିଷ୍ପତି ନିଆଯାଇଛି । ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ ରାଜ୍ୟ ଶାଖା ତରଫରୁ ରାଜ୍ୟ ସରକାରଙ୍କୁ ଗତ ଏପ୍ରିଲ ୯ତାରିଖରେ ଦାବିପତ୍ର ଓ ଏପ୍ରିଲ୨୧ତାରିଖରେ ସ୍ମାରକପତ୍ର ଏବଂ ମେ ୧ତାରିଖରେ ମୁଖ୍ୟ ଶାସନ ସଚିବଙ୍କୁ ଚରମପତ୍ର ପ୍ରଦାନ କରାଯାଇଅଛି ଏବଂ ଅଦ୍ୟାବଧି ସରକାର ଏହି ଦାବି ଉପରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଆଜି ଜିଲ୍ଲାସ୍ତରୀୟ ମିଳିତ ଅମଲା ମଂଚ କେନ୍ଦ୍ରାପଡା ଶାଖାର ସାଧାରଣ ବୈଠକରେ ଆସନ୍ତା ଜୁନ ୧ତାରିଖରୁ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଅମଲା ସାମୁହିକ ଭାବେ ଛୁଟିରେ ଯିବା ପାଇଁ ନିଷ୍ପତି ନିଆଯାଇଅଛି । ଏଥିପାଇଁ ଜନସାଧାରଣଙ୍କ କାର୍ଯ୍ୟରେ ଉପୁଜିବାକୁ ଥିବା ସମସ୍ୟା ପାଇଁ ସରକାର ଦାୟୀ ରହିବେ ବୋଲି ଆଲୋଚନା କରାଯାଇଥିଲା । ଜିଲ୍ଲାସ୍ତରୀୟ ଅମଲାମାନେ ତୃଣମୂଳ ସ୍ତରରେ ବିଭିନ୍ନ କ୍ଷେତ୍ରରେ ସରକାରୀ କାର୍ଯ୍ୟ ଅତି କଠୋର ସ୍ଥିତିରେ ସମ୍ପାଦନା କରି ସରକାରଙ୍କ ସମସ୍ତ ଯୋଜନାକୁ ଶତ ପ୍ରତିଶତ ସଫଳ ରୂପାୟନ ପୂର୍ବକ ଜନସାଧାରଣଙ୍କ ନିକଟରେ ସମସ୍ତ ସେବାକୁ ପହ ।ଇବାର ମାଧମ ସାଜିଥିଲେ ହେଁ ଜନପ୍ରିୟ ସରକାରଙ୍କ ସମସ୍ତ ଅମଲାଙ୍କ ପ୍ରତି ଉଦାସୀନତା ଦ୍ୱାରା ସମସ୍ତ ଅମଲାଙ୍କୁ ସାମୂହିକ ଭାବେ ଛୁଟିରେ ଯିବାପାଇଁ ବାଧ ହେଉଛନ୍ତି ।

### କଦମପଡା ଶିଶୁମନ୍ଦିରରେ 'ପ୍ରତିଭା ସମ୍ମାନ' ସମାରୋହ ଆୟୋଜନ

ବଲାଙ୍ଗିର, ୨୯/୦୫ (ନି.ପ୍ର): ରବିବାର କଦମପଡାସ୍ଥିତ ସରସ୍ୱତୀ ଶିଶୁବିଦ୍ୟାଜ୍ଞାନ ମନ୍ଦିରରେ ପ୍ରତିଭା ସମ୍ମାନ ସମାରୋହ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ସଂପାଦକ ସୁରେନ୍ଦ୍ର ତ୍ରିପାଠୀ ଯୋଗଦେଇ ଦଶମ ଶ୍ରେଣୀର ବିଜେତା ଶିଶୁ ଭାଇଭଉଣୀ (ଏ-୧)ଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ତଥା ଉଦବୋଧନ ଦେଇ ସେମାନଙ୍କର ଉଚ୍ଚ ଭବିଷ୍ୟତ ପାଇଁ ଶୁଭ ମନାସୀ ଥିଲେ । ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ, ସଫଳତା କଠିନ ପରିଶ୍ରମରେ ହିଁ ମିଳିଥାଏ । ବିଜେତା ଶିଶୁ ସୁଭେନ୍ଦୁ ବଗର୍ତାଙ୍କ ପିତା ତଥା ଛାତ୍ର ଆସମାନ ବଗର୍ତାଙ୍କ ପିତା ଛବିଳ ବଗର୍ତା ନିଜ ଶିଶୁର ସଫଳତା ପଛର କାରଣ ଯତ୍ କିଂଚିତ ଉପସ୍ଥାପନା କରିଥିଲେ । ଶେଷରେ ବିଦ୍ୟାମନ୍ଦିର ବିଭାଗର ପ୍ରମୁଖ ଗୁରୁଜୀ ସାଧୁରାମ ନାଏକ ସମସ୍ତ ଶିଶୁ ଛାତ୍ରଛାତ୍ରୀଙ୍କ ଶୁଭକାମନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ବୀରେନ୍ଦ୍ର ଧରୁଆ, କୋଷାଧକ୍ଷ ସତ୍ୟାନନ୍ଦ ଷଡଙ୍ଗୀ ତଥା ସଦସ୍ୟା ଭଗବତୀ ସେଠ ମଂଚାସୀନ ଥିଲେ ।

## ସୋନପୁରଠାରେ ସାତ ଦିନିଆ ଟେରାକୋଟା ଶିବିର ଉଦ୍‌ଯାପିତ

ସୁବର୍ଣ୍ଣପୁର, ୨୯/୦୫ (ନି.ପ୍ର): ଓଡ଼ିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ସହଯୋଗରେ ସୋନପୁରର କୁମ୍ଭାରପଡା ଠାରେ ସାତ ଦିନିଆ ପାରମ୍ପରିକ ଟେରାକୋଟା ଶିବିର ଉଦଯାପିତ ହୋଇଯାଇଛି ଓ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ବିଶିଷ୍ଟ ବାନ୍ଧ ଶିଳ୍ପୀ, ସନ୍ଥକବିର ଜାତୀୟ ପୁରସ୍କାର ପ୍ରାପ୍ତ ଶ୍ରୀ ପ୍ରହଲ୍ଲାଦ ମେହେର, ସୁବର୍ଣ୍ଣପୁରର ହସ୍ତ ଶିଳ୍ପ ବିଭାଗର ପ୍ରୋଗ୍ରାମ ଅଫିସର ଦେବାଶିଷ ମିଶ୍ର ଯୋଗ ଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହିତ ଶିଳ୍ପୀମାନଙ୍କର କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ। ଏକାଡେମୀର କାର୍ଯ୍ୟକାରୀ ସମିତ ସଦସ୍ୟ ଶ୍ୟାମ ସୁନ୍ଦର ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଂଚାନନ ସାମଲ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ଓ ଉପସ୍ଥିତ ଅତିଥିମାନେ ସୋନପୁର ଟେରାକୋଟାର ମାହାତ୍ମ୍ୟ ଓ ଏହାର ପ୍ରାଚୀନତା ବିଷୟରେ ଆଲୋକପାତ କରିଥିଲେ। ଆଧୁନିକ ସମୟର ତାଳରେ ଟେରାକୋଟା ଶିଳ୍ପୀମାନେ ନିଜ କଳାକୃତିରେ ସମ୍ୟକ୍ ପରିବର୍ତନ ସହିତ ସେଗୁଡିକୁ ଦୈନନ୍ଦିନ ବ୍ୟବହାର ଯୋଗ୍ୟ କରିବା ପାଇଁ ମତ ପ୍ରକାଶ କରିଥିଲେ। ପ୍ରଦର୍ଶନୀରେ ଶିଳ୍ପୀ ମାନଙ୍କ ଦ୍ୱାରା ସୋନପୁର ପ୍ରସିଦ୍ଧ ଟେରାକୋଟା ଘଡା, ହାତୀ, ଲଙ୍କାପୋଡ଼ି ହନୁମାନ, ଟେରାକୋଟା ଖପର ଉପରେ ବିଭିନ୍ନ ପଶୁ ପକ୍ଷୀ ଆକାର, ଗଛରେ ପରିବେଶ ସଚେତନତାର ବାର୍ତା, ପଂଚମୁଖୀ ହନୁମାନ, ବିଭିନ୍ନ ମୁଖାକୃତି, ପ୍ରଦୀପ ଷ୍ଟାଣ୍ଡ, ପାରମ୍ପରିକ ଘରର ଅସବା ପତ୍ର, ଝୁମର୍ ଓ ଟେରାକୋଟା ରିଲିଫ୍‌ରେ ପ୍ରସିଦ୍ଧ ଲଙ୍କେଶ୍ୱରୀ ମନ୍ଦିର ଓ ମହାନଦୀର ଦୃଶ୍ୟ ଖୁବ୍ ସୁନ୍ଦର୍ ଭାବରେ ଫୁଟାଇଥିଲ। ଆଗାମୀ ଦିନରେ ଏହି କଳାକୃତି ଗୁଡ଼ିକ ଭୁବନେଶ୍ୱର ତଥା ବିଭିନ୍ନ ଜିଲ୍ଲା ଆଂଚଳିକ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶନୀ କରାଯିବ ବୋଲି ସଚିବ ମତ ପ୍ରକାଶ କରିଥିଲେ। । ଉତ୍ସବ ଅବସରରେ ଅତୀଥିମାନେ ଏକାଡେମୀ ତରଫରୁ ଅଂଶଗ୍ରହଣକାରୀ ଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଅଙ୍ଗବସ୍ତ୍ର ଓ ଦଶହଜାର ଟଙ୍କା ଲେଖାଏଁ ଅର୍ଥରାଶି ଦେଇ ସମ୍ମାନିତ କରିଥିଲେ।

## ଚୋରି ହୋଇଥିବା ଜିନିଷ ଫେରି ପାଇଲେ ଅଭିଯୋଗକାରୀ

ଜୟପୁର, ୨୯/୦୫ (ନି.ପ୍ର): ବୋରିଗୁମ୍ମା ଥାନା ଅଂଚଳରେ ୬ ଟି ଚୋରି ମମାଲର ସମସ୍ତ ଚୋରି ସାମଗ୍ରୀକୁ ଉଦ୍ଧାର କରିଛି ପୋଲିସ। ଏହି ୬ଟି ଚୋରି ମାମଲାରେ ମୋଟ ୧୧ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ବୋରିଗୁମ୍ମା ଏସଡ଼ିପିଓ ମଧୁଶିକ୍ତା ମିଶ୍ର ସୂଚନା ଦେଇଛନ୍ତି। ଗତ ୨୦୨୨ ମସିହା ରେ ବୋରିଗୁମ୍ମା ଦୁଲାରାସ୍ତା ରେ ଏକ ଦମ୍ପତି ଙ୍କ ଠାରୁ ଟଙ୍କା ଅଳଙ୍କାର ଏବଂ ମୋବାଇଲ ଲୁଟ ହୋଉଥିଲା।ଏହି ମାମଲାରେ ଜଡିତ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ସେମାନଙ୍କଠାରୁ ଦୁଇଟି ମୋବାଇଲ ଏବଂ ଗୋଟିଏ ପିସ୍ତଲ ବି ଜବତ ହୋଉଛି। ସେହି ପରି ୨୦୨୩ ମସିହା ରେ ପାଂଚୋଟି ଚୋରି ହୋଉଥିଲା। ଭେଙ୍କଟ ନଗର କୋଟି ହୋଇଥିବା ବାଇକ ଚୋରି, ଦୁଲାଗୁଡ଼ାରୁ ଚୋରି ହୋଇଥିବା ମୋଟର ପମ୍ପ, ଭାରତ ମାଳା କେମ୍ପ ରୁ ଚୋରି ହୋଇଥିବା ଡିଜି, ଛତରଲାରୁ ଚୋରି ହୋଇଥିବା ଗୃହଉପକାରଣ ସାମଗ୍ରୀ , ହର୍ଦ୍ଦଳି ନିକଟରୁ ଚୋରି ହୋଇଥିବା ୬ଟି ଷ୍ଟିଲ ପ୍ଲେଟ କୁ ଉଦ୍ଧାର କରିଥିବା ବେଳେ ଆଜି ସମସ୍ତ ଉଦ୍ଧାର ସାମଗ୍ରୀ ର ପ୍ରକୃତ ମାଲିକଙ୍କୁ ଥାନାକୁ ଡକାଇ ନିଜ ନିଜ ଜିନିଷ ହସ୍ତାନ୍ତର କରିଛି ବୋରିଗୁମ୍ମା ପୋଲିସ। ସେପଟେ ନିଜ ଚୋରି ହୋଇଥିବା ଜିନିଷ ପାଇବା ପରେ ବେଶ ଖୁସି ଅନୁଭବ କରି ପୋଲିସକୁ ପ୍ରଶଂସା କରିଛନ୍ତି ଅଭିଯୋଗକାରୀ। ଆଗକୁ ଚୋରି ଡକାୟତିକୁ ନିୟନ୍ତ୍ରଣ ପାଇଁ ପୋଲିସ ଯାଂଚକୁ କଡାକଡି କରାଯିବ ବୋଲି ବିରୁଗୁମ୍ମା ଏସଡିପିଓ ମଧୁଶିକ୍ତା ମିଶ୍ର କହିଛନ୍ତି।

# ସେଙ୍ଗେଲ ଅଭିଯାନ ପକ୍ଷରୁ ଜୁନ ୧୫ରେ ଭାରତ ବନ୍ଦ ଡାକରା

## ଜୁନ ୩୦ରେ କଲିକତାରେ ରେଲି ସହିତ ବିଶ୍ୱ ସାରନା ଧର୍ମ କୋଡ ଜନସଭା




ବାରିପଦା , ୨୯/୦୫ (ନି.ପ୍ର): ଆଦିବାସୀ ସମାଜରେ ନିଶା ସେବନ, ଅନ୍ଧବିଶ୍ୱାସ, ଡାହାଣୀ ପ୍ରଥା, କଙ୍ଗାରୁ କୋର୍ଟଦ୍ୱାରା ମନ ଇଚ୍ଛା ଜୋରିମାନା କରିବା, ସାମାଜିକ ବହିଷ୍କାର କରିବା, ଆଦିବାସୀ ମହିଳା ବିରୋଧୀ ମାନସିକତା, ବହୁମୂଲ୍ୟ ଭୋଟକୁ ହାଣ୍ଡିଆ, ମଦ, ଟଙ୍କା ଆଦିରେ କିଣାବିକା କରିବା ଆଦି କୁପ୍ରଥାର ସମାପ୍ତ ପାଇଁ ସେଂଗେଲ ଅଭିଯାନ ପକ୍ଷରୁ ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଥିବା ବେଳେ, ପ୍ରତ୍ୟେକ ଆଦିବାସୀ ଗ୍ରାମ ସମାଜରେ ବଂଶାନୁଗତ ନିଯୁକ୍ତି ପାଇ ଆସୁଥିବା ଗ୍ରାମ୍ୟମୁଖିଆ ମାଝୀ ପାର୍ଗାନା ମାନକୀ ମୁଣ୍ଡା ମାନଂକୁ ଗ୍ରାମ ସମାଜର ସମସ୍ତ ସ୍ତ୍ରୀ ପୁରୁଷ ମିଶି ଗଣତାନ୍ତ୍ରିକ ଉପାୟରେ ଚୟନ କରି ସମାଜରୁ ସମସ୍ତ କୁପ୍ରଥାଗୁଡିକୁ ଦୂର କରାଯିବା ସହିତ ଏକ ପ୍ରଗତିଶୀଳ ସମାଜର ନିର୍ମାଣ ଦାବୀ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଆସନ୍ତା ଜୁନ ୧୫ ତାରିଖରେ ଭାରତ ବନ୍ଦ ଡାକରା ଦେଇଥିବା ବେଳେ ୩୦ ତାରିଖରେ କଲିକତାରେ ଏକ ରାଲି ସହିତ ବ୍ରିଗେଡ୍ ପେରେଡ ଗ୍ରାଉଣ୍ଡରେ ବିଶ୍ୱ ସାରନା ଧର୍ମ କୋଡ ଜନସଭା ଆୟୋଜନ କରାଯିବ ବୋଲି ଅଭିଯାନର ରାଷ୍ଟ୍ରୀୟ ଅଧକ୍ଷ ପୂର୍ବତନ ସାଂସଦ ସାଲଖାନ ମୁର୍ମୁ ପ୍ରକାଶ କରିଛନ୍ତି । ବାରିପଦା ଲାୟନ୍ସ କ୍ଲବରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଏ ନେଇ ସୂଚନା ଦେଇଛନ୍ତି । ଦେଶର ହାରାହାରି ୧୩କୋଟି ଆଦିବାସୀମାନଙ୍କୁ ବାସ୍ତବ ସ୍ୱାଧୀନତା ଦେବା ପାଇଁ ସେଙ୍ଗେଲ ଅଭିଯାନ ଓଡ଼ିଶା ସମେତ ୭ଟି ରାଜ୍ୟରେ ସଂଗ୍ରାମ ଜାରି ରଖୁଛି । ଭାରତୀୟ ସମ୍ବିଧାନରେ ପ୍ରଦତ ଆଦିବାସୀ ଅଧିକାରକୁ ଲାଗୁ କରାଗଲେ ଆଦିବାସୀ ମାନଙ୍କୁ ସାମାଜିକ, ଧାର୍ମିକ, ରାଜନୈତିକ ସ୍ୱାଧୀନତା ମିଳିବବୋଲି ସେ କହିଛନ୍ତି. ଏହି ଅବସରରେ ସମାଜ ସଂସ୍କାରକ, ପ୍ରଶାସକ ଓ ସାମ୍ବାଦିକ ସମେତ ୨୧ ଜଣଙ୍କୁ ସେଙ୍ଗେଲ ପକ୍ଷରୁ ରାଜା ରାମ ମୋହନ ରାୟ ଆୱାର୍ଡ-୨୦୨୩ ପ୍ରଦାନ କରାଯାଇଛି । ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜିକା ସୁମିତ୍ରା ମୁର୍ମୁ, ବୁଢ଼ାନ ମାଣ୍ଡି, ଓଡ଼ିଶା ସେଙ୍ଗେଲ ସଭାପତି ନରେନ୍ଦ୍ର ହେମ୍ବ୍ରମ ସେଙ୍ଗଲ ମହିଳା ମୋର୍ଚ୍ଚା ସଭାପତି ମାଲହ ମାଇଁ, ସେଙ୍ଗେଲ ଜୋନାଲ କମିଟି ସଭାପତି ନାରାନ ମୁର୍ମୁ, ମାଧବ ଚନ୍ଦ୍ର ମୁର୍ମୁ, ବିକାଶ ଚନ୍ଦ୍ର ହେମ୍ବ୍ରମ, ବାହାଦୁର ମୁର୍ମୁ, ଉଦୟନାଥ ହେମ୍ବ୍ରମ, ବାବୁଲୁ ମୁର୍ମୁ, ପାନମଣି ହେମ୍ବ୍ରମ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ ।

## କୂହିନୋର ହୀରା ଫେରାଇ ଆଣିବା ପାଇଁ ଆମରଣ ଅନଶନ

ଲଙ୍ଗଳେଶ୍ୱର , ୨୯/୦୫ (ନି.ପ୍ର): ବାଲିଆପାଳ ବ୍ଲକ ମଇଁଷାମୁଣ୍ଡା ଗ୍ରାମର ଜଣେ ଯୁବ ସମାଜସେବୀ ଗୋପାଳ ଚନ୍ଦ୍ର ସାହୁ ଓଡ଼ିଶାର କୂହିନୋର ହୀରା ବ୍ରିଟେନର ରାଣୀଙ୍କ ଠାରୁ ଫେରାଇ ଆଣିବା ଦାବିରେ ଆସନ୍ତା ୫ତାରିଖ ଦିନ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ମୁଖ୍ୟ ପ୍ରଶାସକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଆମରଣ ଅନଶନ କରିବେ ବୋଲି ସୋମବାର ପ୍ରେସକୁ ଜଣାଇ ଛନ୍ତି । ଶ୍ରୀ ସାହୁ ଏହି କୂହୀ ନୋର ହୀରା ଓଡ଼ିଶାର ଶ୍ରୀଜଗନ୍ନାଥଙ୍କର ବୋଲି ଦୃଢ଼ ଦାବି କରିଛନ୍ତି । ବ୍ରିଟିଶ ଶାସନ କାଳରେ ଏହି ଦୁର୍ମୂଲ୍ୟ ହୀରା ଜଗନ୍ନାଥ ମନ୍ଦିରରୁ ରାଣୀ ଭିକ୍ଟୋରିଆଙ୍କ ପାଖକୁ ଯାଇ ଥିଲା ।ପଞ୍ଜାବ କେଶରୀ ମହାରାଜା ରଣଜିତ ସିଂହ ଏହି ହୀରା ଓଡ଼ିଶାର ଶ୍ରୀ ଜଗନ୍ନାଥଙ୍କର ବୋଲି ଦର୍ଶାଇ ବ୍ରିଟିଶ ପାର୍ଲିଆମେଣ୍ଟକୁ ଚିଠି ଲେଖିଥିଲେ ଓ ଫେରାଇ ଦିଅନ୍ତୁ ବୋଲି ଦାବି କରିଥିଲେ । ତାଙ୍କ ମୃତ୍ୟୁ ପରେ ଆଉ କେହି ଗୁରୁତ୍ୱ ଦେଇ ନାହାଁନ୍ତି ।ଶ୍ରୀ ସାହୁ ଏନେଇ ଅତିରିକ୍ତ ଶାସନ ସଚିବଙ୍କୁ ଏକ ମିସ କେଶ ମୂଳେ ଗତ ବର୍ଷ ଜଣାଇ ଥିଲେ ।କିନ୍ତୁ ଅଦ୍ୟାବଧି କୌଣସି ପ୍ରତିକାର ହୋଇ ନାହିଁ ।ରାଷ୍ଟ୍ରପତି ମହୋଦୟା ଏହି ହୀରା ଫେରାଇ ଆଣିବା ପାଇଁ ଅନ୍ତର୍ଜାତୀୟ ନ୍ୟାୟାଳୟରେ ଚାପ ପକାନ୍ତୁ ବୋଲି ଶ୍ରୀ ସାହୁ ଦୃଢ଼ ଦାବି ମଧ କରିଛନ୍ତି ।ତେବେ ଏ ବାବଦରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନଙ୍କ ଠୁ କୌଣସି ଉତ୍ତର ମିଳି ପାରି ନାହିଁ ।

# ଆକ୍ରୋଶମୂଳକ ଇଟାଭାଟି ଭଙ୍ଗା ଘଟଣାକୁ ନେଇ ଉଦବେଗ

## ନ୍ୟାୟ ନ ମିଳିଲେ ସମୂହ ଆତ୍ମାହୁତି ଦେବେ ଭାଟି ମାଲିକ ପରିବାର



ବାଲେଶ୍ୱର, ୨୯/୦୫ (ନି.ପ୍ର): ନୀଳଗିରି ତହସିଲ ଅନ୍ତର୍ଗତ କାଣ୍ଡଗରିଡ଼ି ପଞ୍ଚାୟତର ଚିକିଡ଼ିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଆକ୍ରୋଶମୂଳକ ଭାବେ ନିର୍ଦ୍ଦିଷ୍ଟ ଇଟାଭାଟି ଭଙ୍ଗା ଘଟଣାକୁ ନେଇ ଭାଟି ମାଲିକଙ୍କ ସମେତ ତାଙ୍କ ପରିବାର ଲୋକେ ଉଦବେଗ ପ୍ରକାଶ କରିଛନ୍ତି । ନୀଳଗିରିରେ ୨୨ଟି ଇଟାଭାଟି ଥିବାବେଳେ ପ୍ରଶାସନ କାହା ସ୍ୱାର୍ଥରେ ବା କାହା ଚାପରେ ଏକମାତ୍ର ତାଙ୍କ ଭାଟି ଭାଙ୍ଗିଛି ବୋଲି ବାଲେଶ୍ୱର ସହରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଇଟାଭାଟି ମାଲିକ ହରିଶ୍ଚନ୍ଦ୍ର ଜେନା ପ୍ରଶ୍ନ କରିଛନ୍ତି । ତାଙ୍କର ଅଭିଯୋଗ ଅନୁସାରେ ଗତ ୧୬ ତାରିଖ ନୀଳଗିରି ତହସିଲ କାର୍ଯ୍ୟାଳୟ ପକ୍ଷରୁ ରୟାଲିଟି ବାବଦକୁ ତାଙ୍କୁ ସାଢ଼େ ୩ ଲକ୍ଷ ଟଙ୍କା ପୈଠ କରିବା କୁହାଯାଇଥିଲା । ୧୮ ତାରିଖରେ ତାଙ୍କ ପୁଅ ୨ଲକ୍ଷ ଟଙ୍କା ଜମା କରିବା ପାଇଁ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ । ବାକି ଦେଢ଼ଲକ୍ଷ ଟଙ୍କା ପଇଠ ପାଇଁ ଆଉ କିଛିଦିନ ସମୟ ଦେବାକୁ ନିବେଦନ କରିଥିଲେ । ମାତ୍ର ତହସିଲଦାର ସେମାନଙ୍କୁ ସମୟ ଦେବା ପରିବର୍ତ୍ତେ ୨୦ ତାରିଖରେ ତାଙ୍କର ଇଟାଭାଟିକୁ ଆକ୍ରୋଶମୂଳକ ଭାବେ ଭାଙ୍ଗି ଦେଇଥିଲେ ବୋଲି ହରିଶ୍ଚନ୍ଦ୍ର ଓ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ବିଭିନ୍ନ ସୂତ୍ରରୁ ଧାର କରଜ କରି ରୟାଲିଟି ଅର୍ଥ ଯୋଗାଡ଼ରେ ସେ ଲାଗିଥିଲେ । ପ୍ରଶାସନ ତାଙ୍କ ପ୍ରାର୍ଥନାକୁ ଗୁରୁତ୍ୱ ନ ଦେଇ ଇଟାଭାଟି ଭାଙ୍ଗିବା କେଉଁ ନ୍ୟାୟପୂର୍ଣ୍ଣ ନିଷ୍ପତ୍ତି ବୋଲି ସେମାନେ କହିଛନ୍ତି । ଭାଟିଭାଙ୍ଗି ଯାଇଥିବା ବେଳେ ଋଣଭାର ସେମାନଙ୍କ ଚିନ୍ତାକୁ ବଢ଼ାଇ ଦେଇଛି । ତେବେ ତାଙ୍କର ହୋଇଥିବା କ୍ଷତି କିଏ ଭରଣା କରିବ ବୋଲି ସେ ପ୍ରଶ୍ନ କରିଛନ୍ତି । ଏନେଇ ପ୍ରଶାସନ ପକ୍ଷରୁ ନ୍ୟାୟ ନ ମିଳିଲେ ନୀଳଗିରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମାହୁତି ଦେବେ ବୋଲି ହରିଶ୍ଚନ୍ଦ୍ର ଓ ତାଙ୍କ ପରିବାର ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ୧୦୧ତମ ମନକୀ ବାତ୍ କାର୍ଯ୍ୟକ୍ରମ



ଜଳେଶ୍ୱର , ୨୯/୦୫ (ନି.ପ୍ର): ଜଳେଶ୍ୱର ବ୍ଲକ ବାଜର ବିଜେପି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ୧୦୧ତମ ସଂସ୍କରଣ ମନକୀବାତ କାର୍ଯ୍ୟକ୍ରମକୁ ଆଭାଷୀ ମାଧ୍ୟମରେ ଦଳର କର୍ମକର୍ତ୍ତା ଓ ନେତୃମଣ୍ଡଳି ଦେଖିଥିଲେ । ସ୍ୱାଧିନତା ସଂଗ୍ରାମୀ ବୀର ସାବରକରଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ସଂଘର୍ସ, ତ୍ୟାଗ ଓ ରାଷ୍ଟ୍ରପ୍ରେମର ଗାଥା ସଂପର୍କରେ କହିଥିଲେ । ଆଗାମୀ ଜୁନ ୪ ତାରିଖରେ ବିଶିଷ୍ଟ ସେନାନୀ କବିର ଦାସଙ୍କ ଜଳ ସଂରକ୍ଷଣ କବିତା ପଢି ଦେଶବାସୀଙ୍କୁ ପ୍ରେରଣା ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଅଭିନେତା ଓ ରାଜନେତା ଏନ୍‌ଟି ରାମାରାଓଙ୍କ ୧୦୦ତମ ଜନ୍ମ ଜୟନ୍ତୀରେ ତାଙ୍କ ଅଭିନୟକୁ ସ୍ମରଣ କରିଥିଲେ । ଯୁବ ସମ୍ମିଳନୀରେ ଭାଗ ନେଇଥିବା ବିହାର ଓ ମଣିପୁରର ଯୁବକ, ଯୁବତୀଙ୍କ ସହିତ ଆଲୋଚନା କରି ତାଙ୍କ ଉତ୍ସାହକୁ ବଢାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ରାଷ୍ଟ୍ରିୟ ସଦସ୍ୟ ସମୀର ପାତ୍ର, ହେମନ୍ତ ଦାସ, ନଗେନ୍ଦ୍ର ପାତ୍ର, ନନ୍ଦନ ଦତ୍ତ, ସୁମତୀ ରଣା, ଅଂଜନ ଦାସ, ରାଜୀବ ଘୋଷ, ସମୀର ଘୋଷ, ପ୍ରାଣକୃଷ୍ଣ ଦେ, ଜଗନ୍ନାଥ ଗୋଚ୍ଛାୟତ, ରାଜେଶ କୁମାରଙ୍କ ସହିତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ବାଲିଆପାଳ- ଡଗରା ରାସ୍ତା ପ୍ରଶସ୍ତିକରଣ ପାଇଁ ଆସିଥିବା ଟଙ୍କା ଫେରିଗଲା : ତୀବ୍ର ଅସନ୍ତୋଷ

ଲଙ୍ଗଳେଶ୍ୱର ୨୯/୫( ନି ପ୍ର) ବାଲିଆପାଳ ବ୍ଲକ ଛକରୁ ପର୍ଯ୍ୟଟନ କ୍ଷେତ୍ର ଡଗରା ବେଳାଭୂମି ପର୍ଯ୍ୟନ୍ତ ଲମ୍ବିଥିବା ୧୪ କି ମି ରାସ୍ତାର ପ୍ରଶସ୍ତି କରଣ ପାଇଁ ପୂର୍ତ୍ତ ,ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ୨୦୨୧ ମସିହାରେ ୨୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା ।କିନ୍ତୁ ଏବେ ସେହି ଟଙ୍କା ଫେରି ଯାଇଛି । ପ୍ରସ୍ତାବିତ ବନ୍ଦର କର୍ତ୍ତୃପକ୍ଷ ଏହି ରାସ୍ତା ନିର୍ମାଣ କରିବେ ବୋଲି ଏବେ ଶୁଣା ଯାଉଛି । ଏହା ଜଣା ପଡିବା ପରେ ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚ ଏଥିପାଇଁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ।ଆଗାମୀ ଦିନରେ ଏନେଇ ବ୍ୟାପକ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମଞ୍ଚର ଆବାହକ ସତ୍ୟକମ ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି । ବିଧାୟକ , ସାଂସଦ , ଜନ ପ୍ରତିନିଧିମାନେ ଏଥିରେ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି । ଦୀର୍ଘ କେତେ ବର୍ଷ ଧରି ଏହି ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି । ରାସ୍ତା ଯାକ ଖାଲ ଖମା ସହିତ ପିଚୁ ଉଠି ଯାଇ ଅଗମ୍ୟ ହୋଇଛି । ଜନନୀ ସୁରକ୍ଷା ଗାଡି , ଆମ୍ବୁଲାନ୍ସ ଆଦି ଗାଡି ଯିବା କଷ୍ଟସାଧ ହୋଇଛି ।ପ୍ରତିଦିନ ଏହି ଏହି ମନୋରମ ପର୍ଯ୍ୟଟନ ସ୍ଥଳୀକୁ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ମାନେ ବଣଭୋଜି ସହିତ ଅଗଭୀର ସମୁଦ୍ର ଜଳରାଶିରେ ସନ୍ତରଣର ମଜା ନିଅନ୍ତି ।ଚଉମୁଖରୁ ହଂସକରା ମୁହାଣ ପର୍ଯ୍ୟନ୍ତ ବେଳାଭୂମି ଅତ୍ୟନ୍ତ ମନ ମୁଗ୍ଧକର । ଏସବୁ ସତ୍ତ୍ୱେ ଏହାର ବିକାଶ ପାଇଁ ସରକାରଙ୍କ ଉଦାସୀନତା କଣ ପାଇଁ ମଞ୍ଚର ସଭ୍ୟ ସଭ୍ୟା ମାନେ ପ୍ରଶ୍ନ ଉଠାଇଛନ୍ତି ?

# ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ




ଉଦଳା, ୨୯/୦୫ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ତରଫରୁ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଂଚର ଆୟୋଜନରେ ଖୁଂଟା ବ୍ଲକ ଅନ୍ତର୍ଗତ ଆଠପଡ଼ା ଓ କପ୍ତିପଦା ବ୍ଲକର କୋଳିଅଳମ ଠାରେ ଚଳିତ ମଇ ୨୮ ତାରିଖ ରବିବାର ଦିନ 'ବିଶ୍ୱଋତୁସ୍ରାବ ସ୍ୱଚ୍ଛତା ଦିବସ' ପାଳିତ ହୋଇଯାଇଛି । ଏହି ଅବସରରେ ମଂଚର ଟିମ ଲିଡ଼ର ଗଦାଧର ଦାଶଙ୍କ ଅଧକ୍ଷତାରେ 'ଋତୁସ୍ରାବ ସମୟରେ ସାଧାରଣ ପରିଛନ୍ନତା' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ସ୍ୱେଚ୍ଛାସେବୀ ହରପ୍ରୀୟା ଦାସ, ଆରତୀ ଖଣ୍ଡାପାତ୍ର, ଭାରତୀ ଖଣ୍ଡାପାତ୍ର, ରେବତୀ ଶିଅଳ (ଆଶା ଦିଦି), ନିତ୍ୟାନନ୍ଦ ଥାନପତି, କାପାଲ ମାର୍ଣ୍ଡି, ମଲିକାପୁର ମୁର୍ମୁ(ସରପଂଚ) ପ୍ରମୁଖ ଅଂଶଗ୍ରହଣ କରି ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କିଶୋରୀ ମାନଙ୍କ ପାଇଁ ସରକାରୀ ବିଦ୍ୟାଳୟରେ ସାନିଟାରି ପ୍ୟାଡ଼ (ଖୁସି) ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି । ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଆଶାଦିଦିଙ୍କ ସହିତ ଯୋଗାଯୋଗ କରନ୍ତୁ ବୋଲି ବ୍ୟକ୍ତ କରିଥିଲେ । ଶେଷରେ କୋଳିଅଳମ ପଂଚାୟତରେ ଆଜକୁ ଗୋଟିଏ ବର୍ଷ ହେବ ଏ.ଏନ୍.ଏମ୍. ଦିଦି ନାହାଁନ୍ତି, ଫଳରେ ସାନିଟ୍ୟାରି ପ୍ୟାଡ଼ (ଖୁସି) ପାଇବା ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ସେହିପରି ଗର୍ଭବତୀ ମହିଳା ମାନେ ମଧ ଏ.ଏନ୍.ଏମ୍. ସେଂଟରରୁ ଯେଉଁ ସେବା ପାଇବା କଥା ତାହା ମଧ ପାଇପାରୁ ନାହାଁନ୍ତି, ଫଳରେ ଗର୍ଭବତୀ ମାନେ ବାଧ ହୋଇ ଅନ୍ୟ ଏକ ଗ୍ରାମପଂଚାୟତ ଉପରେ ନିର୍ଭର କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ଉକ୍ତ ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସ୍ୱେଚ୍ଛାସେବୀ ଅବନ୍ତୀ ବେହେରା ଦାବୀ ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ରାଜ୍ୟ କ୍ୟାବିନେଟ....

ଠାରୁ ପ୍ରାକ ଋଣ ପରିଶୋଧ ବାବଦ କୌଣସି ଜୋରିମାନା ଅର୍ଥ ଆଦାୟ କରିପାରିବ ନାହିଁ । ସେହିପରି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଏଥିପାଇଁ ୩୩୦.୧୭ କୋଟିର ବ୍ୟୟବରାଦ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଶ୍ରୀ ଶଙ୍କର କର୍କଟ ଗବେଷଣା ପ୍ରତିଷ୍ଠାନକୁ ପଞ୍ଜୀକରଣ ଫି' ଛାଡ଼ କରାଯାଇଛି । ଭିସୁଟ ରୂପାନ୍ତରଣ ପାଇଁ ୨ ହଜାର କୋଟି ବ୍ୟୟରେ ଆଇଡିପିକୁ ମଞ୍ଜୁରୀ ମିଳିଛି । ଭୁବନେଶ୍ୱରରେ ଥିବା ବିଭିନ୍ନ ପ୍ରାଚୀନ ସ୍ମାରକୀର ପୁନରୁଦ୍ଧାର ଲାଗି ୧୫୬ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସେହିପରି କୋଣାର୍କ ମନ୍ଦିର ପରିସର ଓ ଚତୁଃପାର୍ଶ୍ୱକୁ ବିକଶିତ ଓ ଆକର୍ଷିତ କରିବା ଲାଗି ଏକ ସ୍ୱତନ୍ତ୍ର ପ୍ରକଳ୍ପ କରାଯିବା ପ୍ରସ୍ତାବକୁରାଜ୍ୟ କ୍ୟାବିନେଟର ଅନୁମୋଦନ ମିଳିଛି । ଏହା ବାବଦରେ ୨୦୯ କୋଟି ୭୩ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହେବ । ଏହା ବ୍ୟତୀତ ୩୫୦ରୁ ଅଧିକ ପିଲା ପଢୁଥିବା ଜୁନିଅର କଲେଜରେ ଲାଇବ୍ରେରୀ ଆଟେଣ୍ଡାଂଟ ପଦବୀକୁ ମଞ୍ଜୁରୀ ମିଳିଛି । ଗଜପତିର ୨ଟି ପାନୀୟ ଜଳପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ଏହା ବାବଦରେ ୩୭୯.୧୭ କୋଟି ଟଙ୍କା ଖର୍ଚ୍ଚ ହେବ । ଅନ୍ୟପକ୍ଷରେ ଏଣିକି ବିଭାଜିତ ଏବଂ ବିକ୍ରି ହୋଇପାରିବ ଚକବନ୍ଦୀ ଜମି । ଏହା ସହ ଜମିପଟ୍ଟା ମଧ୍ୟ ସଂଶୋଧନ କରିପାରିବେ ଜମି ମାଲିକ । ଆଜି ଏ ସମ୍ପର୍କିତ ଚକବନ୍ଦୀ ଆଇନରେ ଥିବା ଧାରା ୩୪ ଏବଂ ୩୫ ନିଷେଧ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି ।

## କେନ୍ଦ୍ରର ଦିଲ୍ଲୀ...

ଏବେ ହାଇକମାଣ୍ଡ ଏହା ଉପରେ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି । କିଛି ଦିନ ତଳେ ଖଡେଗ ଓ ରାହୁଲ ଗାନ୍ଧିଙ୍କୁ ଅଧାଦେଶ ପ୍ରସଙ୍ଗରେ ଭେଟିବା ପାଇଁ କେଜ୍ରିୱାଲ ସମୟ ମାଗିଥିଲେ । ଏହାପରେ ହିଁ ପଞ୍ଜାବ ଓ ଦିଲ୍ଲୀର କଂଗ୍ରେସ ନେତାଙ୍କ ସହ ହାଇକମାଣ୍ଡ ଆଜି ବୈଠକ କରିଛନ୍ତି । ଆଜି ଖଡଗେ ଓ ରାହୁଲ ଗାନ୍ଧି କେବଳ ପଞ୍ଜାବ ଏବଂ ଦିଲ୍ଲୀର କଂଗ୍ରେସ ନେତାଙ୍କୁ ଭେଟିଛନ୍ତି । ଖୁବଶୀଘ୍ର ଅନ୍ୟ କିଛି ରାଜ୍ୟର ନେତାଙ୍କୁ ମଧ ସେମାନେ ଭେଟିବେ । ଏହାପରେ ଦଳ ଆପ୍‌କୁ ସମର୍ଥନ କରିବ କି ନାହିଁ, ସେନେଇ ବିଧିବଦ୍ଧ ଭାବେ ଘୋଷଣା କରିବ । ବୈଠକ ପରେ ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦ ସିଂହ ରାଜା ୱାର୍ଣ୍ଣିଂ କହିଛନ୍ତି ଯେ "ଅଧାଦେଶ ଓ ଆପ୍‌କୁ ସମର୍ଥନ ସମ୍ପର୍କରେ ଆମେ ଆମର ମତାମତ ହାଇକମାଣ୍ଡଙ୍କ ପାଖରେ ଉପସ୍ଥାପନ କରିଛୁ । ସମସ୍ତ ନେତା ହାଇକମାଣ୍ଡଙ୍କୁ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କହିଛୁ । କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡେଗ ସବୁ କିଛି ଘୋଷଣା କରିବେ ।" ସୁପ୍ରିମକୋର୍ଟ ଦିଲ୍ଲୀର ନିର୍ବାଚିତ ସରକାରଙ୍କୁ ପ୍ରଶାସନିକ ଅଧିକାରୀଙ୍କ ପୋଷ୍ଟିଂ ଓ ବଦଳି ଅଧିକାର ଦେଇଥିଲେ । ହେଲେ ଏହାକୁ ଅକାମୀ କରିବା ପାଇଁ ହଠାତ୍ କେନ୍ଦ୍ର ସରକାର ଗୋଟିଏ ଅଧାଦେଶ ଜାରି କରିଛନ୍ତି ।

## ପୃଥକ୍ ପୃଥକ୍ ......

୧୦-୧୨ ବର୍ଷ ହେଲା ରାସ୍ତା ଓ ଡ୍ରେନ୍ ମରାମତି ନାଁରେ କଚ୍ଛପ ଗତିରେ କାମ ଚଳାଇଛି ଜାଇକା । କାମରେ ବିଳମ୍ବ ଯୋଗୁଁ ଅନେକ ସ୍ଥାନରେ ଦୁର୍ଘଟଣା ବି ଘଟୁଛି । ସେହିପରି କର୍ଣ୍ଣାଟକାର ତିରୁମାକୁଡାଲୁ ନାସିପୁରା ସହରର ନିକଟରେ ଆଜି ଭୟଙ୍କର ଦୁର୍ଘଟଣା ଘଟିଛି । ଗୋଟିଏ ଇନୋଭା କାର ଓ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏଥିରେ ୨ ଜଣ ଛୋଟ ପିଲାଙ୍କ ସହ ୧୦ ଜଣଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ଇନୋଭାଟି ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି । ରିପୋର୍ଟ ଅନୁସାରେ, କୋଲେଗାଲା- ଟି ନାରାସିପୁରା ମୁଖ୍ୟ ରାସ୍ତାରେ ଥିବା କୁରୁବୁରୁ ଗାଁ ପାଖରେ ଏହି ଦୁର୍ଘଟଣା ଘଟିଛି । ଇନୋଭାରେ ମୋଟ ୧୧ ଜଣ ଲୋକ ଥିଲେ । ଜଣଙ୍କୁ ଛାଡ଼ି ଆଉ ସମସ୍ତେ ପ୍ରାଣ ହରାଇଛନ୍ତି । ଆହତ ବ୍ୟକ୍ତିଙ୍କୁ ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାରେ କାରଟି ସଂପୂର୍ଣ୍ଣ ଚୂରମାର ହୋଇଯାଇଥିବା ସାମ୍ନାକୁ ଆସିଥିବା ଫଟୋରୁ ଦେଖିବାକୁ ମିଳିଛି । କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଦରମୈୟା ଘଟଣାରେ ଶୋକ ପ୍ରକାଶ କରିଛନ୍ତି । ଏଥିସହ ମୃତଙ୍କ ପରିବାର ଲୋକଙ୍କ ପାଇଁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ଏଥିସହ ଆହତଙ୍କୁ ସମସ୍ତ ପ୍ରକାରର ଚିକିତ୍ସା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଆସାମର ଗୌହାଟୀରେ ଅତ୍ୟନ୍ତ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଗୋଟିଏ ଦ୍ରୁତଗାମୀ ସ୍କର୍ପିଓ ଏସ୍‌ୟୁଭି ଡିଭାଇଡର ଡେଇଁ ବିପରୀତ ଦିଗରୁ ଆସୁଥିବା ପିକ୍ ଅପ୍ ଭ୍ୟାନ୍‌କୁ ଧକ୍କା ଦେଇଛି । ଦୁର୍ଘଟଣାରେ ଦୁଇଟି ଯାକ ଗାଡ଼ି ଚୂରମାର ହୋଇଯାଇଥିବା ବେଳେ ୭ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି । ସେହିପରି ଆଉ ୬ ଜଣ ଏବେ ଜୀବନ ମୃତ୍ୟୁ ସହ ହସ୍ପିଟାଲରେ ସଂଘର୍ଷ କରୁଛନ୍ତି । ପୁଲିସ୍ କହିଛି ଯେ ସହରର ଜାଲୁକବାରି ଫ୍ଲାଏଓଭର ନିକଟରେ ଏହି ଦୁର୍ଘଟଣା ଘଟିଛି । ଦ୍ରୁତଗାମୀ ଏସ୍‌ୟୁଭିଟି ଡିଭାଇଡର ଡେଇଁଥିଲା ଓ ବିପରୀତ ଦିଗରୁ ଆସୁଥିବା ପିକଅପ ଭ୍ୟାନକୁ ଧକ୍କା ଦେଇଥିଲା । ସ୍କର୍ପିଓ ଏସ୍‌ୟୁଭିରେ ୧୦ ଜଣ ଶିକ୍ଷାର୍ଥୀ ଥିଲେ । ଏମାନେ ସମସ୍ତେ ଆସାମ ଇଞ୍ଜିନିୟରିଂ କଲେଜର ଶିକ୍ଷାର୍ଥୀ ଓ ହଷ୍ଟେଲରେ ରହୁଥିଲେ । ୧୦ ଜଣ ଯାକ ଶିକ୍ଷାର୍ଥୀ ଆଜି ସକାଳୁ ସ୍କର୍ପିଓରେ ଯାଉଥିଲେ । ତେବେ ଗାଡ଼ିର ବେଗ ଅଧିକ ଥିବାରୁ ଏହା ଭାରସାମ୍ୟ ହରାଇ ପ୍ରଥମେ ଡିଭାଇଡର ଅତିକ୍ରମ କରିଥିଲା । ଏହାପରେ ବିପରୀତ ଦିଗରୁ ଆସିଥିବା ଗୋଟିଏ ବୋଲେରୋ ପିକ ଅପ୍ ଟ୍ରକ୍‌କୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇଟି ଯାକ ଗାଡ଼ିର ପୂରା ଚୂରମାର ହୋଇ ଯାଇଛି । ଘଟଣା ସ୍ଥଳରେ ସ୍କର୍ପିଓରେ ଥିବା ୧୦ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ଘଟିଥିଲା । ବାକି ୩ ଶିକ୍ଷାର୍ଥୀ ଓ ପିକ ଅପ୍ ଟ୍ରକ୍‌ରେ ଥିବା ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଗୌହାଟୀ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୁଲିସ୍ କହିଛି । ଏହି ଘଟଣାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଘଟଣାରେ ଶୋକ ପ୍ରକାଶ କରିଛନ୍ତି । ଏଥିସହ ଆହତଙ୍କୁ ସବୁ ପ୍ରକାରର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ବିଶ୍ୱଶର୍ମା ଦୁର୍ଘଟଣା ସ୍ଥଳକୁ ମଧ ଯାଇ ସ୍ଥିତି ପରଖିଛନ୍ତି ।

## ଅଲୋଡ଼ା କନ୍ୟା.....

ଚିତ୍କାର ଶୁଣି ମା ଘଟଣାସ୍ଥଳରେ ପହଂଚି ଝିଅ କାହିଁକି କାନ୍ଦୁଛି ବୋଲି ପ୍ରଶ୍ନ କରିଥିଲେ ଏବଂ ଶିଶୁ କନ୍ୟା ରକ୍ତାକ୍ତ ହାତକୁ ଦେଖି ଚିତ୍କାର କରିବାରୁ ଘରଲୋକ ରୁଣ୍ଡହୋଇ ଯାଇଥିଲେ । ଝିଅ ରକ୍ତାକ୍ତ ହେବାର କାରଣ ପଚାରିବାରୁ ଚନ୍ଦନ କୌଣସି ପ୍ରତିକ୍ରିୟା ପ୍ରକାଶ କରିନଥିଲେ । ଝିଅର ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଡାକ୍ତରଖାନାକୁ ନିଆଯାଇଥିଲା । ଝିଅକୁ ବିଷ ଦିଆଯାଇଥିବା ଡାକ୍ତର କହିବା ପରେ ପରିବାର ଲୋକ ଚନ୍ଦନକୁ ବାରମ୍ବାର ପଚରାଉଚରା କରିବାପରେ ଚନ୍ଦନ ବିଷଇଞ୍ଜେକ୍ସନ ଦେଇଥିବା ମାନିଥିଲେ । ଶିଶୁକନ୍ୟା ଆଇ ସି ୟୁ ଭର୍ତ୍ତି କରାଯାଇଥିବା ବେଳେ ଜୀବନ ମୃତ୍ୟୁ ସହ ସଂଘର୍ଷ କରୁଛି । ଅଭିଯୁକ୍ତ ପିତା ଚନ୍ଦନକୁ ନୀଳଗିରି ପୋଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି । ତେବେ ପ୍ରଶ୍ନ ଉଠେ ଚନ୍ଦନ ବିଷ ଇଞ୍ଜେକ୍ସନ ପାଇଲେ କଉଠୁ । ପ୍ରଶାସନ ଘଟଣାକୁ ଗୁରୁତର ସହ ନେଇ ଅଧିକ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଛି ।

# ସ୍ୱର୍ଗତଃ ସଂଯୁକ୍ତା ସାମଲଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



ଲଙ୍ଗଳେଶ୍ୱର, ୨୯/୦୫ (ନି.ପ୍ର): ବାଲିଆପାଳ ବ୍ଲକ୍ କୁଣ୍ଡଳୀ ପଞ୍ଚାୟତ ଶଙ୍ଖୁଆ ଗ୍ରାମର ସ୍ୱର୍ଗତଃ ଅକ୍ଷୟ ସାମଲଙ୍କ ଧର୍ମପତ୍ନୀ ତଥା ବିଜୁ କୃଷକ ଜନତା ଦଳର ଜିଲ୍ଲା ସଭାପତି ଅଜୟ କୁମାର ସାମଲଙ୍କ ଭାଉଜ ସ୍ୱର୍ଗତଃ ସଂଯୁକ୍ତା ସାମଲଙ୍କ ଏକାଦଶାହରେ ବହୁ ବ୍ୟକ୍ତି ତାଙ୍କ ଶଙ୍ଖୁଆ ସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଭୂମିକନ୍ୟା ସୁବାସିନୀ ଜେନା,ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ,ଶକ୍ତିପଦ ରାୟ,ପୂର୍ବତନ ମ୍ୟୁନିସିପାଲଟିର ଅଧକ୍ଷ ଆଲୋକ ସାହୁ,ସଦର ବ୍ଲକ ଅଧକ୍ଷା ସୁନିତା ବେହେରା,ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ ଜେନା,ବାଲିଆପାଳ ବିଡିଓ ବିନୋଦ କୁମାର ପଣ୍ଡା,କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ପ୍ରମାଣିକ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ଜିଲ୍ଲା ହରିଜନ ସେଲ ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ,ଯାଦବେଶ ମିଶ୍ର,ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ତଥା ଯୁବନେତା ଅଞ୍ଜନ ଦଣ୍ଡପାଟ,ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ତଥା ଯୁବନେତା ହାଡିବନ୍ଧୁ ରାଉତ,ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା,ନିଶାକର ସେଠୀ , ପୂର୍ବତନ ଅଧକ୍ଷ ଅଶ୍ୱିନୀ ଜେନା,ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ,ରଞ୍ଜିତା ଟୁଙ୍ଗ,ଶାନ୍ତନୁ ଭଦ୍ର,ଅମରେଶ ମିଶ୍ର,କିରଣ ସି,ଗିରିଜା ଜେନା,କାର୍ତ୍ତିକ ଦାସ,ପୂର୍ବତନ ସମିତି ସଦସ୍ୟ ଲକ୍ଷ୍ମୀଧର ସାମନ୍ତ, ସମିତି ସଦସ୍ୟ ପ୍ରକାଶ ବେହେରା,କଟି ମାରାଣ୍ଡି,ବଣିଆ ସେବା ସମବାୟ ସମିତି ସଭାପତିଙ୍କ ପ୍ରତିନିଧି ବନମାଳି ଜେନା,କୁଣ୍ଡଳି ସରପଞ୍ଚ ଜୟନ୍ତ ଦାସ,ବୋଳଂ ସରପଞ୍ଚଙ୍କ ପ୍ରତିନିଧି କାର୍ତ୍ତିକ ମଲ୍ଲିକ, ବୋଳଂ ସଦସ୍ୟାଙ୍କ ତପନ ରାଉତ,ସାଉଡି ସଦସ୍ୟ କମଳଲୋଚନ ମଲ୍ଲିକ,ବ୍ଲକ ଯୁବ ସଭାପତି ସଂଗ୍ରାମ ପରିଡା,ଛାତ୍ର ବିଜେଡି ସଭାପତି ସୁଶାନ୍ତ ବେହେରା,ନାରୀନେତ୍ରୀ ସୁଲତା ନାୟକ,ବିକାଶ ଜେନା, ସରୋଜ ଦାସ, ପ୍ରଦୀପ ଜେନା, ଗୋପନାରାୟଣ ଜେନା, ସାଉଡି ସଭାପତି ବିରେନ୍ ମଣ୍ଡଳ,ମୃତ୍ୟୁଞ୍ଜୟ ବେହେରା, ଦିଲ୍ଲୀପ ପଣ୍ଡା, ପୂର୍ବତନ ସମିତି ସଦସ୍ୟ ଦୁର୍ଜୟ ମାହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ସଂଯୁକ୍ତା ସାମଲଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ସାମଲ ପରିବାର ବର୍ଗ ଓ ବନ୍ଧୁବାନ୍ଧବ ତଥା ଆତ୍ମୀୟସ୍ୱଜନ ଉପସ୍ଥିତ ରହି ସ୍ୱର୍ଗତଃ ସାମଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ମାହେଶ୍ୱରୀ ସମାଜ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର, ୨୯/୦୫ (ନି.ପ୍ର): ମାହେଶ ନବମୀ ଉପଲକ୍ଷେ ସହର ଉପକଣ୍ଠ ନୂଆସାହି ସ୍ଥିତ ମାହେଶ୍ୱରୀ ଭବନରେ ବାଲେଶ୍ୱର ଜିଲା ମାହେଶ୍ୱରୀ ସମାଜ, ମାହେଶ୍ୱରୀ ମହିଳା ସଙ୍ଗଠନ ଏବଂ ମାହେଶ୍ୱରୀ ଯୁବ ସଂଗଠନର ମିଳିତ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ମାହେଶ୍ୱରୀ ମହାସଭା ପୂର୍ବାଞ୍ଚଳ ଉପାଧ୍ୟକ୍ଷ କୈଳାସ କାବ୍ରା, ଅଖିଳ ଭାରତୀୟ ମାହେଶ୍ୱରୀ ମହାସଭା ପୂର୍ବାଞ୍ଚଳ ସହ ସମ୍ପାଦକ ଚିତ୍ରମଲ ଧୂତ ଓ ଉତ୍କଳ ପ୍ରାଦେଶିକ ମାହେଶ୍ୱରୀ ସମାଜର ସଭାପତି ସୁଶୀଲ ରାଠୀ ମିଳିତ ଭାବେ ଏହି ଶିବିରକୁ ଉଦଘାଟନ କରିଥିଲେ। ଜିଲା ରକ୍ତଭଣ୍ଡାର ମୁଖ୍ୟ ଡାକ୍ତର ମହେଶ କୁମାର ବିଶ୍ୱାଳ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଏଭଳି ମହତ କାର୍ଯ୍ୟ ପାଇଁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଡାକ୍ତର ବିଶ୍ୱାଳ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଟେକ୍ନିସିଆନ ବସନ୍ତ କୁମାର ଜେନା, ପ୍ରଭାତ କୁମାର ବାରିକ, ମୋନାଲିସା ମହାନ୍ତି ରକ୍ତ ସଂଗ୍ରହ କରିଥିଲେ। ଶିବିର ଶେଷ ସୁଦ୍ଧା ୮୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାଲେଶ୍ୱର ଜିଲ୍ଲା ମାହେଶ୍ୱରୀ ସମାଜର ଅଧ୍ୟକ୍ଷ ତେରାରନ୍ ଭୁତୁରା, ସମ୍ପାଦକ ପଙ୍କଜ ପେରିୱାଲ, ଉପାଧ୍ୟକ୍ଷ ନବୀନ ଚଣ୍ଡକ, ପୂର୍ବତନ ଅଧ୍ୟକ୍ଷ ବିଷ୍ଣୁ ମାରୁ, ମନୋହର ପେରିୱାଲ, ନରେଶ ଲୋଧା, ସୁନୀଲ ଚଣ୍ଡକ, ଶ୍ୟାମସୁନ୍ଦର ଝରି, ଜିଲା ମାହେଶ୍ୱରୀ ମହିଳା ସଙ୍ଗଠନର ଅଧ୍ୟକ୍ଷା ବୀଣା ଭୁତ୍ରା, ସମ୍ପାଦିକା ଶ୍ୱେତା ସୁମାନୀ, ପୂର୍ବତନ ଅଧ୍ୟକ୍ଷା ସୀମା ମୁନ୍ଦ୍ରା, ସୌଭାଗ୍ୟ ଭୁତ୍ରାଙ୍କ ସମେତ ୩ ସଂଗଠନର ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା ଏହି ଶିବିରକୁ ପରିଚାଳନା କରିଥିଲେ।

# ସୁଧାସିନ୍ଧୁଙ୍କ ଜନ୍ମଦିନରେ ଅଞ୍ଜଳିଙ୍କ 'ନୀରବତାର ସ୍ୱର' ପାଠକାର୍ପିତ



ବାଲେଶ୍ୱର, ୨୯/୦୫ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ବର୍ଦ୍ଧିତ ପ୍ରତିଭା ଅଞ୍ଜଳି ପଣ୍ଡାଙ୍କର 'ନୀରବତାର ସ୍ୱର' ଶୀର୍ଷକ ଗଳ୍ପଗ୍ରନ୍ଥ ଲକି ଇଣ୍ଟରନେସନାଲ ସଭାକକ୍ଷରେ ଶନିବାର ସନ୍ଧ୍ୟାରେ ପାଠକାର୍ପିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପରିଷଦ କେବଳ ସାହିତ୍ୟ ବିଷୟକ ଚର୍ଚ୍ଚା ନକରି ସାହିତ୍ୟିକମାନଙ୍କର ସୁଖ ଦୁଃଖର ସାଥି ହେବାକୁ ଆଗ୍ରହ ପ୍ରକାଶ କରିଥାଏ ବୋଲି କହିଥିଲେ। ଏହିଦିନ ଅଞ୍ଜଳି ପଣ୍ଡାଙ୍କର ସ୍ୱାମୀ ସୁଧାସିନ୍ଧୁ ପଣ୍ଡାଙ୍କର ଜନ୍ମଦିନ ହୋଇଥିବା ଯୋଗୁଁ ବହୁ ସାହିତ୍ୟିକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଡ.ହରିଶ୍ଚନ୍ଦ୍ର ବେହେରା ପ୍ରକାଶକୀୟ ବକ୍ତବ୍ୟରେ ଗ୍ରନ୍ଥସ୍ଥ ୧୫ଗୋଟି ଗଳ୍ପର ବିସ୍ତୃତ ତର୍ଜମା କରିଥିବା ବେଳେ ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ ଗଳ୍ପଗୁଡ଼ିକୁ ତୁଳନାତ୍ମକ ଦୃଷ୍ଟିକୋଣରୁ ଆଲୋଚନା କରି ତାହାର ଉତ୍କର୍ଷତା ପ୍ରତିପାଦନ କରିଥିଲେ। ମୁଖ୍ୟ ବକ୍ତା ଗାଳ୍ପିକ ରଜନୀକାନ୍ତ ମହାନ୍ତି ୧୯୮୦ ପରବର୍ତ୍ତୀ କାଳକୁ ସାହିତ୍ୟ ଲେଖକ ସୃଷ୍ଟି କରିବାର ସମୟ ବୋଲି ଅଭିହିତ କରି ଅଞ୍ଜଳିଙ୍କ ଆଖିଦେଖା ଦୃଶ୍ୟମାନ ଗଳ୍ପର ବିଷୟବସ୍ତୁ ପାଲଟିଯାଇପାରିଛି ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଗାଳ୍ପିକ ରବି ପଣ୍ଡା ନାରୀମାନଙ୍କର ଜୀବନଯନ୍ତ୍ରଣା ଗଳ୍ପଗୁଡ଼ିକୁ ଋଦ୍ଧିମନ୍ତ କରିଛି ବୋଲି ମତ ରଖିଥିଲେ। ଶିଳ୍ପପତି ସୁଧାସିନ୍ଧୁ ପଣ୍ଡା ମଧ୍ୟ ତାଙ୍କ ପତ୍ନୀଙ୍କ ରଚନା ପାଇଁ ସେ ପ୍ରେରଣା ଯୋଗାଇବାକୁ ଅବହେଳା କରିବେନାହିଁ ବୋଲି ପ୍ରକାଶ କରିଥିଲେ। ରାଜେଶ ଗିରି ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ପରିଷଦର ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାକ୍‌କଥା ରଖିଥିଲେ ଓ ଯୁଗ୍ମ ସମ୍ପାଦିକା ଶ୍ରୀମତୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ କଲ୍ୟାଣୀ ନନ୍ଦ, ବାସନ୍ତୀ ଦେ, ସୁବ୍ରତା ମହାନ୍ତି, ଶାନ୍ତି ବିଶି, ସ୍ନିଗ୍ଧା ସାମନ୍ତରାୟ, ଡୋନା ଗୋଲ୍ଡ, ତୃପ୍ତିରାଣୀ ପାତ୍ର ଏବଂ ପୁଷ୍ପା ଚକ୍ରବର୍ତ୍ତୀ ସମୂହ ସଙ୍ଗୀତଭାବରେ ଜଗନ୍ନାଥ ଭଜନ ପରି ବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ ରାୟ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଡ.ଚୌଧୁରୀ ସତ୍ୟବ୍ରତ ନନ୍ଦ, ମମତା ମହାପାତ୍ର, ଶ୍ରୁତିଶ୍ରୀ ମହାପାତ୍ର,ଈଶିତା ପତି, ଅରୁଣା ରାୟ, ରାଜେନ୍ଦ୍ରନାଥ ରାଉତ, ଯୋଗେଶଚନ୍ଦ୍ର ପ୍ରଧାନ, ଜ୍ୟୋତ୍ସ୍ନା ରାୟ, ନିରଞ୍ଜନ ରାଉତ, ଶରତ କୁମାର ମହାପାତ୍ର, କମଳାକାନ୍ତ ଦାଶ, ଦୀନବନ୍ଧୁ ଲେଙ୍କା, ରମେଶଚନ୍ଦ୍ର ଜେନା, ରଜନୀକାନ୍ତ ବେହେରା, ପଦ୍ମଲୋଚନ ଦତ୍ତ, କରୁଣାକର ସ, ଲକ୍ଷ୍ମୀକାନ୍ତ ବେହେରା, ଶାନ୍ତିଲତା ପଣ୍ଡା, ଅବନ୍ତୀ ପ୍ରଧାନ, ମଧୁସୂଦନ ମାଝୀ, ସଂଗୀତା ବାରିକ, ଦେବାଶିଷ ସିଂହ, ଆଦି ଶତାଧିକ ସାହିତ୍ୟପ୍ରେମୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଗ୍ରାଜୁଏଟ ଠିକା ମହିଳା ପରିଦର୍ଶିକା ସଂଘର ଆନ୍ଦୋଳନ ଜୁନ ୭ରୁ

ଭୁବନେଶ୍ୱର, ୨୯/୦୫ (ନି.ପ୍ର): ସ୍ଥାୟୀ ନିଯୁକ୍ତି ଦାବିରେ ଅଲ୍ ଓଡ଼ିଶା ଗ୍ରାଜୁଏଟ ଠିକା ମହିଳା ପରିଦର୍ଶିକା ସଂଘ ଆସନ୍ତା ୭ ଜୁନ୍‌ର ଆନ୍ଦୋଳନକୁ ଓହ୍ଲାଇବ । ସୋମବାର ଦିନ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଘର ଆବାହକ ବିଜୟଲକ୍ଷ୍ମୀ ଗୌଡ ଓ ସାଧାରଣ ସମ୍ପାଦିକା ଅଞ୍ଜନା ବାରିକ ଏହି ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ସରକାରଙ୍କ ସମସ୍ତ କାର୍ଯ୍ୟଭାର ଠିକା ପରିଦର୍ଶିକାମାନେ ଦୀର୍ଘ ୧୫ ବର୍ଷ ଧରି ସୁଚାରୁ ରୂପେ ସମ୍ପାଦନ କରି ଆସୁଛନ୍ତି। ସରକାର ସମସ୍ତ ବିଭାଗର ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କରିଥିବା ବେଳେ ମହିଳା ଠିକା ପରିଦର୍ଶିକାମାନେ ସ୍ଥାୟୀ ନିଯୁକ୍ତିରୁ ବଂଚିତ ହୋଇଛନ୍ତି। ଯଦି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଜୁନ୍ ମାସ ୬ ତାରିଖ ସୁଦ୍ଧା ମହିଳା ପରିଦର୍ଶିକାମାନଙ୍କୁ ସ୍ଥାୟୀ କରିବା ପାଇଁ ଘୋଷଣା ନ କରନ୍ତି, ତେବେ ବାଧ ହୋଇ ଠିକା ମହିଳା ପରିଦର୍ଶିକାମାନେ ନ୍ୟାର୍ଯ୍ୟ ଦାବି ନେଇ ଜୁନ୍ ୭ ତାରିଖରୁ ମହାତ୍ମା ଗାନ୍ଧୀ ମାର୍ଗରେ ଗଣଧାରଣା ଦେବେ ବୋଲି ଶ୍ରୀମତୀ ଗୌଡ଼ ସୂଚନା ଦେଇଛନ୍ତି।

# ବନ୍ତ ବ୍ଲକ୍‌ରେ ମିଳିତ ଜନଶୁଣାଣି ଶିବିର



ଭଦ୍ରକ , ୨୯/୦୫ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନାଭିଯୋଗ ଶୁଣାଣି ଶିବିର ଆଜି ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୬୨ ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରେ ୫୮ ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲାବେଳେ ୪ ଟି ସାମୂହିକ ସମସ୍ୟା ମୂଳକ ଥିଲା। ଭଦ୍ରକ ଜିଲ୍ଲାପରିଷଦର ସଭାପତି ପ୍ରଫୁଲ୍ଲ କୁମାର ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବନ୍ତ ବ୍ଲକ୍, ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ବି.ଡ଼ି.ଓ. ପି.କେ.ସେଠୀ, ତହସିଲଦାର ଅଙ୍କିତା ବାରିକ ପ୍ରମୁଖ ଏହି ଶିବିରରେ ଯୋଗଦେଇ ଅଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ବନ୍ତ ବ୍ଲକ୍ ଓ ଭଦ୍ରକ ଜିଲ୍ଲା ସ୍ତରୀୟ ବିଭାଗୀୟ ମୁଖ୍ୟମାନେ ମଧ୍ୟ ଏହି ଶିବିରରେ ଉପସ୍ଥିତ ରହି ଆଗତ ଅଭିଯୋଗ ଭିତ୍ତିରେ ସମାଧାନ ପାଇଁ ଜିଲ୍ଲାପାଳଙ୍କ ଠାରେ ଆବଶ୍ୟକ ମତେ ଉତ୍ତର ରଖିଥିଲେ। ଏହି ଶିବିରରେ ସାମାଜିକ ସୁରକ୍ଷା ଯୋଜନାରେ ୨ ଜଣ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ୍ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା କୃଷି ବିଭାଗ ଦ୍ୱାରା ବଳରାମ ଯୋଜନାରେ ୧୪ଟି ମହିଳା ଗୋଷ୍ଠୀଙ୍କୁ ଜଏଣ୍ଟ ଲାଇଭ୍‌ଲିହୁଡ଼ ଗ୍ରୁପ୍ ଆଧାରରେ ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ସୂଚନା ଯୋଗ୍ୟକି ଏଥିରେ କେତୋଟି ଦଳକୁ ୮୦ ହଜାର ଓ ଅନ୍ୟ କେତୋଟି ଦଳକୁ ଏକ ଲକ୍ଷ ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ବନ୍ତବ୍ଲକ୍‌ରେ ୫୪ଟି ଅଙ୍ଗନବାଡ଼ିରେ ପ୍ରି ସ୍କୁଲ ଯୋଜନାରେ ପଢୁଥିବା ପିଲାଙ୍କ ବସିବା ପାଇଁ ଟେବୁଲ ଚୌକି ଓ ପାନୀୟ ଜଳ ପାଇଁ ୱାଟର ଫିଲଟର ମଧ୍ୟ ଆଜି ଏହି ଶିବିରରେ ବଣ୍ଟନ କରାଗଲା। ଏହି ଯୋଜନାରେ ବନ୍ତ ବ୍ଲକ୍ ପାଇଁ ୮୧୩ ଟି ଚୌକି, ୪୩୭ ଟି ଟେବୁଲ ଓ ୫୪ ଟି ଫିଲ୍‌ଟର ଯୋଗାଇ ଦିଆଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରାଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ଜିଲ୍ଲାର ସମସ୍ତ ବ୍ଲକ୍ ପାଇଁ ଏହି ଯୋଜନାରେ ଜେ.ଏମ୍. ପୋର୍ଟାଲ୍ ମାଧ୍ୟମରେ କ୍ରୟ କରାଯାଇ ଅଙ୍ଗନ ବାଡ଼ିକୁ ଯୋଗାଇବା ପାଇଁ ସମୁଦାୟ ୮,୩୨୦ ଟି ଚୌକି, ୪,୪୮୫ଟି ଟେବୁଲ ଓ ୫୮୪ଟି ୱାଟରଫିଲଟର ବ୍ୟବସ୍ଥା କରାଯାଇଛି। ସମସ୍ତ ବ୍ଲକରେ ଥିବା ଆଇ.ସି.ଡ଼ି.ଏସ୍.ଅଫିସରୁ ଏହି ସବୁ ଉପକରଣ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଚୌକି, ଟେବୁଲ ଓ ଫିଲଟର ସଂଖ୍ୟା ଅନୁଯାୟୀ ଯଥାକ୍ରମେ ବାସୁଦେବପୁର କୁ ୧୪୪୧, ୭୫୫ ଓ ୯୬, ଭଦ୍ରକ କୁ ୧୫୩୮, ୮୦୧, ଓ ୧୧୯, ଭଣ୍ଡାରିପୋଖରୀକୁ ୮୨୦, ୪୪୦ ଓ ୪୯ ଚାନ୍ଦବାଲି-୧ କୁ ୭୫୨, ୪୦୬ ଓ ୫୦ ଚାନ୍ଦବାଲି-୨ କୁ ୭୧୧, ୩୮୬ ଓ ୪୭ଟି ଧାମନଗରକୁ ୧୨୦୬, ୬୩୩ ଓ ୯୦ଟି ୬୮ ତିହିଡ଼ିକୁ ୧୦୩୯, ୫୫୦ ଓ ୭୯ ଟି ଯୋଗାଇ ଦିଆଯିବା ପାଇଁ କ୍ରୟ କରାଯାଇଛି।

# 'ଶ୍ରଦ୍ଧା' ମହିଳା ସଂଗଠନର ବୈଠକ




ଲଙ୍ଗଳେଶ୍ୱର , ୨୯/୦୫ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡାପାଳ 'ଶ୍ରଦ୍ଧା' ମହିଳା ସଂଗଠନର ଏକ ବୈଠକ ମହାଦେବ ମନ୍ଦିର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାନେତ୍ରୀ ସଞ୍ଜୁବାଳା ଦାସ ଅଧିକାରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିଷ୍ଠା ଉତ୍ସବ ପାଳନ, ଆୟ ବ୍ୟୟ ଅଟକଳ, ଅତିଥି ଚୟନ,ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସଂପାଦିକା ସନ୍ଧ୍ୟା ରାଣୀ ସାହୁ ପ୍ରାକ ସୂଚନା ପ୍ରଦାନ କରିଥିଲେ। ସଂଗଠନର ଉପ ସଭାନେତ୍ରୀ ଶାନ୍ତିଲତା ଦାସ, ଯୁଗ୍ମ ସମ୍ପାଦିକା ଅନିତା ପରିଡା, କୋଷାଧ୍ୟକ୍ଷ। ଦୀପ୍ତି ରାଣୀ ଜେନା, ରୂପଶ୍ରୀ ମହାନ୍ତି, ଲକ୍ଷ୍ମୀ ପ୍ରିୟା ସାହୁ, ନମିତା, ଆରତୀ ପଣ୍ଡା, ସୁମତି ସାମନ୍ତରାୟ, ସଂଯୁକ୍ତା ପରିଡା , ସଂଯୁକ୍ତା ପଣ୍ଡା, ସସ୍ମିତା ସାମଲ, ମିତା ରାଣୀ ଦାସ, ପ୍ରମିଳା ସାହୁ, ସ୍ନେହଲତା ପାତ୍ର, ଜୟନ୍ତୀ ଦାସ, ମମତା ଦାସ, ମମତା ରଣା, ଶକୁନ୍ତଳା ସାହୁ ପ୍ରମୁଖ ସଭ୍ୟାମାନେ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ମାର୍ଗ ଦର୍ଶକ ଭାବେ ଅଧ୍ୟାପକ ଡ଼ଃ ସୁକାନ୍ତ ଗିରି ,ଗାୟକ ଗୀତିକାର ରାମ କୃଷ୍ଣ ଦାସ ଅଧିକାରୀ ଯୋଗ ଦେଇଥିଲେ। ନମିତା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସାମର ଶୋଣିତପୁର ଜିଲ୍ଲାରେ ୪.୪ ତୀବ୍ରତାର ଭୂକମ୍ପ ଅନୁଭୂତ

ଗୌହାଟୀ, ୨୯/୦୫ (ନି.ପ୍ର): ଆସାମର ଶୋଣିତପୁର ଜିଲ୍ଲାରେ ସୋମବାର ସକାଳ ୮ଟା ୩ ମିନିଟ୍ ୩୫ ସେକେଣ୍ଡରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି । ଭୂକମ୍ପର ଏହି ଝଟକା ରାଜ୍ୟର କେତେକ ଅଂଚଳରେ ଅନୁଭୂତ ହୋଇଛି। ଅଦ୍ୟାବଧି ଧନଜୀବନ ହାନି ନେଇ କୌଣସି ସୂଚନା ମିଳିପାରିନାହିଁ । ରାଷ୍ଟ୍ରୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୪.୪ । ଆସାମର ଶୋଣିତପୁର ଜିଲ୍ଲାରେ ମାଟିତଳେ ୧୦ କି.ମି. ଭିତରକୁ ଏହାର କେନ୍ଦ୍ରସ୍ଥଳ ରହିଥିଲା । ଭୂକମ୍ପର ଏପି ସେଂଟର ୨୬.୬୮ ଉତର ଅକ୍ଷାଶଂ ତଥା ୯୨.୩୫ ପୂର୍ବ ଦେଶାନ୍ତରରେ ଅବସ୍ଥିତ ଥିଲା ।

# ଚିନ୍ମୟ ମିଶନ ତରଫରୁ ଗୀତା ଜ୍ଞାନଯଜ୍ଞ



ବାଲେଶ୍ୱର, ୨୯/୦୫ (ନି.ପ୍ର): ଚିନ୍ମୟ ମିଶନ ତରଫରୁ ଗୀତା ଜ୍ଞାନ ଯଜ୍ଞ ଗତ ତିନି ଚାରିଦିନ ଧରି ଅର୍ଜ୍ଜୁନ ମାହାଙ୍କୁଡ଼ ଓ ମୁକ୍ତା ମାହାଙ୍କୁଡ଼ଙ୍କ ଇଞ୍ଜୁଡ଼ି ସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରବଚନ ଦେଇଥିଲେ ଚିନ୍ମୟ ମିଶନ, ବାଲେଶ୍ୱରର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ। ପ୍ରଭାକର ମାହାଙ୍କୁଡ଼ ଏହାକୁ ପରିଚାଳନା କରିଥିଲେ। ତୋଫାନ ବାରିକ, ଚନ୍ଦନ ନାୟକ ଏବଂ ପୁଷ୍ପଲତା ମାହାଙ୍କୁଡ଼ ଏଥିରେ ସହଯୋଗ କରିଥିଲେ। ଏଥିରେ ଯୋଗ କକ୍ଷ୍ୟା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପିଲାମାନଙ୍କ ପାଇଁ ଦୁଇଦିନ ଧରି ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଜ୍ଞାନଯଜ୍ଞକୁ ସମସ୍ତ ଶ୍ରଦ୍ଧାଳୁ ମନଯୋଗ ସହକାରେ ଶୁଣିଥିଲେ ଏବଂ ଜୀବନରେ ବ୍ୟବହାର କରିବା ପାଇଁ ଶପଥ ନେଇଥିଲେ। ପରିଶେଷରେ ପ୍ରଭାକର ମାହାଙ୍କୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବତନ ପୌରାଧ୍ୟକ୍ଷ କୁନା ଦାସଙ୍କ ଶ୍ରାଦ୍ଧ ବାର୍ଷିକ

ବାଲେଶ୍ୱର, ୨୯/୦୫ (ନି.ପ୍ର): ବାଲେଶ୍ୱରର ଭୂତପୂର୍ବ ପୌରାଧ୍ୟକ୍ଷ ଅନୁପ ଦାସ (କୁନାଦାସ) ଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। କୁନା ଦାସ ସ୍ମୃତିକମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, କାଉନସିଲର ମୀନା ମହାନ୍ତି ଓ ସଂଧ୍ୟାରାଣୀ ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ କୁମାର ରାଉତ, ବିଜେଡି ଯୁବନେତା ଧୀରେନ ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଫକୀର ମୋହନ ଗୋଲେଇ ସ୍ଥିତ ସ୍ୱର୍ଗତ କୁନା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବାଲେଶ୍ୱର ସହର ବିକାଶରେ ତାଙ୍କର ଅବଦାନକୁ ମନେ ପକାଇବା ସହିତ ସମସ୍ତେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସହରର ରିକ୍ସା ଚାଳକଙ୍କୁ ଛତା ଓ ଥଣ୍ଡା ପାନୀୟ ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ରମାରାଣୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ପରିସରରେ ଥିବା କୁନାଦାସଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

## ଗୁଜୁରାଟ ଖେଡ଼ାରେ ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ

ଅହମ୍ମଦାବାଦ, ୨୯/୦୫ (ନି.ପ୍ର): ଗୁଜୁରାଟ ଖେଡ଼ାର ଗୋବଲଜ ଗ୍ରାମ ସୀମାରେ ଏକ ପ୍ଲାଷ୍ଟିକ୍ ଫ୍ୟାକ୍ଟ୍ରିରେ ସୋମବାର ସକାଳେ ନିଆଁ ଲାଗିଥିଲା । ଦମକଳ ବାହିନୀର ୧୫ ଗାଡି ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିବାକୁ ପ୍ରଚେଷ୍ଟା ଚଳାଇଛନ୍ତି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ୫ କି.ମି. ଦୂରରୁ ଧୂଆଁ ଉଠୁଥିବା ଦେଖିବାକୁ ମିଳିଥିଲା । ଦମକଳ ବିଭାଗ ଅଧିକାରୀଙ୍କ ସୂଚନା ମୁତାବକ, ଫୋର୍ମୋସା ସିନ୍ଥେଟିକ୍ସ ପ୍ରାଇଭେଟ ଲିମିଟେଡ଼ ଫ୍ୟାକ୍ଟ୍ରିରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ଯୁଦ୍ଧକାଳୀନ ଭିତିରେ ପ୍ରୟାସ ଜାରୀ ରହିଛି । କାରଖାନାରେ ପେଟ୍ରୋଲିୟମଜାତ ଦ୍ରବ୍ୟ ରହିଥିବାରୁ କିଛି ସମୟ ପାଇଁ ନିଆଁ ଭୀଷଣ ରୂପ ନେଇଥିଲା ।

# ଡାକ୍ତରଖାନା ରାସ୍ତା ପାର୍ଶ୍ୱରୁ ଉଚ୍ଛେଦ ହେବାକୁ ଥିବା ଦୋକାନୀ ସମୂହଙ୍କ ଥଇଥାନ ପାଇଁ ତହସିଲଦାରଙ୍କୁ ନିବେଦନ



ବସ୍ତା, ୨୯/୦୫ (ନି.ପ୍ର): ବସ୍ତା ଡାକ୍ତରଖାନା ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଗୁମୁଟି ପକାଇ ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିବା ପାଖାପାଖି ୩୦ ରୁ ଉର୍ଦ୍ଧ୍ୱ ଦୋକାନୀ ଏବେ ବେସାହାରା ହୋଇ ପଡିଥିବା ବେଳେ ସମସ୍ତେ ମିଳିତ ହୋଇ ବସ୍ତା ତହସିଲଦାର ଙ୍କୁ ନିଜର ଅସହାୟତା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଆଜକୁ ୨୫/୨୬ ବର୍ଷ ତଳେ ରେଳ ବିଭାଗର ଦବଙ୍ଗଗିରି ଯୋଗୁଁ ରେଳବିଭାଗ ଜାଗା ଛାଡି ସଦାନନ୍ଦପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଏବଂ ମେଡିକାଲ ରାସ୍ତା ରେ ହଜାର ହଜାର ଟଙ୍କାର ଅସ୍ଥାୟୀ ଗୁମୁଟି କରି ସେଠାରେ ଏକ ବଜାର ପ୍ରତିଷ୍ଠା କରାଯାଇଥିଲା। ବହୁ ଯୁବକ ସେଠାରେ ଆତ୍ମନିର୍ଭର ଶୀଳ ହୋଇପାରିଥିଲେ। ତେବେ ଯୁଗ ବଦଳିବା ଭଳି ବସ୍ତା ମେଡିକାଲ ୫ଟି ରେ ରୂପାନ୍ତରିତ ହେବା ପରେ ମେଡିକାଲ ରାସ୍ତାକୁ ପ୍ରଶସ୍ତିକରଣ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଦୋକାନ କରିଥିବା ବ୍ୟକ୍ତି ବିଶେଷ ଙ୍କୁ ସ୍ୱ ଇଚ୍ଛାରେ ଉଠିଯିବାକୁ ତହସିଲ ପ୍ରଶାସନ ନୋଟିସ ଦେଇଥିବା ବେଳେ, ଦୋକାନୀ ସମୂହ ଏକତ୍ରିତ ହୋଇ ସେମାନଙ୍କୁ ଥଇଥାନ କରିବାକୁ ତହସିଲଦାର ଙ୍କୁ ନିବେଦନ କରିଛନ୍ତି। ଏଥିସହିତ ଏହାର ଏକକିତା ନକଲ ଜିଲ୍ଲାପାଳ ବାଲେଶ୍ୱର ଙ୍କୁ ପଠାଯାଇଥିବା ଜଣାପଡିଛି।ତହସିଲଦାର ଅତନୁ ପ୍ରଧାନ ଉଚିତ ବିଚାର କରିବେ ବୋଲି କହିଛନ୍ତି।

# ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତିର ଜରୁରୀ ବୈଠକ




ବାଲେଶ୍ୱର, ୨୯/୦୫ (ନି.ପ୍ର): ଜିଲ୍ଲା ଶ୍ରମ ଦପ୍ତରରେ ନିର୍ମାଣ ଶ୍ରମିକ ପଞ୍ଜିକରଣ ଓ ସହାୟତା ପ୍ରଦାନରେ ଅନିୟମିତତା ଅଭିଯୋଗରେ ସୋମବାର ଦିନ ପୂର୍ବାହ୍ନରେ ସିଆଇଟିୟୁର ସଭାଗୃହରେ ନିର୍ମାଣ ଶ୍ରମିକ ସଂଘ ସମନ୍ୱୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସମନ୍ୱୟ ସମିତିର ସଂପାଦକ ତଥା ଆବାହକ ବିଜୟ ପାତ୍ର ଆଲୋଚନାର ବିଷୟ ଅବଗତ କରିଥିଲେ। ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ସମାଧାନରେ ଜିଲ୍ଲା ଶ୍ରମ ଦପ୍ତରର ସ୍ୱଚ୍ଛତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ଅନେକ ସଂଘର ନେତୃତ୍ୱ ଉଦ୍‌ବେଗ ପ୍ରକାଶ କରିଥିଲେ। ତେଣୁ ଆସନ୍ତା ସପ୍ତାହରେ ଜିଲ୍ଲା ଶ୍ରମ ଦପ୍ତର ଅଧିକାରୀମାନଙ୍କ ସହ ସମନ୍ୱୟ ସମିତି ପ୍ରତିନିଧିମାନଙ୍କର ଏକ ଆଲୋଚନା ପାଇଁ ସ୍ଥିର ହୋଇଛି। ଶ୍ରମିକ ସଂଘର ନେତୃତ୍ୱଙ୍କ ବ୍ୟତୀତ କେତେକ ବାହାର ଲୋକ ଶ୍ରମଦପ୍ତରରେ ଅଣଶ୍ରମିକମାନଙ୍କର ପଞ୍ଜିକରଣ ଓ ସହାୟତା ରାଶି ପ୍ରଦାନ ପାଇଁ ପ୍ରତିଦିନ ଗହଳି କରୁଥିବାର ବୈଠକରେ ଅଭିଯୋଗ ହୋଇଥିଲା। ସମନ୍ୱୟ ସମିତି ସହ ସଂଯୁକ୍ତ ସଂଘମାନେ ଶୃଙ୍ଖଳା ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ମେହନତି ମଣିଷର ସ୍ୱାର୍ଥରକ୍ଷା ପାଇଁ ଭୁବନେଶ୍ୱର ସମାବେଶକୁ ସଫଳ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। କୋଷାଧ୍ୟକ୍ଷ ଦାୟିତ୍ୱରେ ଥିବା ସଂଜୟ ସାସମଲଙ୍କୁ ସହାୟତା ପାଇଁ ବେଣୁଧର ମହାନ୍ତିଙ୍କ ନାମ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଏହି ବୈଠକରେ ବିଭିନ୍ନ ଶ୍ରମିକ ସଂଘ ପକ୍ଷରୁ ସର୍ବଶ୍ରୀ ପୀତାମ୍ବର ମାଝୀ, ପ୍ରଶାନ୍ତ ପରିଡ଼ା, ହରିଶ କୁମାର ପାତ୍ର, କୃଷ୍ଣଚନ୍ଦ୍ର ଜେନା, ଗୋପାଳ ନାୟକ, ସୁବ୍ରତ ପ୍ରଧାନ, ସରୋଜ ପାଣିଗ୍ରାହୀ, ଶଶିକାନ୍ତ ବେହେରା, ବିନୟ ପରମାଣିକ, ଶ୍ୟାମସୁନ୍ଦର ଜେନା, ଉମାକାନ୍ତ ଜେନା, ରଂଯୁକ୍ତା ଓଝା ଓ ସନ୍ତୋଷ ରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିକାଶ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo